୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୩୧ ● ୧୧ ଜୁନ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-131 ● 11th June 2026, Thursday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




ଆଫଗାନିସ୍ତାନ ସିରିଜ୍‌ରୁ ବାଦ୍ ପଡ଼ିଲେ ହାର୍ଦ୍ଦିକ ପାଣ୍ଡ୍ୟା

## ମୋଦୀ ସରକାରଙ୍କ ୧୨ ବର୍ଷ ପୂର୍ତ୍ତିରେ କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି

# ଅହମ୍ମଦାବାଦ ମେଟ୍ରୋ ପ୍ରକଳ୍ପକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୧୦।୬**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଏକ ପ୍ରମୁଖ ରାଜନୈତିକ ମାଇଲଖୁଣ୍ଟ ଅତିକ୍ରମ କରି ସମ୍ବିଧାନ ଲାଗୁ ହେବା ପରଠାରୁ ଭାରତର ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟରତ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏହି ଅବସରରେ ସେ ଜନସେବା, ନମ୍ରତା ଓ କର୍ତ୍ତବ୍ୟର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ, ଯାହା ଉତ୍ତମ ଶାସନର ମୂଳଦୁଆ ସୃଷ୍ଟି କରେ ବୋଲି ସେ କହିଛନ୍ତି।

୨୦୧୪ ମସିହା ମେ’ ୨୬ ତାରିଖରେ ପ୍ରଥମ ଥର ପାଇଁ କାର୍ଯ୍ୟଭାର ଗ୍ରହଣ କରିବା ପରେ ସେ ପ୍ରଧାନମନ୍ତ୍ରୀ ଭାବେ ଲଗାତାର ୪,୩୯୯ ଦିନ ପୂରଣ କରିଥିଲେ, ଯାହା ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ରେକର୍ଡକୁ ଅତିକ୍ରମ କରିଥିଲା, ଯିଏକି ୧୯୫୨ ମସିହାର ପ୍ରଥମ ସାଧାରଣ ନିର୍ବାଚନ ପରେ ଏକ ନିର୍ବାଚିତ ସରକାରର ମୁଖ୍ୟ ଭାବରେ ୪,୩୯୮ ଦିନ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରିଥିଲେ।

ଏକ୍ସରେ ପୋଷ୍ଟ ହୋଇଥିବା ଏକ ବାର୍ତ୍ତାରେ ମୋଦୀ କହିଛନ୍ତି ଯେ, ନିଃସ୍ୱାର୍ଥପର ସେବା ଓ ଲୋକଙ୍କ ପ୍ରତି ଉତ୍ସର୍ଗୀକୃତ ହେବା ଦ୍ୱାରା ହିଁ ଜନସାଧାରଣଙ୍କ ବିଶ୍ୱାସ ଅର୍ଜନ



ହୋଇପାରିବ। ଜନସେବା ହେଉଛି ଉତ୍ତମ ଶାସନର ସର୍ବଶ୍ରେଷ୍ଠ ମାପକାଠି ବୋଲି ପ୍ରଧାନମନ୍ତ୍ରୀ ଲେଖିଛନ୍ତି। ନେତୃତ୍ୱ ଉପରେ ଏକ ସଂସ୍କୃତ ଶ୍ଳୋକ ଲେଖି ମୋଦୀ କହିଛନ୍ତି ଯେ ଶାସକମାନେ ନାଗରିକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ରହିବା ଉଚିତ ଏବଂ ନମ୍ରତାର ସହ ଶାସନ କରିବା ଆବଶ୍ୟକ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏନଡିଏ ସରକାରର ୧୨ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର କ୍ୟାବିନେଟ୍‌ର ବୈଠକ ହୋଇଛି। ଏହି ବୈଠକରେ ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରୋଜେକ୍ଟ ବିସ୍ତାର ସହ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। କ୍ୟାବିନେଟ ଅହମ୍ମଦାବାଦ ମେଟ୍ରୋର ଫେଜ୍ ୨ଏ ଅଧିନରେ ୬ କିଲୋମିଟର କରିଡୋରକୁ ମଞ୍ଜୁରୀ ଦେଇଛି। ଏଥିରେ ପାଞ୍ଚଟି ନୂଆ ଷ୍ଟେସନ ନିର୍ମାଣ କରାଯିବ। ଏହା ସହ ଆନ୍ଧ୍ର ପ୍ରଦେଶର ଅମରାବତୀ ସହ ଜଡ଼ିତ ଅନେକ ବଡ଼ ପ୍ରକଳ୍ପକୁ ମଧ ମଞ୍ଜୁରୀ ଦିଆଯାଇଛି। କେନ୍ଦ୍ର ପକ୍ଷରୁ ଅମରାବତୀ ପାଇଁ ଦୁଇଟି ବଡ଼ ଇନଫ୍ରାକ୍ଟଚର ପ୍ରୋଜେକ୍ଟ ଘୋଷଣା କରାଯାଇଛି। ଏଥିରେ ୨୩.୨୫ ଲକ୍ଷ ବର୍ଗ ଫୁଟ୍ ଅଞ୍ଚଳରେ ୧୨୯୯ (ପୃଷ୍ଠା ୭ରେ)

### ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

**ଭୁବନେଶ୍ୱର,୧୦।୬**
**ନ୍ୟୁଜ୍‌ବ୍ୟୁରୋ**

ଦେଶର ସର୍ବାଧିକ ସମୟ ପର୍ଯ୍ୟନ୍ତ ନିରନ୍ତର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରି ନୂଆ ରେକର୍ଡ ସୃଷ୍ଟି କରିଥିବା ନରେନ୍ଦ୍ର ମୋଦୀଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ (ପୃଷ୍ଠା ୭ରେ)

## ‘ଏମ୍‌ଆଇ-୧୭’ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

# ପାଇଲଟଙ୍କ ସହ ୨୦ଯବାନଙ୍କ ମୃତ୍ୟୁ ଆଶଙ୍କା

**ମୁଜାଫରାବାଦ,୧୦।୬**

ପାକିସ୍ତାନ ଅଧୀକୃତ କଶ୍ମୀର (ପିଓକେ)ର ମୁଜାଫରାବାଦ ନିକଟସ୍ଥ ନୀଲମ୍ ଘାଟିରେ ପାକିସ୍ତାନ ସେନାର ଏକ ‘ଏମଆଇ-୧୭’ ସାମରିକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି, ଯେଉଁଥିରେ ପାଇଲଟଙ୍କ ସମେତ ପ୍ରାୟ ୨୦ ଜଣ ଯବାନ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ରିପୋର୍ଟ ଅନୁଯାୟୀ, ହେଲିକପ୍ଟରଟି ଉଡ଼ାଣ ଭରିବା ସମୟରେ ହଠାତ୍ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇ କ୍ରାସ୍ ହୋଇଯାଇଥିଲା। ଘଟଣାସ୍ଥଳକୁ ତୁରନ୍ତ ଉଦ୍ଧାରକାରୀ ଦଳ ପଠାଯାଇଥିଲେ ମଧ ହେଲିକପ୍ଟରରେ ଥିବା କୌଣସି ବି ସଦସ୍ୟ ଜୀବିତ ବଞ୍ଚିନଥିବା ସାମରିକ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି। ପିଓକେରେ ଚାଲିଥିବା ବ୍ୟାପକ ସାଧାରଣ ଆନ୍ଦୋଳନ ଓ ହିଂସାତ୍ମକ ପରିସ୍ଥିତି ଉପରେ ଆକାଶମାର୍ଗରୁ ନଜର ରଖିବା ପାଇଁ ପାକିସ୍ତାନ ସେନା ପକ୍ଷରୁ ଏହି ହେଲିକପ୍ଟରଗୁଡ଼ିକୁ ସେଠାରେ ମୁତୟନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇ ଦିନ ମଧ୍ୟରେ ପାକିସ୍ତାନ ସେନାର ଏହା ଦ୍ୱିତୀୟ ବଡ଼ ହେଲିକପ୍ଟର ଦୁର୍ଘଟଣା। ଏହା ପୂର୍ବରୁ ବେଲୁଚିସ୍ତାନ ଅଞ୍ଚଳରେ ମଧ ସେନାର ଆଉ



ଏକ ହେଲିକପ୍ଟର କ୍ରାସ୍ ହୋଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ସେନା ପକ୍ଷରୁ ମୃତକଙ୍କ ସଠିକ୍ ସଂଖ୍ୟା ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ, ମାତ୍ର ସୂତ୍ର ଅନୁଯାୟୀ ଏହି ରୁଷ-ନିର୍ମିତ ହେଲିକପ୍ଟରରେ ପ୍ରାୟ ୨୦ ଜଣ ସୈନ୍ୟ ଯାତ୍ରା କରୁଥିଲେ। (ପୃଷ୍ଠା ୭ରେ)

# ପତିତପାବନ ଓ ଆନନ୍ଦବଜାରକୁ ଟ୍ରେଡ୍‌ମାର୍କ ସ୍ୱୀକୃତି

**ପୁରୀ,୧୦।୬**
**ନ୍ୟୁଜ୍‌ବ୍ୟୁରୋ**

ଶ୍ରୀଜଗନ୍ନାଥ ମନ୍ଦିରର ପତିତପାବନ ଓ ଆନନ୍ଦବଜାର ନାମକୁ ବୁଧବାର ମିଳିଛି ଟ୍ରେଡମାର୍କ ସ୍ୱୀକୃତି। ଏହାଛଡ଼ା ନୀଳଚକ୍ର ଲୋଗୋ ମଧ ପଞ୍ଜୀକୃତ ହୋଇଛି। ଆଉ ୨୬ ଗୋଟି ଦରଖାସ୍ତ ଇଣ୍ଡିଆ ଟ୍ରେଡମାର୍କ ରେଜେଷ୍ଟ୍ରି ପାଖରେ ବିଚାରାଧୀନ ରହିଛି। ସେଗୁଡ଼ିକ ଖୁବଶୀଘ୍ର ଅନୁମୋଦନ ଲାଭ କରିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ



ସୂଚନା ଦିଆଯାଇଛି। ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ, ପତିତପାବନ, ନୀଳଚକ୍ର ସମେତ ୨୯ ଗୋଟି ନାମର ଟ୍ରେଡମାର୍କ ପଞ୍ଜୀକରଣ ପାଇଁ ଦରଖାସ୍ତ କରାଯାଇଥିଲା। ସେଥିରୁ ତିନି ନାମକୁ ଆଇନଗତ ସ୍ୱୀକୃତି ମିଳିଛି। ଏହିସବୁ ନାମଗୁଡ଼ିକ ଶ୍ରୀଜଗନ୍ନାଥ ସଂସ୍କୃତିର ଐକ୍ୟ, ଐତିହ୍ୟ, ଆଧ୍ୟାତ୍ମିକତା ଓ ସ୍ୱତନ୍ତ୍ରତା ବହନ କରୁଛି। ତେବେ କେତେକ ସଂସ୍ଥା ଏହିସବୁ ନାମଗୁଡ଼ିକୁ ଅନଧିକାର ଭାବେ ବ୍ୟବହାର କରିବା ସହ ଜଗନ୍ନାଥ ପ୍ରେମୀଙ୍କୁ ଭ୍ରମିତ କରୁଥିବା ଅଭିଯୋଗ ହୋଇଛି। ତେଣୁ ଶ୍ରୀମନ୍ଦିର ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବା ଶବ୍ଦ ଓ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଜମ୍ମୁ-କଶ୍ମୀର ନିୟନ୍ତ୍ରଣ ରେଖା ନିକଟରେ ବିସ୍ଫୋରଣ, ଦୁଇ ସେନା କର୍ମଚାରୀ ସହିଦ।
- ମଣିପୁରର ଉଖରୁଲ ଜିଲ୍ଲାରେ ନିଖୋଜ ଛଅ ଜଣ ନାଗା ପୁରୁଷଙ୍କ ମୃତଦେହ ଉଦ୍ଧାର।
- ପଶ୍ଚିମବଙ୍ଗର ପାନାଗଡ଼ରେ ଚାରୋଟି ମାଲ୍‌ବାହୀ ଟ୍ରେନ କୋଚ୍ ଲାଇନଚ୍ୟୁତ।
- ମଣିପୁରରେ ୧୪ ଜଣ କୁକି ବନ୍ଧକଙ୍କ ମୁକ୍ତିକୁ ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ।
- ଭୁବନେଶ୍ୱର ଶ୍ରୀୟା ଛକରେ ଦୁର୍ଘଟଣା ଘଟାଇଲା ଆମ ବସ୍।
- ଏସଆଇଆରରେ ସାମିଲ ହୋଇ ଏନ୍ୟୁମରେସନ ଫର୍ମ ଦାଖଲ କଲେ ମୁକେଶ ମହାଲିଙ୍ଗ।
- ଆସନ୍ତା ଦୁଇରୁ ତିନି ଦିନ ମଧ୍ୟରେ ମୌସୁମୀ ବାୟୁ ରାଜ୍ୟରେ ପ୍ରବେଶ କରିପାରେ।
- ଗ୍ରାମୀଣ ବିକାଶ ଯୋଜନା ଅଧୀନରେ ଓଡ଼ିଶାକୁ ୩,୭୬୩ କୋଟି ଟଙ୍କା ମଞ୍ଜୁର।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୮୮୬ (-୪୩୦)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୪୫ (-୩୯୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୬୪ (-୩୨୩)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୦ (-୧୦)

# ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ ନେଇ ଡିଜିପିଙ୍କ ସମୀକ୍ଷା

**କଟକ,୧୦।୬**
**ନ୍ୟୁଜ୍‌ବ୍ୟୁରୋ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମୟୂରଭଞ୍ଜ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଡିଜିପି ଯୋଗେଶ ବାହାଦୂର ଖୁରାନିଆ। ଚଳିତ ମାସ ୧୯ ଓ ୨୦ ତାରିଖରେ ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ନିର୍ବିଘ୍ନ ଭାବେ ସମ୍ପନ୍ନ କରିବା ନିମନ୍ତେ ବୁଧବାର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଡିଜିପି ଭିଭିଆଇପିଙ୍କ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ





ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୁରକ୍ଷା ବ୍ୟବସ୍ଥାରେ କୌଣସି ପ୍ରକାର ତ୍ରୁଟି କିମ୍ବା ବ୍ୟତିକ୍ରମ ନ ଘଟିବା ପାଇଁ ପ୍ରତ୍ୟେକ ବ୍ୟବସ୍ଥାର ନିୟମିତ ସମୀକ୍ଷା ଓ ତଦାରଖ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଜନସମାଗମ ହେବାର ସମ୍ଭାବନା (ପୃଷ୍ଠା ୭ରେ)

# ଓଇଆରସିର ସଦସ୍ୟ ଭାବେ ଶପଥ ନେଲେ ସୁଧାଂଶୁ ଶେଖର ବଡ଼ପଣ୍ଡା

**ଭୁବନେଶ୍ୱର,୧୦।୬**
**ନ୍ୟୁଜ୍‌ବ୍ୟୁରୋ**

ସୁଧାଂଶୁ ଶେଖର ବଡ଼ପଣ୍ଡା ବୁଧବାର ଭୁବନେଶ୍ୱରସ୍ଥିତ ଓଇଆରସିର ଶୁଣାଣି ପ୍ରକୋଷ୍ଠରେ ଆୟୋଜିତ ଏକ ସମାରୋହରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ବୃନ୍ଦ ଏବଂ ଆୟୋଗର ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ।

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ରାଜ୍ୟର



ବିଦ୍ୟୁତ କ୍ଷେତ୍ରର ନିୟନ୍ତ୍ରଣ ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ, ଯେଉଁଥିରେ ଶୁଳ୍କ (ପୃଷ୍ଠା ୭ରେ)

# ୧୫ ଆଇପିଏସ୍‌ଙ୍କୁ ୧୭ଟି ଜିଲ୍ଲାର ଦାୟିତ୍ୱ

**ଭୁବନେଶ୍ୱର,୧୦।୬**
**ନ୍ୟୁଜ୍‌ବ୍ୟୁରୋ**

୧୫ ଜଣ ଆଇପିଏସ ଅଧିକାରୀଙ୍କୁ ୧୭ଟି ଜିଲ୍ଲାର ସ୍ୱତନ୍ତ୍ର ନିରୀକ୍ଷଣ ଓ ତଦାରଖ ଦାୟିତ୍ୱ ପ୍ରଦାନ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଦାୟିତ୍ୱ ପ୍ରଦାନ କରାଯାଇଛି।

ସେହିପରି ସ୍ପେଶାଲ ଅପରେସନ୍ ଏଡିଜି ସଞ୍ଜୀବ ପଣ୍ଡାଙ୍କୁ କୋରାପୁଟ ଓ ରାୟଗଡ଼ା ଦାୟିତ୍ୱ, ଅନ୍ୟ ୧୩ ଆଇପିଏସ ଅଫିସରଙ୍କୁ ଗୋଟିଏ ଲେଖାଏଁ ଜିଲ୍ଲା ନିରୀକ୍ଷଣ ଦାୟିତ୍ୱ, ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଜଗତସିଂହପୁର ଜିଲ୍ଲା ନିରୀକ୍ଷଣ ଦାୟିତ୍ୱ, ରେଳବାଇ ଏଡିଜି ଅରୁଣ ବୋଥ୍ରାଙ୍କୁ ଅନୁଗୁଳ ଜିଲ୍ଲା ତଦାରଖ ଦାୟିତ୍ୱ ଦିଆଯାଇଥିବା ବେଳେ ଆଇନ ଓ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାରଙ୍କୁ ସମ୍ବଲପୁର ଜିଲ୍ଲା ଦାୟିତ୍ୱ, ଏଡିଜି ରାଜେଶ କୁମାରଙ୍କୁ ନୟାଗଡ଼, ଏଡିଜି ପ୍ରତୀକ ମହାନ୍ତିଙ୍କୁ ଯାଜପୁର, ଏଡିଜି ଯତୀନ୍ଦ୍ର କୋଏଲଙ୍କୁ କଳାହାଣ୍ଡି, ଏଡିଜି ଏସ୍.ସାଇନିଙ୍କୁ ବଲାଙ୍ଗୀର, ଆଇଜି ଏସ ପ୍ରବୀଣ କୁମାରଙ୍କୁ କନ୍ଧମାଳ, ଆଇଜି ଦୀପକ କୁମାରଙ୍କୁ ମାଲକାନଗିରି, ଅନୁପ ସାହୁଙ୍କୁ ପୁରୀ, ଅବିନାଶ କୁମାର ମୟୁରଭଞ୍ଜ ଓ ସାର୍ଥକ ଷଡ଼ଙ୍ଗୀ କେନ୍ଦ୍ରାପଡ଼ା, ଆଇଜି ଗଜଭିୟେ ସତୀଶ କୁମାର ଈଶ୍ୱରଦାସଙ୍କୁ ଢେଙ୍କାନାଳ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଛି। ଆସନ୍ତା ଜୁଲାଇରୁ ସମୀକ୍ଷା ଓ ଯାଞ୍ଚ ପାଇଁ (ପୃଷ୍ଠା ୭ରେ)

# ସ୍ନାତକ ପାଠ୍ୟକ୍ରମରେ ନାମଲେଖା ଆବେଦନ ସମୟସୀମା ବୃଦ୍ଧି

**ଭୁବନେଶ୍ୱର,୧୦।୬**
**ନ୍ୟୁଜ୍‌ବ୍ୟୁରୋ**

ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ସମୟସୀମା ବୃଦ୍ଧି ହୋଇଛି। ଛାତ୍ରଛାତ୍ରୀମାନେ ଜୁନ୍ ୧୬ ତାରିଖ ଯାଏଁ ସାମ୍ସ ପୋର୍ଟାଲକୁ ଯାଇ ସ୍ନାତକ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜୁନ୍ ୨୨ ତାରିଖ ଅପରାହ୍ନ ୨ ଘଟିକାରେ ପ୍ରଥମ ମେଧା ତାଲିକା ପ୍ରକାଶିତ ହେବ। ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ, ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲରେ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିବା ସମୟରେ ନିଜ ପସନ୍ଦ ଅନୁଯାୟୀ ମୁଖ୍ୟ ବିଷୟ, ଉପ ବିଷୟ (ମେଜର, ମାଇନର ସବଜେକ୍ଟ) ଚୟନ କରିପାରିବେ। ଆପ୍ରେଣ୍ଟିସିପ୍ ଏମବେଡ଼େଡ଼ ଡିଗ୍ରୀ ପାଠ୍ୟକ୍ରମ ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ମଧ ଉକ୍ତ ପାଠ୍ୟକ୍ରମ ପାଇଁ ଆବେଦନ କରିପାରିବେ।

ଏଥିସହ ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକ ପାଠ୍ୟ (ପୃଷ୍ଠା ୭ରେ)





## ଏକାଳ ପଖାଳ



ସଜଡ଼ା ସଜଡ଼ି କରିବା ପାଇଁକି
କସରତ ଝାଳ ନାଳ
ପଡ଼ୋଶୀ ରାଜ୍ୟଙ୍କ ଅବସ୍ଥାକୁ ଦେଖି
ସୁଧାରିବାର ଏ ବେଳ
ମୁଣ୍ଡପରେ ଅଛି କାଳ
ମନ ଫଟାଫଟି ନ ଯୋଡ଼ି ପାରିଲେ
ଦଳର ବାଜିବ ତାଳ!!

# ବାହାରିନ୍‌ରେ ପହଞ୍ଚିଲା ଇରାନ-ଆମେରିକା ଯୁଦ୍ଧ



**ତେହେରାନ୍,୧୦।୬**

ଇରାନ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ଯୁଦ୍ଧ ପାରସ୍ୟ ଉପସାଗରର ବାହାରିନ୍‌ର ରାଜଧାନୀ ମାନାମାରେ ପହଞ୍ଚିଛି। ଇରାନର ଇସଲାମିକ୍ ରିଭୋଲ୍ୟୁସନ୍ ଗାର୍ଡ କର୍ପସ (ଆଇ.ଆର.ଜି.ସି.) ଦକ୍ଷିଣ ଇରାନ ଉପରେ ଆମେରିକାର ଆକ୍ରମଣର ଜବାବରେ ବୁଧବାର ସକାଳେ ବାହାରିନର ରାଜଧାନୀ ମାନାମାରେ ଥିବା ୟୁ.ଏସ୍. ନାଭାଲ ସେଣ୍ଟ୍ରାଲ୍ କମାଣ୍ଡ ମୁଖ୍ୟାଳୟ ଉପରେ ଡ୍ରୋନ୍ ଆକ୍ରମଣ କରିଥିବା ଦାବି କରିଛି। ଆମେରିକା ସେନାର ସେଣ୍ଟ୍ରାଲ କମାଣ୍ଡ କହିଛି ଯେ ଆତ୍ମରକ୍ଷାର ଜବାବରେ ଦକ୍ଷିଣ ଇରାନ ଉପରେ ଆକ୍ରମଣ କରିଛି। ସୋମବାର ଦିନ ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ଆମେରିକାର ଯୁଦ୍ଧ ହେଲିକପ୍ଟର ଆପାଚି ଗୁଳିମାଡ଼ର ପ୍ରତିକ୍ରିୟାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା।

ତେହେରାନର ଅଧିକାରୀମାନେ କହିଛନ୍ତି ଯେ ସେମାନେ ଯେକୌଣସି ଆକ୍ରମଣର ମୁକାବିଲା ପାଇଁ ଇରାନର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ବୁଶେର୍ ଉପରେ ଇରାନ ଏକ ହେଲିକପ୍ଟର ଏବଂ ଏକ ଆମେରିକୀୟ ଡ୍ରୋନ୍ (ଏମକ୍ୟୁ-୯)କୁ ଗୁଳି କରି ଖସାଇ ଦେଇଛି। ଇତି ମଧ୍ୟରେ, ଆଇ.ଆର.ଜି.ସି. ଏବଂ ଖତମ୍ ଅଲ୍-ଅନ୍ବିଆ ମୁଖ୍ୟାଳୟ ନିଶ୍ଚିତ (ପୃଷ୍ଠା ୭ରେ)

# ଏସ୍‌ଆଇଆର : ୧୨ ଦିନରେ ୯୪.୩୭% ଭୋଟରଙ୍କ ପାଖରେ ପହଞ୍ଚିଲା ଫର୍ମ

**ଭୁବନେଶ୍ୱର,୧୦।୬**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) କାର୍ଯ୍ୟକ୍ରମ ଦ୍ୱାଦଶ ଦିନରେ ବଡ଼ ସଫଳତା ହାସଲ କରିଛି। ରାଜ୍ୟରେ ଏପର୍ଯ୍ୟନ୍ତ ୯୪.୩୭ ପ୍ରତିଶତ ଭୋଟରଙ୍କ ନିକଟରେ ଗଣନା ଫର୍ମ ପହଞ୍ଚାଇବାରେ ବୁଥ୍‌ସ୍ତରୀୟ ଅଧିକାରୀମାନେ ସଫଳ ହୋଇଛନ୍ତି।

ସରକାରୀ ସୂଚନା ଅନୁସାରେ, ରାଜ୍ୟର ମୋଟ ୩ କୋଟି ୧୫ ଲକ୍ଷ ୧୮ହଜାର ୪୧୨ଜଣ ଭୋଟରଙ୍କୁ ଫର୍ମ ବଣ୍ଟନ କରାଯାଇଛି, ତନ୍ମଧ୍ୟରୁ ୩୯ଲକ୍ଷ ୮୩ହଜାର ୪୮୬ ଜଣ ଭୋଟରଙ୍କର ଡିଜିଟାଇଜ୍ କରାଯାଇଛି। ସଂଶୋଧନ ପ୍ରକ୍ରିୟାରେ ଫର୍ମ ବଣ୍ଟନ ଓ ଦାଖଲର ଶେଷ ତାରିଖ ଜୁନ୍ ୨୮ ରହିଛି। ତେଣୁ ଯେଉଁ ଭୋଟରମାନେ ଏପର୍ଯ୍ୟନ୍ତ ଫର୍ମ ଦାଖଲ କରିନାହାନ୍ତି, ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସ୍ଥାନୀୟ ବିଏଲଓଙ୍କ ନିକଟରେ ଫର୍ମ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

ଏହାବ୍ୟତୀତ ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍‌ରୁ ଏହି ଫର୍ମ ଡାଉନଲୋଡ୍ କରି, ତଥ୍ୟ ପୂରଣ କରି ନିଜେ ମଧ ଅପଲୋଡ୍ କରିପାରିବେ। ନିର୍ଦ୍ଧାରିତ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୧ ଜୁନ୍ ୨୦୨୬ ଗୁରୁବାର





# କାଳ ବୈଶାଖୀ ତାଣ୍ଡବରେ ଜନଜୀବନ ଅସ୍ତବ୍ୟସ୍ତ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ବ୍ଲକର ବିଭିନ୍ନ ଅଞ୍ଚଳରେ ଘଡ଼ ଘଡି ବର୍ଷା ଓ କାଳବୈଶାଖୀ ତାଣ୍ଡବରେ ଜନଜୀବନ ଅସ୍ତବ୍ୟସ୍ତ ହେଇପଡିଛି । ସୂଚନା ଅନୁସାରେ ମଙ୍ଗଳବାର ଅପରାହ୍ନ ୩ଟାରୁ ଆକାଶ ମେଘାଚ୍ଛନ୍ନ ହେଇଆସିଥିଲା । ପରେ ପରେ ଜୋର୍‌ରେ ପବନ ବର୍ଷା ହେଇଥିଲା । ଯେଉଁଥିପାଇଁ ଧୋଡ୍ରା, ସିଙ୍ଗସାରୀ, ବଡ ଭରଣ୍ଡୀ, ପୂଜାରୀଗୁଡା, ବାଟିବେଡା, ପୋଡଗଡ଼ ସମେତ ବିଭିନ୍ନ ଅଞ୍ଚଳରେ ବଡ଼ ବଡ଼ ଗଛ ପଡିବା ସହ କେତେ ଜାଗାରେ ଘର ଭାଙ୍ଗି ଯାଇଥିବାର ଅଭିଯୋଗ ହେଇଛି । ସେହିପରି ବିଜୁଳି, ଘଡ଼ ଘଡି ପଡି ବହୁ ଜାଗାରେ ଇଲେକ୍ଟ୍ରି ତାର ସମେତ ଖୁଣ୍ଟ ଭାଙ୍ଗି ଯାଇଥିବା ସୂଚନା ମିଳିଛି । ଗଛ ପଡି ରାସ୍ତା ଅବରୋଧ ହୋଇଥିବାରୁ ବହୁ ଜାଗାରେ ଗଛ କାଟିବାକୁ ଅଗ୍ନିଶମ ବାହିନୀ ପହଞ୍ଚି ରାସ୍ତା ସଫା କରିଥିଲେ ମଧ ଅନେକ ସ୍ଥାନରେ ଏବେବି ଗଛ ପଡ଼ିଥିବା ଜଣାପଡିଛି । ସେହିପରି ବଡଭରଣ୍ଡୀ ପଞ୍ଚାୟତ ଗାଇଝୋରୀ ଗ୍ରାମର ସରକାରୀ ବିଦ୍ୟାଳୟ ଉପରେ ଗଛ ପଡିଯିବାରୁ ବିଦ୍ୟାଳୟର ସାମ୍ନା ଭାଗ କ୍ଷତିଗ୍ରସ୍ତ ହୋଇଛି । ଅନେକ ସ୍ଥାନରେ ସନ୍ଧ୍ୟା ସାତଟା ସୁଦ୍ଧା ବର୍ଷା ବିଜୁଳି ଜାରି ରହିଥିବାରୁ ସାଧାରଣ ଲୋକଙ୍କ ଜନଜୀବନ ଅସ୍ତ୍ୟବ୍ୟସ୍ତ ହେଇପଡିଛି । ଅଦିନିଆ ମେଘରେ ଲୋକଙ୍କ ଖଳାରେ ମକା ପଡି ଭିଜିଯାଇଥିବାରୁ ଚାଷୀ ହତାଶ ହେଇଛନ୍ତି । ଖବର ଲେଖା ପର୍ଯ୍ୟନ୍ତ ଅନେକ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଆସିନଥିବା ବେଳେ ମରାମତି କାମ ଯୁଦ୍ଧ କାଳୀନ ଭିତ୍ତିରେ ଚାଲିଛି ବୋଲି ଉମରକୋଟ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଜଣାଇଛନ୍ତି ।



# ଦଳିତ ସାହି ରାସ୍ତା ଶୋଚନୀୟ:ଯାତାୟାତ ବାଧାପ୍ରାପ୍ତ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ଗ୍ରାମର ୧୩ ନମ୍ବର ୱାର୍ଡର ଦଳିତ ସାହି ରାସ୍ତା ଅତି ଶୋଚନୀୟ ହୋଇପଡିଛି । ରାସ୍ତାରେ ଯାତାୟାତ କରିବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି । ଏହି ରାସ୍ତାରେ ବରିଷ୍ଠ ନାଗରିକ, ବୃଦ୍ଧ/ବୃଦ୍ଧା ଓ ସ୍କୁଲ୍ ଛାତ୍ର/ଛାତ୍ରୀ ଓ ଅନ୍ୟାନ୍ୟ ଜରୁରୀ କାଳୀନ ଗାଡି ଯାତାୟାତ କରିପାରୁନାହିଁ । ଏହି ଗ୍ରାମରେ ବସବାସ କରୁଥିବା ଦଳିତ ଲୋକମାନଙ୍କର ଆର୍ଥିକ ଅବସ୍ଥା ଭଲନଥିବାରୁ ଦୀର୍ଘ ବର୍ଷ ଧରି ବାସଗୃହକୁ ଯିବାପାଇଁ ସରକାରୀ ଜମିକୁ ରାସ୍ତା ଭାବରେ ବ୍ୟବହାର କରିଆସୁଛନ୍ତି । ଏ ପର୍ଯ୍ୟନ୍ତ ଏହି ରାସ୍ତାଟି ସରକାରୀ ମାନ୍ୟତା ପାଇପାରିନାହିଁ । ଏବଂ ନକ୍ସାରେ ମଧ ଲିପିବଦ୍ଧ ହୋଇନାହିଁ । ଯାହାଫଳରେ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ରାସ୍ତାକୁ ସରକାରୀ ମାନ୍ୟତା ଦେବା ସହ ନୂତନ ରାସ୍ତା ନିର୍ମାଣ କରିବା ପାଇଁ ଭଗବାନ ଜେନା, ରମେଶ ଚନ୍ଦ୍ର ଜେନା, ମିନତୀ ଜେନା, ଲିପ୍ସା ଜେନା, ରଜନୀ ସାମଲ, ଲକ୍ଷ୍ମୀ ଜେନା ପ୍ରମୁଖ ଦାବି କରିଛନ୍ତି ।

# ସିଏମ୍‌ସି ନିର୍ବାଚନ ପାଇଁ ବିଜେପିର ବଡ଼ ରଣନୀତି

**କଟକ, ନ୍ୟୁଜ୍ ବ୍ୟୁରୋ**

ଚର୍ଚ୍ଚାରେ କଟକ ରାଜନୀତି । କଟକ ବିଜେଡିରେ ଜଣଙ୍କ ପରେ ଜଣେ ବଡ଼ ନେତା ଦଳ ଛାଡୁଛନ୍ତି । ପ୍ରଭାତ ବିଶ୍ୱାଳ, ଚନ୍ଦ୍ର ସାରଥୀ ବେହେରା ଓ ରଞ୍ଜନ ବିଶ୍ୱାଳଙ୍କ ଭଳି ହେଭିୱେଟ୍ ଏହି ତାଲିକାରେ ଅଛନ୍ତି । ଫଳରେ ବିଜେପି ଧୀରେ ଧୀରେ ଅଧିକ ଶକ୍ତିଶାଳୀ ହେଉଛି । ବର୍ତ୍ତମାନ ସିଏମ୍‌ସିରେ ୫୯ ଜଣ ନିର୍ବାଚିତ କର୍ପୋରେଟର ଅଛନ୍ତି । ସେଥିମଧ୍ୟରୁ ୬ ଜଣ କଟକ ସଦରରୁ ଥିବାବେଳେ ୨୧ ଜଣ କଟକ-ଚୌଦ୍ୱାରରୁ ଅଛନ୍ତି । ୩୨ ଜଣ କର୍ପୋରେଟର କଟକ-ବାରବାଟୀରୁ ରହିଛନ୍ତି । ତେଣୁ ବିଜେଡି ଛାଡୁଥିବା ନେତାଙ୍କ ସହ ରହିବେ ସେମାନଙ୍କ ଅନୁଗତ କର୍ପୋରେଟରମାନେ । ଯାହା ଆଗାମୀ ନିର୍ବାଚନରେ ବିଜେପିକୁ ଅଧିକ ଶକ୍ତିଶାଳୀ କରିବ । ସେପଟେ ଏଭଳି ଆକଳନକୁ ଅବାସ୍ତବ ଓ ଭିତ୍ତିହୀନ ବୋଲି କହିଛନ୍ତି କଟକ ମେୟର । ଅନ୍ୟପକ୍ଷରେ କଟକ ସହରରେ ଦିନକୁ ଦିନ କଂଗ୍ରେସ ମଧ ଦୁର୍ବଳ ହେବାରେ ଲାଗିଛି । ଓଡ଼ିଶା ଜନତା କଂଗ୍ରେସ ଗଠନ ପରେ କଟକ-ବାରବାଟୀରୁ ମହମ୍ମଦ ମୋକିମ୍ ଓ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଅନୁଗତ କର୍ପୋରେଟରମାନେ ମଧ୍ୟ ଆଗମୀ ଦିନରେ ମୋକିମଙ୍କ ନୂଆ ଦଳକୁ ଯାଇପାରନ୍ତି । ଯାହା କଂଗ୍ରେସକୁ ବଡ଼ ଝଟ୍‌କା ଦେବ । ତେବେ ଆଗାମୀ ଦିନରେ କଟକ ମହାନଗର ନିଗମ କାହା ହାତକୁ ଯାଉଛି ତାହା ଦେଖିବାକୁ ବାକି ରହିଲା ।

# ଦୁଇ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

**ସାଲେପୁର, ନ୍ୟୁଜ୍**

ମଙ୍ଗଳବାର ଅପରାହ୍ନରେ କଳିଙ୍ଗ ଟିଭିର ସାମ୍ବାଦିକ ଲକ୍ଷ୍ମଣ ଦାସ ଓ ନ୍ୟୁଜ୍ ସେଭେନ୍‌ର କ୍ୟାମେରା ମ୍ୟାନ୍ ସଞ୍ଜୟ ବେହେରା ଖବର ସଂଗ୍ରହ କରିବାକୁ ଯାଉଥିବା ସମୟରେ ନେମାଳ ଥାନା ନରେନ୍ଦ୍ରପୁର ଫାଣ୍ଡି ଗଡ଼ିଜଙ୍ଗ ଠାରେ ୫ରୁ୬ ଜଣ ଅସାମାଜିକ ଯୁବକ ତାଙ୍କୁ ଏକ କାର୍ ଯୋଗେ ପିଛା କରି ସେମାନଙ୍କ ବାଇକ୍ ଆଗରେ କାର୍‌କୁ ରଖିଦେଇଥିଲେ । ସାମ୍ବାଦିକ ଦ୍ୱୟ ଗାଡ଼ିରୁ ଓହ୍ଲାଇବା ମାତ୍ରେ ଦୁର୍ବୃତ୍ତମାନେ ଲୁହାରଡ଼ ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ । ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଆସିଯିବାରୁ ଆକ୍ରମଣକାରୀ ମାନେ କାର୍ ନେଇ ଫେରାର୍ ହୋଇଯାଇଥିଲେ । ଖବରପାଇ ନରେନ୍ଦ୍ରପୁର ଫାଣ୍ଡି ପୋଲିସ ଓ ସ୍ଥାନୀୟ ଲୋକେ ନିଶ୍ଚିନ୍ତକୋଇଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ସାମ୍ବାଦିକ ଲକ୍ଷ୍ମଣ ଦାସ ଗୁରୁତର ଆହାତ ହୋଇଥିବାରୁ ସେ କଟକ ମେଡ଼ିକାଲ୍‌ରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ବିଭିନ୍ନମହଲରେ ଦାବି ହୋଇଛି । ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ଦୁର୍ବୃତ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରାଯାଇଛି ।



# ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ଅଚାନକ୍ ପରିଦର୍ଶନ କଲେ ଜିଲ୍ଲାପାଳ:ସ୍ଥାୟୀ ବିଶ୍ରାମଗାର ନିର୍ମାଣ ପାଇଁ ନିର୍ଦ୍ଦେଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୋନପୁର ସହରର ଅସ୍ଥାୟୀ ବସ୍‌ଷ୍ଟାଣ୍ଡକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଅଚାନକ୍ ପରିଦର୍ଶନ କରିଥିଲେ । ବସ୍‌ଷ୍ଟାଣ୍ଡ ଠାରେ ଥିବା ଯାତ୍ରୀଙ୍କ ପାଇଁ ସ୍ଥାୟୀ ବିଶ୍ରାମଗାର ଓ ବିଭିନ୍ନ ମୌଳିକ ସୁବିଧା ତୁରନ୍ତ ଯୋଗାଇ ଦେବା ପାଇଁ ପୌରପରିଷଦ ଅଧିକାରୀ ରଷି ମାଝୀ ଓ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ କରିଥିଲେ । ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟର ସ୍ୱଚ୍ଛତା, ବିଦ୍ୟୁତ୍ କରଣ, ରାତ୍ରୀ କାଳୀନ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା, ବସ୍‌ଷ୍ଟାଣ୍ଡ୍‌ରେ ଥିବା ଅସ୍ଥାୟୀ ଦୋକାନୀମାନେ ଆଗକୁ ମାଡ଼ି ଆସିଥିବାରୁ ସଙ୍କୁଚିତ ହେଉଥିବା ବସ୍‌ଷ୍ଟାଣ୍ଡକୁ ପ୍ରସାରିତ କରିବା ପାଇଁ ଓ ଅଘଟଣକୁ ରୋକିବାକୁ ଦୋକାନ ସବୁ ଉଚ୍ଛେଦ କରାଯିବା ସହ ଦୋକାନୀଙ୍କୁ ପଛକୁ ସ୍ଥାନାନ୍ତର କରି ସୀମିତ ବା ନିର୍ଦ୍ଧିଷ୍ଟ ଜାଗା ବ୍ୟବସ୍ଥା କରାଯିବାକୁ ପୌରପରିଷଦ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, କନିଷ୍ଠଯନ୍ତ୍ରୀ କାହ୍ନୁଚରଣ ସ୍ୱାଇଁ, ଯୁବନେତା ପ୍ରଭାତ କିଶୋର ଦାନୀ, ପୌରପରିଷଦ ଅମିନ ଓ ଅନେକ କର୍ମଚାରୀ ଉପସ୍ଥିତ ଥିଲେ ।



# ଧାମନଗରରେ ବାଲିଘାଟରେ ଚଢ଼ଉ:ପ୍ରୋକଲିନ୍ ସହ ୨ ଟ୍ରାକ୍ଟର ଜବତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ତହସିଲ ଅଞ୍ଚଳରେ ଦୀର୍ଘଦିନ ହେବ ଚାଲିଆସିଥିବା ବେଆଇନ୍ ବାଲି ଓ ମାଟି ଲୁଟ୍ ଉପରେ ପ୍ରଶାସନ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଆନନ୍ଦପୁର ପଞ୍ଚାୟତର ଉଡେଇପୁର ଗାଁ ମଲ୍ଲିମାହାରା ଓ ମାନଲାପୁର କଚେରୀ ବାଡ଼ି ନିକଟସ୍ଥ ବୈତରଣୀ ନଦୀ ଗର୍ଭରୁ ଚୋରାରେ ବାଲି ଉତ୍ତୋଳନ ହେଉଥିବା ଖବରପାଇ ଭଦ୍ରକ ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀ ଏକ ପୋଲିସ ଟିମ୍ ସହ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଛନ୍ତି । ଏହି ଚଢ଼ଉ ସମୟରେ ବେଆଇନ୍ ଖନନରେ ନିୟୋଜିତ ୨ଟି ଟ୍ରାକ୍ଟର ଏବଂ ଗୋଟିଏ ପ୍ରୋକଲିନ୍ ମେସିନ୍ ଜବତ କରାଯାଇଛି । ଜବତ ଟ୍ରାକ୍ଟର ଦ୍ୱୟକୁ କନିଷ୍ଠ ଖଣି ଅଧିକାରୀ ଥାନାରେ ଜିମା ଦେଇଥିବା ବେଳେ ପୂର୍ବରୁ ମଧ ଗଚ୍ଛିତ ବାଲି ଉପରେ ପ୍ରଶାସନ ଫାଇନ୍ କାଟିଥିଲା । ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ଉଡେଇପୁର ୧ ଓ ୨ ବାଲିଘାଟର ନିଲାମ ଅବଧି ୨୦୨୨ରୁ ସରିଥିଲେ ବି ସଂପୃକ୍ତ ନିଲାମଧାରୀ ଓ କେତେକ ଅସାଧୁ କର୍ମଚାରୀଙ୍କ ସହ ସୁସମ୍ପର୍କ ରଖି ବେଆଇନ୍ କାର୍ଯ୍ୟ ଜାରି ରଖିଛନ୍ତି । ଏନେଇ କୋର୍ଟ ଓ ଜାତୀୟ ସବୁଜ ପ୍ରାଧିକରଣରେ ମାମଲା ବିଚାରାଧୀନ ଥିଲେ ସୁଦ୍ଧା ମାଫିଆଙ୍କ ଦୌରାତ୍ମ୍ୟ କମିନାହିଁ । କେବଳ ବାଲି ନୁହେଁ, ସଂପୃକ୍ତ ବ୍ୟକ୍ତିଜଣକ ବୈତରଣୀ ନଦୀ ମଝିରେ ଥିବା ପ୍ରାୟ ୨୦ ଏକର ଜମିର ଏକ ବିରାଟ କୁଦକୁ ନିଜ ପ୍ରୋକଲିନ୍ ସାହାଯ୍ୟରେ ରାତି ଅଧରେ ତାଡ଼ି ମାଟି ଓ ବାଲିଆ ମାଟି ବିକ୍ରି କରିଦେଇଛନ୍ତି । ଗତ ମାସେ ହେଲା ଦୈନିକ ୧୫ରୁ ୨୦ ବଡ଼ ବଡ଼ ହାଇୱା ଗାଡ଼ିରେ ଏହି ମାଟି ଚୋରା ଚାଲାଣ ହେଉଥିଲା । ଏହି ପ୍ରଶାସନିକ ଚଢ଼ଉ ପରେ ସ୍ଥାନୀୟ ବାଲି ମାଫିଆଙ୍କ ମହଲରେ ଛନକା ପଶିଥିବା ବେଳେ ନଦୀ ଓ ପରିବେଶର ସୁରକ୍ଷା ପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ନିୟମିତ ଜାରି ରଖିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି ।

# ଛୁଆ ଚୋର ସନ୍ଦେହରେ ଯୁବକଙ୍କୁ ଅଟକ, ଭିଡ଼ିଓ ଭାଇରାଲ୍

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଆମ୍ଭଝରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦେବନ୍ଧ ନିକଟ ଡିମିରିଖୋଲ ଗ୍ରାମରେ ଜଣେ ଯୁବକଙ୍କୁ ଦଉଡିରେ ବାନ୍ଧି ଗ୍ରାମବାସୀ ଉତ୍ତମ ମଧ୍ୟମ ଦେବା ଘଟଣା ସାମାଜିକ ଗଣ ମାଧ୍ୟମରେ ଭାଇରାଲ୍ ହେଉଛି । ମିଳିଥିବା ସୂଚନା ଅନୁଯାୟୀ ଶନିବାର ରାତିରେ ଡିମିରି ଖୋଲ ଗ୍ରାମରେ ଗ୍ରାମବାସୀ ଜଣେ ସନ୍ଦିଗ୍ଧ ଯୁବକଙ୍କୁ ଦେଖି ଛୁଆ ଚୋର ଭାବି ଧରିଥିଲେ । ତାକୁ ଦଉଡିରେ ବାନ୍ଧି ଉତ୍ତମ ମଧ୍ୟମ ଦେଇଥିଲେ । ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଓ ଖବର ଚ୍ୟାନେଲ୍‌ରେ ଉକ୍ତ ଖବର ଭାଇରାଲ୍ ହେବା ପରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମନରେ ଛୁଆ ଚୋର ଆତଙ୍କ ଖେଳିଯାଇଛି । ଓଡ଼ିଆ ଭାଷା ବୁଝୁନଥିବା ଉକ୍ତ ଯୁବକ ମାନସିକ ବିକୃତ ଥିବା ଜାଣିପାରି ସକାଳେ ଡିମିରିଖୋଲ ଲୋକେ ତାକୁ ଆଣି ଦେବନ୍ଧ ନିକଟ ମୁଖ୍ୟ ରାସ୍ତାରେ ଛାଡିଦେଇଥିଲେ । ପୂର୍ବରୁ କିଛିଦିନ ତଳେ ମଧ ଉକ୍ତ ଯୁବକଙ୍କୁ ନିକଟସ୍ଥ ତରଭା ଓ ଆଖପାଖ ବିଭିନ୍ନ ଗ୍ରାମର ଲୋକେ ସନ୍ଦେହରେ ଧରି ପଚରା ଉଚୁରା କରି ମାନସିକ ବିକୃତି ଥିବା ଜାଣିବା ପରେ ଛାଡି ଦେଇଥିଲେ । ଖବରପାଇ ବଘିଆପଡା ଫାଣ୍ଡି ପୋଲିସ ଦେବନ୍ଧ ନିକଟରୁ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ବୌଦ୍ଧ ଆଣି ଛାଡି ଦେଇଥିବା ସୂଚନା ମିଳିଛି । ବଘିଆପଡା ଫାଣ୍ଡି ଅଧିକାରୀ ପ୍ରାଣବନ୍ଧୁ ସାହୁଙ୍କ ପ୍ରତିକ୍ରିୟା ନେବାରୁ ସେ ସମ୍ପୃକ୍ତ ଯୁବକ ଜଣକ ମାନସିକ ବିକାରଗ୍ରସ୍ତ ଥିବା ଓ ଏ ଅଞ୍ଚଳରେ କିଛିଦିନ ହେଲା ବୁଲୁଥିବାବେଳେ ତାର ସୁରକ୍ଷା ଦୃଷ୍ଟିରୁ ବୌଦ୍ଧ ସହରକୁ ଆଣି ଛାଡି ଦିଆଯାଇଥିବା ପ୍ରକାଶ କରିଥିଲେ ।



# ତାମିଲନାଡୁରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ତାମିଲନାଡୁ ରାଜ୍ୟର କୋଏମ୍ବାଟୁର ଜିଲ୍ଲାରେ ମୃତ୍ୟୁବରଣ କରିଥିବା ବୌଦ୍ଧ ସହର ବାପୁଜୀ ନଗରର ଦାଦନ ଶ୍ରମିକ ରାଜେଶ ମହାନନ୍ଦଙ୍କ ମୃତଦେହ ମୃତ୍ୟୁର ୫ ଦିନ ପରେ ନିଜ ଘରେ ପହଞ୍ଚିଛି । ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦ ଓ ପରିବାର ଲୋକଙ୍କ ଅନୁରୋଧକ୍ରମେ ମୃତଦେହକୁ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ଗୁରୁବାର ରାତିରେ ଭୁବନେଶ୍ୱରର ଏକ ଘରୋଇ ଆମ୍ବୁଲାନ୍ସ ତାମିଲନାଡୁକୁ ପଠାଇଥିଲା । ଆମ୍ବୁଲାନ୍ସରେ ଯାଇଥିବା ମୃତକଙ୍କ ସମ୍ପର୍କୀୟଙ୍କ ସହ ସ୍ୱେଚ୍ଛାସେବୀ କୋଏମ୍ବାଟୁରରୁ ମୃତଦେହ ଧରି ଘରେ ପହଞ୍ଚିବା ପରେ ବାପୁଜୀ ନଗରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଜିଲ୍ଲା ଶ୍ରମ ଅଧିକାରୀ ରଞ୍ଜନ ବେହେରା, ଜିଲ୍ଲା କଂଗ୍ରେସ ସଭାପତି ଅବଦୁଲ୍ କଲିମ୍ ଖାଁ, ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଡାଙ୍ଗ, ପ୍ରଦେଶ କଂଗ୍ରେସ ଅନୁସୂଚିତ ସେଲ୍‌ର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନନ୍ଦ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦେବରାଜ ପଟ୍ଟନାୟକ, ଜିଲ୍ଲା ଛାତ୍ର କଂଗ୍ରେସ ସଂଯୋଜକ ପ୍ରତ୍ୟୁଷ ମହାନନ୍ଦ ପ୍ରମୁଖ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରକାଶଥାଉକି ମୃତ ରାଜେଶ କୋଏମ୍ବାଟୁର ଜିଲ୍ଲା ଅଧୀନସ୍ଥ ତିରିପୁର ଗ୍ରାମର ଏକ ପ୍ରାଇଭେଟ୍ କମ୍ପାନୀ ଏସ୍‌ସିଏମ୍ କପଡା ମିଲ୍‌ରେ କାର୍ଯ୍ୟ କରୁଥିଲେ । ଜିଲ୍ଲା ପ୍ରଶାସନ ସହଯୋଗରେ ମୃତକଙ୍କ ଶବ ପରିବାରକୁ ମିଳିଥିବାରୁ ଜିଲ୍ଲାପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।

# ସ୍ୱାସ୍ଥ୍ୟ ପରୀକ୍ଷା ନାମରେ ଆଖି ଅସ୍ତ୍ରୋପଚାର ଅଭିଯୋଗ





**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ସ୍ୱାସ୍ଥ୍ୟ ପରୀକ୍ଷା ନାମରେ ଗାଁ ଗାଁକୁ ବୁଲି ଗରିବ, ଆଦିବାସୀ ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇ ନେଇଯିବା ସହିତ ଜୋର୍ ଜବରଦସ୍ତ ସେମାନଙ୍କ ଆଖିରେ ଅସ୍ତ୍ରୋପଚାର କରାଯାଉଛି । ଏଥିପାଇଁ ସେମାନଙ୍କ ଆୟୁଷ୍ମାନ୍ କାର୍ଡ଼ରୁ ଅର୍ଥ ମଧ କାଟି ନିଆଯାଉଛି । ଏହା ଜିଲ୍ଲାରେ ଏକ ବିରାଟ ସ୍କାମ୍‌ରେ ପରିଣତ ହୋଇଛି । ଏଥିପାଇଁ ସମ୍ପୃକ୍ତ ନର୍ସିଂହୋମ୍ ଓ ଶିବିର ମାଲିକମାନଙ୍କ ମାଧ୍ୟମରେ ଏକ ବିରାଟ ରାକେଟ୍ କାମ କରୁଥିବାର ଅଭିଯୋଗ ଉଠିଛି । ଏପରି ଏକ ଘଟଣା ଦେଖିବାକୁ ମିଳିଛି, ବଡ଼ସାହି ବ୍ଲକ ଅଧିନ ପିସିପୁର ପଞ୍ଚାୟତ ନରଣପୁର ଗ୍ରାମରେ । ଏହି ଗ୍ରାମର ୧୦ ଜଣ ଲୋକଙ୍କୁ ମାଗଣାରେ ବିଭିନ୍ନ ସ୍ୱାସ୍ଥ୍ୟଗତ ଚିକିତ୍ସା କରାଇବା କହି ସ୍ୱାସ୍ଥ୍ୟ ପରୀକ୍ଷା ଆଳରେ ରବିବାର ବାରିପଦା ସ୍ଥିତ ଏକ ନର୍ସିଂହୋମ୍‌କୁ ନିଆଯାଇଥିଲା । ସେହିଦିନ ସେମାନଙ୍କୁ ଆଣି ଘରେ ଛାଡ଼ି ଦିଆଯିବ ବୋଲି ପ୍ରତିଶ୍ରୁତି ମଧ ଦିଆଯାଇଥିଲା । ମାତ୍ର ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦୂର କଥା ଜୋର୍ ଜବରଦସ୍ତ ସେମାନଙ୍କ ଆଖିରେ ଅସ୍ତ୍ରୋପଚାର କରାଯାଇଥିଲା । ଏପରିକି ସେମାନେ ପ୍ରତିବାଦ କରିବା ପରେ ମଧ ସେମାନଙ୍କ କଥା ଶୁଣା ଯାଇନଥିଲା । ଏପରିକି ଆବଶ୍ୟକ ନଥିବା ଲୋକଙ୍କ ଆଖିରେ ମଧ ଅସ୍ତ୍ରୋପଚାର କରାଯାଇଥିବାର ଅଭିଯୋଗ ଉଠିଛି । ସେମାନେ ପୂର୍ବରୁ ଭଲ ଭାବେ ଦେଖିପାରୁଥିବା ବେଳେ ଏବେ ଠିକ୍ ଭାବେ ଦେଖିପାରୁନଥିବା କହିଛନ୍ତି । ସେମାନେ ଦିନ ମଜୁରିଆ ହୋଇଥିବାରୁ ବର୍ତ୍ତମାନ ସେମାନଙ୍କର ପରିବାର କିପରି ପ୍ରତିପୋଷଣ କରିବେ ଚିନ୍ତା ଘାରିଛି । ମଙ୍ଗଳବାର ସେହି ଲୋକମାନଙ୍କୁ ଏକ ଓମନି ଗାଡ଼ିରେ ଡ୍ରାଇଭର ଏବଂ କର୍ମଚାରୀ ଗାଁକୁ ଛାଡ଼ିବାକୁ ଆସିଥିବା ବେଳେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ବଡ଼ସାହି ଥାନାକୁ ଜଣାଇବା ପରେ ପୋଲିସ ଘଟଣାସ୍ଥଳରେ ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା । ଏ ସଂକ୍ରାନ୍ତରେ ଠକାମୀର ଶିକାର ହୋଇଥିବା ଗ୍ରାମର ବାଣ୍ଟୁ ଗିରି ବଡ଼ସାହି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଚୋରି ମଟର ସାଇକେଲ୍ ଓ ମୋବାଇଲ୍ ଫୋନ୍ ଜବତ:ଜଣେ ଗିରଫ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ପୂର୍ବ ଅଭିଯୋଗ ଅନୁଯାୟୀ ଉମରକୋଟ ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ଚାରୋଟି ମଟର ସାଇକେଲ ଓ ତିନୋଟି ମୋବାଇଲ୍ ଫୋନ୍ ଜବତ କରିଛି । ଏ ନେଇ ଉମରକୋଟ ଥାନା ଆଇଆଇସି ବିପିନ କୁମାର ବାଘ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି । ସୂଚନା ଅନୁସାରେ ମାଝିଅ ଗ୍ରାମ ଦୁଇଜଣ ବ୍ୟକ୍ତି କୃଷ୍ଣ ଭତରା ଓ ହସ୍ତୁ ରାମ ଭତରାଙ୍କ ସହ ଗିରଲିଗୁଡା ଗ୍ରାମରେ ଅଭିଯୁକ୍ତ ଛୋଟୁ ହରିଜନ ବନ୍ଧୁତା ଆଳରେ ସେମାନଙ୍କୁ ଥଣ୍ଡା ପିଇବାକୁ ଦେଇଥିଲା । ପରେ ବିଶ୍ୱାସ ସୃଷ୍ଟି କରି ସେମାନଙ୍କ ମୋଟର ସାଇକେଲ ଓ ମୋବଇଲ ନେଇ ଆଉ ଫେରାଇନଥିଲା । ବହୁବାର ସେମାନଙ୍କ ଗାଡି ପାଇଁ ନିବେଦନ କରିଥିଲେ ମଧ ନଫେରେଇବାରୁ ଶେଷରେ ସେହି ଗାଁର ମାଧବ ଭତରା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଉମରକୋଟ ପୋଲିସ ସ୍ଥାନୀୟ ଗୁଇନ୍ଦା ବ୍ୟକ୍ତିଙ୍କ ସହାୟତାରେ ପୂର୍ଲା ସ୍ଥିତ ନୂଆଗୁଡା ଗ୍ରାମର ଛୋଟୁ ହରିଜନକୁ ଗିରଫ କରି ଥାନାକୁ ଆଣିଥିଲେ । ଯେଉଁଥିରେ ଜଣାପଡିଥିଲା କି ଛୋଟୁ ଏକ ଗ୍ୟାରେଜ୍ କରି ଏମିତି ଅନେକ ଲୋକଙ୍କ ଗାଡି ଓ ମୋବାଇଲ୍ ଫୋନ୍ ଲୁଟ୍ କରୁଥିଲା ବୋଲି ସ୍ୱୀକାର କରିଛି । ଏ ନେଇ ଉମରକୋଟ ଥାନାରେ କେସ୍ ନମ୍ବର ୧୮୪/୨୦୨୬ us /୩୦୪(୨)ରେ ଏକ BNS ଅନୁଯାୟୀ ମାମଲା ରୁଜୁ କରାଯାଇ ଥିବାବେଳେ ଅଭିଯୁକ୍ତ ନିକଟରୁ ଚୋରି ହେଇଥିବା ଚାରୋଟି ହିରୋ ମୋଟର ସାଇକେଲ ଓ ତିନୋଟି ମୋବଇଲ୍ ଫୋନ୍ ଜବତ କରାଯାଇଛି । ପୋଲିସର ତ୍ୱରିତ କାର୍ଯ୍ୟପନ୍ଥାକୁ ସ୍ଥାନୀୟ ବାସିନ୍ଦା ସାଧୁବାଦ ଜଣାଇଛନ୍ତି ।



# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୧।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୨୮ନ, ଗୁରୁବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୨୮ ଚନ୍ଦ୍ରୋଦୟ- ରାଘ ୨।୦୭।୩୯**
ଏକାଦଶୀ ରାଘ ୧୦।୩୮ ପର୍ଯ୍ୟନ୍ତ । ରେବତୀ ନକ୍ଷତ୍ର ଦିଘ ୮।୧୭ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ରାଘ ୮।୧୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ରାଘ ୮।୧୭ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । ରାଘ ୮।୧୭ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୧୦।୩୮ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୧ ଗତେ ଦିଘ ୬।୦୫ ମଧ୍ୟେ । ଦିଘ ୯।୩୬ ଗତେ ଦିଘ ୧୧।୨୦ ମଧ୍ୟେ । **ପର୍ବୋତ୍ସବ-** ପରମା ଏକାଦଶୀ, ରାମାନୁଜଭିନ୍ନ ସର୍ବସମ୍ମତ ପୁରୁଷୋତ୍ତମୀ ଏକାଦଶୀ ଉପବାସ ।



**ମେଷ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ତଥାପି ସାବଧାନରେ ରହିବେ । ଅଯଥା କଳହ ବା ପଶ୍ଚାତାପର ଆଶଙ୍କା । କର୍ମକ୍ଷେତ୍ରରେ ଠକାମିର ଶିକାର ହେବେ । ଆୟ ଓ ବ୍ୟୟ ସମାନ ରହିବ ।



**ବୃଷ:** ଆଚାର ବ୍ୟବହାରରେ ପରିବର୍ତ୍ତନ କିଛିଟା ଅଡୁଆରେ ପକାଇବ । ଅଭିମାନୀ ହେବେ । ଅହଂକାର ପ୍ରକାଶ ପାଇବ । ଅଯଥା ବାଦାନୁବାଦର ସୂଚନା । ଆୟ ମଧ୍ୟମ ଧରଣର ହେବ । ଘରେ ଅଶାନ୍ତି ଦେଖାଦେବ ।



**ମିଥୁନ:** ଆଜି ଦିନଟା ଭଲରେ କଟିବ । ସୁଖ ସମ୍ମାନ ଲାଭ କରିବେ । ଆହାରରେ ତୃପ୍ତି । ରୋଜଗାରରେ ଶିଥିଳତା ଦେଖାଦେବ । ପାରିବାରିକ ଆନନ୍ଦ ଲାଭ ସହିତ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି ।



**କର୍କଟ:** ସାହାଯ୍ୟ ସହଯୋଗ ପାଇ ଆଗେଇ ଯିବେ । ଦୂରଯାତ୍ରା ସହିତ ବନ୍ଧୁ ମିଳନର ସୂଚନା । ସୁସମ୍ବାଦ ପ୍ରାପ୍ତି ହେବ । ଆୟର ପରିମାଣ କ୍ରମଶଃ ବଢ଼ିବ । ପରିବାରରେ ଆନନ୍ଦ ଉଲ୍ଲାସ ରହିବ । ମନ ଭଲ ରହିବ ।



**ସିଂହ:** ଆଧାତ୍ମିକ ଦିଗରେ ମନ ବଳିବ । ସେବା ପୂଜା ପ୍ରତି ଆଗ୍ରହ ପ୍ରକାଶ ପାଇବ । ଗୁରୁଜନଙ୍କ ଶୁଭ ଦୃଷ୍ଟି ବଢ଼ିବ । କୌଣସି ସାମାଜିକ କାର୍ଯ୍ୟରେ ଯୋଗଦାନ । ପାରିବାରିକ ସୁଖ ଲାଭ ହେବ । ଆୟରେ ଉନ୍ନତି ।



**କନ୍ୟା:** ରୋଜଗାରରେ ବାଧା । କର୍ମକ୍ଷେତ୍ରରେ ପ୍ରତାରିତ ହେବେ । ପାରିବାରିକ ଶାନ୍ତି ଅନୁଭବ କରିବେ । ଅପରାହ୍ନେ ସୌଜନ୍ୟ ପ୍ରାପ୍ତି । ବନ୍ଧୁ ସହଯୋଗ କର୍ମ ଲାଭ । ଦ୍ରବ୍ୟ ପ୍ରାପ୍ତିର ସୂଚନା । ଦେହ ଭଲ ରହିବ ।



**ତୁଳା:** ଶୁଭ କାର୍ଯ୍ୟରେ ଯୋଗଦାନ । ଆହାରରେ ତୃପ୍ତି । ଆନନ୍ଦ ଉତ୍ସବ ମଧ୍ୟରେ ନିଜକୁ ମଜାଇ ରଖିବେ । ଦେହ ଓ ମନ ଭଲ ରହିବ । କୌଣସି ନୂତନ କାର୍ଯ୍ୟରେ ସନ୍ଧାନ ପ୍ରାପ୍ତି । ଆୟ ଓ ବ୍ୟୟ ସମାନ ରହିବ ।



**ବିଛା:** ବିରକ୍ତି ସହିତ ଦ୍ୱିଧାଭାବ ଦେଖାଦେବ । କାର୍ଯ୍ୟରେ ବିଳମ୍ବତା ପାଇଁ ବ୍ୟସ୍ତତା ଅନୁଭବ କରିବେ । କର୍ମହାନି ହେତୁ ମନରେ ଦୁଶ୍ଚିନ୍ତା ଆସିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବାର ସୂଚନା ।



**ଧନୁ:** ଚିନ୍ତାଗ୍ରସ୍ତ ହେବେ । ବିଭିନ୍ନ ଦିଗରୁ ଭିନ୍ନ ଭିନ୍ନ କଥା ଶୁଣିବେ । କୁଟୁମ୍ବେ କଳହ ଯୋଗ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ହଠାତ୍ ଦୂରକୁ ଯାତ୍ରା କରିପାରନ୍ତି ।



**ମକର:** ସହଯୋଗ ବିନା କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିବ । ଅସହଯୋଗ ବଢ଼ିବ । ଠକାମିର ଶିକାର ହେବେ । ଆୟର ପରିମାଣ କମିଯିବ । ପରିବାରରେ ସାମାନ୍ୟ ଅଶାନ୍ତିର ଆଶଙ୍କା ରହିଛି । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** ନିଜର ଆଧିପତ୍ୟ ଜାହିର କରିବେ । ପ୍ରାଧାନ୍ୟତା ବୃଦ୍ଧି ପାଇବ । ଆୟ ଓ ବ୍ୟୟର ପରିମାଣ ପ୍ରାୟ ସମାନ ରହିବ । ନୂତନ ଦ୍ରବ୍ୟ ପ୍ରାପ୍ତି ସହିତ ପାରିବାରିକ ଆନନ୍ଦ ପ୍ରାପ୍ତି ହେବ । ଶରୀର ସୁସ୍ଥ ରହିବ ।



**ମୀନ:** ଅଶାନ୍ତିରେ ଦିନ କଟିବ । ଆକୁଳ ବ୍ୟାକୁଳ ମଧ୍ୟରେ କାର୍ଯ୍ୟ ସମ୍ପାଦନ ହେବ । ଦୁଶ୍ଚିନ୍ତାରୁ ନିଦ୍ରାହାନୀ । ଶାରୀରିକ କଷ୍ଟ ଅନୁଭବ କରିପାରନ୍ତି । ରୋଜଗାରରେ ବାଧା ପ୍ରାପ୍ତି ହେବ । ଗୃହେ ଆନନ୍ଦ ଦେଖାଦେବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୧୨।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୨୯ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ ୫।୦୯।୩୩ ଚନ୍ଦ୍ରୋଦୟ- ରାଘ ୨।୫୫।୨୯**
ଦ୍ୱାଦଶୀ ରାଘ ୭।୩୮ ପର୍ଯ୍ୟନ୍ତ । ଅଶ୍ୱିନୀ ନକ୍ଷତ୍ର ପ୍ରାଘ ୬।୩୦ ଗତେ ଦ୍ୱିଜା ନକ୍ଷତ୍ର କ୍ଷୟ । **ମେଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ, ମସୁର ଡାଲି ରାଘ ୭।୩୮ ଗତେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଦିଘ ୬।୫୮ ମଧ୍ୟେ । ଦିଘ ୧୨।୧୪ ଗତେ ଦିଘ ୨।୫୩ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ବଢ଼ିବନି ସୁଧ ହାର, ରେପୋରେଟ୍ ୫.୨୫%ରେ ଅପରିବର୍ତ୍ତିତ

ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ୫ ଜୁନ୍, ୨୦୨୬ରେ ଏହାର ନୂତନ ମୁଦ୍ରା ନୀତି ଘୋଷଣା କରିଥିଲା । RBI ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ମୁଦ୍ରା ନୀତି କମିଟି (MPC) ଆଉ ଏକ ଲଗାତାର ବୈଠକ ପାଇଁ ରେପୋ ହାରକୁ ୫.୨୫%ରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନେଇଛି । ରେପୋ ରେଟ୍ ଅପିରବର୍ତ୍ତିତ ରହିବ ମାତ୍ର କମିବନି ଇଏମଆଇ । ଭାରତୀୟ ରିଜର୍ଭ ବ୍ୟାଙ୍କ ଜୁନ୍ ୨୦୨୬ ପାଇଁ ଏହାର ମୁଦ୍ରା ନୀତିରେ ରେପୋ ହାରକୁ ଅପରିବର୍ତ୍ତିତ ରଖିଛି । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଲଗାତାର ତୃତୀୟ ଥର ପାଇଁ ରେପୋ ହାରକୁ ଅପରିବର୍ତ୍ତିତ ରଖିଛନ୍ତି। ୫.୨୫%ରେ ଅପରିବର୍ତ୍ତିତ ରହିଲା ରେପୋ ରେଟ୍ । ଘରୋଇ ଅଭିବୃଦ୍ଧି ହାର (GDP) ଆକଳନ ୬.୬ ପ୍ରତିଶତକୁ ହ୍ରାସ ହୋଇଛି। ମାନ୍ଦାବସ୍ଥା ନିୟନ୍ତ୍ରଣାଧୀନ ଥିବା ନେଇ ସଞ୍ଜୟ ମାଲହୋତ୍ରା ସୂଚନା ଦେଇଛନ୍ତି । ଆରବିଆଇ ଶେଷ ଥର ପାଇଁ ଡିସେମ୍ବର ୨୦୨୫ରେ ସୁଧ ହାରକୁ ହ୍ରାସ କରି ଏହାକୁ ୫.୫ ପ୍ରତିଶତରୁ ୫.୨୫ ପ୍ରତିଶତକୁ ହ୍ରାସ କରିଥିଲା । ଆରବିଆଇ ଏମପିସି ମିଟିଂରେ ରେପୋ ହାରକୁ ସ୍ଥିର ରଖିବା ସହିତ, ରିଜର୍ଭ ବ୍ୟାଙ୍କ ଅନ୍ୟାନ୍ୟ ପ୍ରମୁଖ ସୁଧ ହାରକୁ ମଧ୍ୟ ଅପରିବର୍ତ୍ତିତ ରଖିଛି। RBI ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ ସ୍ଥାୟୀ ଜମା ସୁବିଧା (SDF) ହାର ୫%ରେ ରହିବ। ମାର୍ଜିନାଲ୍ ସ୍ଥାୟୀ ସୁବିଧା (MSF) ହାର ଏବଂ ବ୍ୟାଙ୍କ ହାର ମଧ୍ୟ ୫.୫% ରେ ଅପରିବର୍ତ୍ତିତ ରହିଛି । ଏହା ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ କେନ୍ଦ୍ରୀୟ ବ୍ୟାଙ୍କ ଅନ୍ୟାନ୍ୟ ପ୍ରମୁଖ ମୁଦ୍ରା ନୀତି ହାରରେ କୌଣସି ପରିବର୍ତ୍ତନ କରିନାହିଁ । ଖାଲି ସେତିକି ନୁହେଁ ଦେଶରେ ଦରଦାମ ବୃଦ୍ଧି ପାଇଁ ଯୁଦ୍ଧ ଏବଂ ଏଲ୍ ନିନୋକୁ କାରଣ ବୋଲି ଦର୍ଶାଇଛନ୍ତି ଆରବିଆଇ ଗଭର୍ଣ୍ଣର । ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ, ଗତ କିଛି ମାସ ଧରି ବିଶ୍ୱ ଅର୍ଥନୀତିରେ ଯଥେଷ୍ଟ ଅସ୍ଥିରତା ଦେଖାଦେଇଛି। ପ୍ରମୁଖ ବାଣିଜ୍ୟ ମାର୍ଗ ଏବଂ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇଛି, ବଜାର ଅସ୍ଥିରତା ବୃଦ୍ଧି ପାଇଛି ଏବଂ କମ୍ପାନୀଗୁଡ଼ିକ ସେମାନଙ୍କର କାର୍ଯ୍ୟ ପ୍ରତି ସତର୍କତା ବଢ଼ାଉଛନ୍ତି । ଏହି ବିଶ୍ୱ ଅସ୍ଥିରତା ମଧ୍ୟରେ, ଭାରତୀୟ ଅର୍ଥନୀତିର ମୌଳିକ ତତ୍ତ୍ୱ ଗତ ଥର ଅପେକ୍ଷା ବହୁତ ଶକ୍ତିଶାଳୀ ଏବଂ ଭଲ । ଆମେ ନିଶ୍ଚିତ ଯେ ଆମେ ସର୍ବନିମ୍ନ କ୍ଷତି ସହିତ ଏହି ବାହ୍ୟ ଆଘାତକୁ ମୁକାବିଲା କରିବାକୁ ସମ୍ପୂର୍ଣ୍ଣ ସକ୍ଷମ । ମୁଦ୍ରାସ୍ଫୀତି ପୂର୍ବାନୁମାନ- ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଦ୍ୱିମାସିକ ନୀତି ସମୀକ୍ଷା ବୈଠକ ପରେ କହିଥିଲେ ଯେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସିପିଆଇ ମୁଦ୍ରାସ୍ଫୀତି ହାର ୫.୧% ରହିବ । ହାର ନିର୍ଦ୍ଧାରଣ କମିଟି ମୂଳ ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୪.୭% ବଜାୟ ରଖିବାକୁ ନିଷ୍ପତ୍ତି ନେଇଛି । ମୁଦ୍ରାସ୍ଫୀତି ଚାପ ବର୍ତ୍ତମାନ କମ୍ ଅଛି । ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ, RBI ଏହାର GDP ଅଭିବୃଦ୍ଧି ପୂର୍ବାନୁମାନକୁ ହ୍ରାସ କରିଛି । ଆର୍ଥିକ ବର୍ଷ ପାଇଁ ପୂର୍ବ ଆକଳନ ୬.୯ ପ୍ରତିଶତରୁ ହ୍ରାସ କରାଯାଇଛି । କେନ୍ଦ୍ରୀୟ ବ୍ୟାଙ୍କ ଏବେ ଆଶା କରୁଛି ଯେ, FY୨୭ର ପ୍ରଥମ ତ୍ରୈମାସିକରେ GDP ଅଭିବୃଦ୍ଧି ୬.୬%, ଦ୍ୱିତୀୟ ତ୍ରୈମାସିକରେ ୬.୩%, ତୃତୀୟ ତ୍ରୈମାସିକରେ ୬.୫% ଏବଂ ଚତୁର୍ଥ ତ୍ରୈମାସିକରେ ୬.୮% ରହିବ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ଆତ୍ମାର ବାଣୀ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ଜୀବ ହିଁ ଶିବ । ପ୍ରତ୍ୟେକ ଜୀବ ଭିତରେ ଆତ୍ମା ଅଛି । ସେହି ଆତ୍ମାର ବାଣୀକୁ ଯେଉଁ ଜିବ ଶୁଣେ,ଏବଂ ସେଇ ଆତ୍ମାର ବାଣୀ ଦ୍ୱାରା ପରିଚାଳିତା ହୁଏ ସେହି ସାଧୁ,ଅନ୍ୟଥା ବୃଥା । ଏହାହିଁ ସରଳ ମାର୍ଗର ପଥ । ଏହାହିଁ ଅନ୍ତରନିର୍ହିତ ବାଣୀ ସ୍ୱୟଂ ଇଶ୍ୱରଙ୍କର ତଥା,କସ୍ତୁରୀ ମୃଗ ଯେପରି ନିଜ କସ୍ତୁରୀ ବାସନାକୁ ଜାଣି ନପାରି ଏଣେ ତେଣେ ଦୌଡେ କେଉଁଠି ସେ ବାସନା ହେଉଛି ବୋଲି ସେହିପରି ଏ ବଦ୍ଧ ଜୀବ ଈଶ୍ୱର ଈଶ୍ୱର ହୋଇ ଏ ମନ୍ଦିର ସେ ମନ୍ଦିର ଘୁରି ବୁଲନ୍ତି । କିନ୍ତୁ ସେ କେଉଁଠାରୁ କିଛି ନପାଇ ପରିଶେଷରେ ପ୍ରାଣତ୍ୟାଗ କରିଥାଏ । ତେଣୁ ହେ ଭକ୍ତ ହେ ଶିଷ୍ୟ ତୁମକୁ ବାରମ୍ବାର କହୁଛି ଗୁରୁ ହିଁ ସକଳ ଦେବତା । ସେହିଁ ତୁମରି ଭିତରେ ଅଛନ୍ତି । ତେଣୁ ଅନ୍ତର ଆତ୍ମାର ବାଣୀକୁ ଜୀବ ଶୁଣି କର୍ମ କରି ଚାଲିଲେ ସେ ତାର ଗନ୍ତବ୍ୟ ପଥରେ ନିଶ୍ଚୟ ପହଞ୍ଚିପାରିବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

**ଅତି ଜ୍ଞାନ ହିଁ ଅଜ୍ଞାନର କାରଣ**

ଶ୍ରଦ୍ଧେୟ ଭକ୍ତଗଣ କଥାରେ ଅଛି ଶ୍ରଦ୍ଧାବାନ ଲଭେତ୍ ଜ୍ଞାନ,କିନ୍ତୁ ପୁଣି କଥାରେ ଅଛି ଅତି ଲେମ୍ବୁ ଚିପୁଡିଲେ ପିତା ରାବଣ ଅତି ଜ୍ଞାନୀ ପରିଶେଷରେ କଣ ହେଲା । ବଳି ଅତି ଦାନୀ ପରିଶେଷରେ ପାତାଳକୁ ଗଲା ଦୁର୍ଯ୍ୟୋଧନ ଅତି ମାନି-ଯାହାର ନାମ ଥିଲା ମାନ ଗୋବିନ୍ଦ । ପରିଶେଷରେ କଣ ହେଲା ସେହିପରି ଅତିଟା ସବୁବେଳେ ଖରାପ । ସମନ୍ୱୟ ସମତା,ସମଭାବ ଯଦି ନାହିଁ ସେ ଯେତେ ଜ୍ଞାନ ଅହରଣ କରିଥିଲେ ବି ମୁର୍ଖଙ୍କ ପରି ବ୍ୟବହାର ତାର ଅଜ୍ଞାନତାର ପରିଚୟ ଦେଇଥାଏ । ତେଣୁ ହେ ଭକ୍ତ ହେ ଶିଷ୍ୟ ସମାଜରେ ଗ୍ୟାନି କିଏ ?ପ୍ରକୃତ ଜ୍ଞାନୀ ସିଏ ଯିଏ ନିଜକୁ ପ୍ରଭୁଙ୍କ ପାଦ ତଳେ ସମର୍ପଣ କରିଦେଇଥାଏ । ସମର୍ପଣ ଭାବହିଁ ଜ୍ଞାନ ଆଉ ସବୁ ଅଜ୍ଞାନା କାରଣ ଯିଏ ଭାତ ଖାଇଛି ସିଏ କୁଣ୍ଡାକୁ କାହିଁକି ଖୋଜିବା । ତେଣୁ ଭଗବାନଙ୍କୁ ଉଦ୍ଧବ ପଚାରିଥିଲେ ପ୍ରଭୁ ତୁମେ ତ ଚାଲିଯିବ । ମୁଁ କେମିତି ପୁଣି ପାଇବି କାରଣ ଉଦ୍ଧବ ଥିଲେ ଶ୍ରେଷ୍ଠ ଜ୍ଞାନୀ । ସେଇଠି ପ୍ରଭୁ କହିଥିଲେ ରେ ଉଦ୍ଧବ ମୁଁ ମଲେ ମୋତେ ତୁ ପାଇବୁ । ହରିଓଁ ।

# ଛତିଶଗଡର ରାଜ୍ୟପକ୍ଷୀ ପାହାଡି ମଇନା (ଶାରୀ)



ଡ.ବିଜୟ କେତନ ପଟ୍ଟନାୟକ
ପୂର୍ବତନ ମୁଖ୍ୟ ସଂପାଦକ,
ବିଜ୍ଞାନ ଦିଗନ୍ତ
ମୋ-୯୪୩୭୦୦୦୯୦୪

ବସ୍ତର ପାହାଡି ମଇନା, ଛତିଶଗଡ ଏବଂ ମେଘାଳୟ ରାଜ୍ୟର ରାଜ୍ୟପକ୍ଷୀ, ଓଡିଆରେ ଏମାନଙ୍କୁ କୁହାଯାଏ ପାହାଡି ବଣି ବା ଶାରୀ, କିନ୍ତୁ ସାଧାରଣ ବଣି ଚଢେଇଠାରୁ ଏମାନେ ଆକୃତିରେ ସାମାନ୍ୟ ବଡ । ହିନ୍ଦିରେ କୁହାଯାଏ ମଇନା । ଇଂରାଜୀରେ ହିଲ୍ ମଇନା, ବସ୍ତର ହିଲ୍ ମଇନା । ବୈଜ୍ଞାନିକ ନାମ-ଗ୍ରାକୁଲା ରିଲିଜିଓସା, ଉପପ୍ରଜାତି-ପେନିନସୁଲାରିସ, ବଂଶ-ଷ୍ଟାରଲିଙ୍ଗ/ଷ୍ଟାରିନିଡି । ଶୁଆପରି ଏମାନଙ୍କୁ ମଧ୍ୟ ଦେଶର ଅନେକତ୍ର ବିଶେଷକରି ଗାଁ ଗହଳିର ଲୋକମାନେ ପିଞ୍ଜରାରେ ରଖି ପୋଷନ୍ତି ଏମାନଙ୍କୁ ଲୋକପ୍ରିୟ କଥାକୁହା ଚଢେଇ ବୋଲି ମଧ୍ୟ କୁହାଯାଏ ।

ବ୍ୟାପ୍ତି ଓ ବିସ୍ତୃତି-ବସ୍ତର ପାହାଡି ଶାରୀ ଛତିଶଗଡ କାଙ୍ଗେର ଉପତ୍ୟକା ଜାତୀୟ ଉଦ୍ୟାନର ସ୍ଥାୟୀ ଅଧିବାସୀ । ଛତିଶଗଡ ସରକାର ଏହି ପକ୍ଷୀକୁ ୨୦୦୨ମସିହାରେ ରାଜ୍ୟପକ୍ଷୀ ଭାବେ ସ୍ୱୀକୃତି ଦେଇଥିଲେ । ଭାରତରେ ଦେଖିବାକୁ ମିଳୁଥିବା ଏହି ପକ୍ଷୀର ଉପପ୍ରଜାତି ମାନଙ୍କ ମଧ୍ୟରୁ ବସ୍ତର ପାହାଡି ମଇନା ଅନ୍ୟତମ । ଦକ୍ଷିଣ ପୂର୍ବ ଏସିଆର ପାହାଡିଆ ଅଞ୍ଚଳ ମଧ୍ୟ ଏମାନେ ସ୍ଥାୟୀ ବାସିନ୍ଦା । ହିମାଳୟର ୧୦୦୦ଫୁଟ ମିଟର ଉଚ୍ଚତା ଯାଏଁ,ଉତ୍ତରାଖଣ୍ଡରୁ ଅରୁଣାଞ୍ଚଳ ପ୍ରଦେଶ ଯାଏଁ ତରାଇ, ଛୋଟନାଗପୁର ମାଲଭୂମି, ପୂର୍ବଘାଟ ପର୍ବତମାଳା, ମଧ୍ୟପ୍ରଦେଶ ଏବଂ ପଶ୍ଚିମଘାଟ ପର୍ବତାଞ୍ଚଳ ଏମାନଙ୍କ ଆବାସ । ଛତିଶଗଡର ବସ୍ତର ଅଞ୍ଚଳରେ ଏମାନେ ବିଶେଷ ଭାବରେ ଦେଖିବାକୁ ମିଳନ୍ତି । ପାହାଡି ମଇନାର ବ୍ୟାପ୍ତି, ଭାରତ ବାହାରେ ମଧ୍ୟ ଦକ୍ଷିଣ ଚୀନ, ଥାଇଲ୍ୟାଣ୍ଡ ଏବଂ ଇଣ୍ଡୋନେସିଆରେ ଦେଖିବାକୁ ମିଳିଥାଏ । ପୂର୍ବରୁ ବାଂଲାଦେଶରେ ଏହି ପକ୍ଷୀ ବହୁଳ ଭାବେ ଦେଖାଯାଇଥିଲେ ମଧ୍ୟ, ପୋଷକ-ପକ୍ଷୀ ବ୍ୟବସାୟ ହେତୁ ଏମାନଙ୍କର ସଂଖ୍ୟା ଯଥେଷ୍ଟ କମି ଆସିଲାଣି ।

ଶାରୀରିକ ଆକୃତି-ପାହାଡି ବଣି ଲମ୍ବରେ ୨୯ସେଣ୍ଟିମିଟର । ରଙ୍ଗ ଚିକ୍କଣ ଘନ କଳା । ପକ୍ଷୀର ବାହାର ପଟେ ପଛ ଆଡକୁ ଧଳା ରଙ୍ଗର ଛତା ଥାଏ । ଉଡିଲା ବେଳେ ଡେଣାର ଏହି ଧଳା ରଙ୍ଗ ସ୍ପଷ୍ଟ ଦୃଶ୍ୟମାନ ହୁଏ । କିନ୍ତୁ ବସିଥିଲାବେଳେ ଦେଖାଯାଏ ନାହିଁ । କଣ୍ଠ ଦେଶ ଓ ଗୋଡ ହଳଦିଆ । ଗୋଡ ଦୁଇଟି ଶକ୍ତ । ମୁଣ୍ଡ ଓ ବେକ ପାଖରେ ହାଲ୍‌କା ବାଇଗଣି ରଙ୍ଗର ଚିହ୍ନପଟ୍ଟ ଏବଂ ନାକପୁଡା ଉପରେ ଉଠିଥିବା କିଛିଟା ପର ଏହାକୁ ଅନ୍ୟ ବଣି ଚଢେଇଠାରୁ ପୃଥକ୍ କରିଥାଏ । ଆଖି ତଳେ ଓ ବେକର ପଶ୍ଚାତ୍ ଭାଗରେ କିଂଚିତ୍ ହଳଦିଆ ରଙ୍ଗର ମାଂସଳ ଅଂଶ ଝୁଲି ରହିଥାଏ ।

ଆଚାର ବ୍ୟବହାର ଓ ଖାଦ୍ୟ- ପାହାଡି ମଇନା ମୁଖ୍ୟତଃ ବୃକ୍ଷବାସୀ । ଉଡିଗଲାବେଳେ ଛଅରୁ ଉର୍ଦ୍ଧ୍ୱପକ୍ଷୀ ଦଳ ହୋଇ ଶବ୍ଦ କରି ଉଡିଯାନ୍ତି ଏବଂ ଘଞ୍ଚଜଙ୍ଗଲ ଭିତରକୁ ନଯାଇ ଜଙ୍ଗଲ ବାଡରେ ଥିବା ଗଛ ଉପରେ ବସନ୍ତି । ଗଛର ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଏମାନେ କଡ ପଟିଆ ଡେଇଁ ଡେଇଁ ଯାନ୍ତି । ଏହି ପକ୍ଷୀମାନେ ଶୁଆ ଓ କାଠହଣା ଚଢେଇମାନଙ୍କ ସହ ପାଖାପାଖି ବସତି ସ୍ଥାପନ କରନ୍ତି । ଶୁଖିଲା ଶାଳଗଛରେ କାଠହଣା ଚଢେଇ କରିଥିବା ଗର୍ତ୍ତକୁ ନୀଡ ରଚନା ନିମନ୍ତେ ପାହାଡି ମଇନାମାନେ ପସନ୍ଦ କରିଥାନ୍ତି । ବିଶେଷକରି ବସ୍ତର ପାହାଡି ମଇନା ଏହି ପ୍ରକାରର ଗର୍ତ୍ତକୁ ବାରମ୍ବାର ପରଖିଲାପରେ ଗୋଟିଏକୁ ନିଜ ନୀଡ ପାଇଁ ବାଛିଥାଏ ।

କେତେକ ପକ୍ଷୀ ବିଶାରଦଙ୍କ ମତରେ ଏହି ଜାତୀୟ ପକ୍ଷୀ କେବଳ ଗଛର ଫଳ, କୋଳି ଏବଂ ଫୁଲରୁ ମହୁ ଶୋଷି ଖାଇଥାନ୍ତି । ଏହି କାରଣରୁ ବରଗଛ ସେମାନଙ୍କର ପ୍ରଥମ ପସନ୍ଦ,କାରଣ ଏଥିରେ ବର୍ଷକୁ ଦୁଇଥର ଫଳ ଆସିଥାଏ । ଯେଉଁ ଗଛରେ ଫଳ ହୁଏ ନାହିଁ ସେଠାରେ ପାହାଡି ମଇନା ବା ଶାରୀମାନେ ବସନ୍ତି ନାହିଁ, ଦରକାର ହେଲେ ଖାଦ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଏମାନେ ଦୂର ଦୂରାନ୍ତକୁ ମଧ୍ୟ ଉଡିଯାଆନ୍ତି । ଏପରିକି ଛତିଶଗଡର କାଙ୍ଗେର ଉପତ୍ୟକାର ଜାତୀୟ ଉଦ୍ୟାନରୁ ଓଡିଶାର ମୟୁରଭଞ୍ଜ ଜିଲ୍ଲାରେ ଥିବା ଶିମିଳିପାଳ ଜାତୀୟ ଉଦ୍ୟାନକୁ ମଧ୍ୟ ଉଡି ଆସିଥିବାର ନଜର ଅଛି ।

ପ୍ରଜନନ ଋତୁ-ପାହାଡି ମଇନା ଅତ୍ୟଧିକ ମାତ୍ରାରେ କଳରବ କରିଥାଏ। ସକାଳେ ଓ ସଞ୍ଜରେ ଗଛ ଉପରେ ବସିଥିବା ବେଳେ ସେମାନଙ୍କର କଳରବ ଶୁଣାଯାଏ । ସକାଳୁ ସକାଳୁ ଗୋଟିଏ ଗଛରେ ଛୋଟ ଛୋଟ ଦଳ ହୋଇ ଏହି ପକ୍ଷୀ ବସିଥିବାର ଦେଖାଯାଏ । ଉଭୟ ପୁରୁଷ ଓ ମାଈ ପକ୍ଷୀ ଭିନ୍ନ ଭିନ୍ନ ପ୍ରକାରର ଧ୍ୱନି କରିଥାନ୍ତି ହ୍ୱିସିଲ୍ ମାରିବା, ରାହାଧରି ଉଚ୍ଚସ୍ୱରରେ ବିଳାପ କରିବା, ଶ୍ରୁତିକଟୁ ଚିତ୍କାର କରିବା, କ୍ଷୋଭ ପ୍ରକାଶର ଧ୍ୱନି କରିବା ବା ସୁମଧୁର ଧ୍ୱନି ପ୍ରକାଶ କରିବା ଇତ୍ୟାଦି । ପୋଷା ମନେଇଲେ ଏମାନେ ମନୁଷ୍ୟର ସ୍ୱର ଅବିକଳ ନକଲ କରି ପାରନ୍ତି । ସେଥିପାଇଁ କୁହାଯାଏ କଥାକୁହା ଶାରୀ । ଏହି କାରଣରୁ ପଞ୍ଜୁରୀର ପୋଷାପକ୍ଷୀ ଭାବରେ ଏହି ପକ୍ଷୀ ବିଶେଷ ଆଦୃତ । କିନ୍ତୁ ଜଙ୍ଗଲରେ ବା ବାହାରେ ରହୁଥିବା ପକ୍ଷୀ ଅନ୍ୟ ପକ୍ଷୀଙ୍କର ସ୍ୱର ଅନୁକରଣ କରନ୍ତି ନାହିଁ ।

ପ୍ରଜନନ ଋତୁ ପୂର୍ବରୁ ଏହି ପକ୍ଷୀ ଗଛ କୋରଡରେ ବା ପୂର୍ବରୁ ଗଛରେ ଥିବା ଗର୍ତ୍ତରେ ବସା ତିଆରି କରେ । ସଂଗ୍ରହ କରିଥିବା ଘାସପତ୍ର ଓ ପର ଗଛ କୋରଡରେ ଗଣ୍ଡି ମଧ୍ୟକୁ ଠେଲି ଦିଅନ୍ତି । ମାର୍ଚ୍ଚରୁ ଅକ୍ଟୋବର ମାସ ମଧ୍ୟରେ ସେହି ବସାରେ ୨ରୁ୩ଟି ଗାଢ ନୀଳ ରଙ୍ଗର ଅଣ୍ଡା ଦିଅନ୍ତି । ଉଭୟ ବାପା ଓ ମା ପକ୍ଷୀ ଅଣ୍ଡା ଉଷୁମେଇବା କାମରେ ଲାଗିଯାନ୍ତି ଓ ଅଣ୍ଡାରୁ ଫୁଟି ବାହାରିଲା ପରେ ଛୁଆମାନଙ୍କର ଯତ୍ନ ନିଅନ୍ତି । ଦେଖାଯାଏ ଅନ୍ୟ ପ୍ରଜାତିର ବଣି ଚଢେଇଙ୍କ ପରି ପାହାଡି ବଣି ମଧ୍ୟ ଏକ ପତ୍ନୀ ବା ଏକ ପତି ବ୍ରତ ଧର୍ମ ପାଳନ କରିଥାଏ । ଅର୍ଥାତ୍ ପୁରୁଷ ଓ ମାଈ ପକ୍ଷୀ ସାରା ଜୀବନ ପାଇଁ ଏକାଠି ହୋଇ ରୁହନ୍ତି ।

ସଂରକ୍ଷଣ ସ୍ଥିତି-ପିଞ୍ଜରାରେ ପୋଷା ପକ୍ଷୀ ଭାବରେ ପାହାଡି ମଇନା ବା ବଣିର ବିଶେଷ ଆଦୃତି ଥିବାରୁ ବ୍ୟବସାୟିକ ଭିତ୍ତିରେ ଶିକାରୀମାନେ ପକ୍ଷୀ ଶାବକଙ୍କୁ ଧରି ଆଣି ଟିକିଏ ବଡ ହୋଇଗଲେ ହାଟ ବଜାରରେ ବିକ୍ରୀ କରିଥାନ୍ତି । ଏହାହିଁ ସେମାନଙ୍କ ପାଇଁ ବିପଦର ପ୍ରମୁଖ କାରଣ । । ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଏହି ପକ୍ଷୀର ଏକ ଉପପ୍ରଜାତି ୧୮୭୪ମସିହା ବେଳକୁ ବହୁ ସଂଖ୍ୟାରେ ଦେଖିବାକୁ ମିଳୁଥିଲେ । ଦିନକୁ ଦିନ ଏମାନଙ୍କର ସଂଖ୍ୟା କମି ଆସିବାରୁ ୧୯୯୯ରେ ଆଇ.ୟୁ.ସି.ଏନ୍ ଏହି ପକ୍ଷୀକୁ ବିପଦଗ୍ରସ୍ତ ସୂଚୀ ଅନ୍ତର୍ଭୂକ୍ତ କରିଥିଲେ। ସେହିପରି ବାଂଲାଦେଶରେ ସେମାନଙ୍କର ଆବାସସ୍ଥଳୀ ବହୁଳ ଭାବରେ କ୍ଷତି ଗ୍ରସ୍ତ ହେବା ସହ, ଅବାଧ ପକ୍ଷୀ ବିକ୍ରୀ କାରଣରୁ ପ୍ରାୟତଃ ସେମାନଙ୍କର ସଂଖ୍ୟା ଆଦି ଦେଶରେ ଲୁପ୍ତ ପ୍ରାୟ । କିନ୍ତୁ ବସ୍ତର ପାହାଡି ମଇନା ସ୍ଥିତି ଏବେବି ଆଇ.ୟୁ.ସି.ଏନ୍ ରେଡ୍‌ଡାଟା ବହିରେ ଆଦୌ ଉଦ୍‌ବିଗ୍ନ ଜନକ ନୁହେଁ ବୋଲି ଦର୍ଶାଯାଇଛି । ବିଦେଶକୁ ଚୋରା ଚାଲାଣ ରୋକିବା ପାଇଁ ପ୍ରତିଷ୍ଠିତ ସଂସ୍ଥା ସାଇଟିସ ଏହି ପକ୍ଷୀକୁ ପରିଶିଷ୍ଟ ୩ରେ ଅନ୍ତର୍ଭୂକ୍ତ କରିଛି । ବସ୍ତରରେ ପାହାଡି ମଇନାଙ୍କର ସଂଖ୍ୟା ଏବେ ୩୫୦ରୁ୪୦୦କୁ କମି ଆସିଛି । ବନ୍ୟପ୍ରାଣୀ ସଂରକ୍ଷଣ ଆଇନ,୧୯୭୨ରେ ଏହି ପାହାଡି ପକ୍ଷୀକୁ ପରିଚ୍ଛେଦ୧(ବି)ସୁରକ୍ଷା ପ୍ରଦାନ କରାଯାଇଛି ।

# ଶାସ୍ତ୍ର କହେ - ମଳମାସ ମଳ ନୁହେଁ



ହେମନ୍ତ କୁମାର ଗନ୍ତାୟତ
ଦର୍ଶନ ଅଧ୍ୟାପକ
ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ
ମହାବିଦ୍ୟାଳୟ, କବିସୂର୍ଯ୍ୟ ନଗର
୯୮୬୧୩୩୪୮୬୮

କିଛି ବ୍ୟକ୍ତିବିଶେଷ ମଳମାସର ମହତ୍ତ୍ୱ ବିଷୟରେ ଅଜ୍ଞହେତୁ, ଏହାକୁ ନିଷ୍ଫଳ ମାସ ବୋଲି କହିଥାନ୍ତି। ପରନ୍ତୁ ଶାସ୍ତ୍ର ମତରେ ଏହା ହେଉଛି ସର୍ବଶ୍ରେଷ୍ଠ ପୁରୁଷୋତ୍ତମ ମାସ। ଜ୍ୟୋତିଷ ଶାସ୍ତ୍ରର ପଞ୍ଚାଙ୍ଗ ଗଣନା ଅନୁସାରେ ପ୍ରତି ୩ ବର୍ଷକୁ ଥରେ ଅର୍ଥାତ୍ ୩୨ ମାସ ୧୬ ଦିନ ଏବଂ ୮ ଘଡ଼ି ବ୍ୟବଧାନରେ ଏହି ମାସର ଆଗମନ ହୋଇଥାଏ। ଚନ୍ଦ୍ରମାନ ଓ ସୌରମାନ ବର୍ଷ ମଧ୍ୟରେ ଥିବା ୧୧ ଦିନର ପାର୍ଥକ୍ୟକୁ ସନ୍ତୁଳିତ କରିବା ପାଇଁ ଏହି ଅତିରିକ୍ତ ମାସର ସୃଷ୍ଟି ହୋଇଛି। ଏହି ମାସକୁ ଭିନ୍ନ ଭିନ୍ନ ନାମରେ ମଧ୍ୟ ନାମକରଣ କରାଯାଇଛି। ଯଥା: ଅଧିକ ମାସ, ମଳ ମାସ, ପୁରୁଷୋତ୍ତମ ମାସ ଓ ମଳନାରାୟଣ ମାସ। ବୈଷ୍ଣବ ମତବାଦ ଅନୁଯାୟୀ ଭଗବାନ ବିଷ୍ଣୁ ବର୍ଷ (ସମ୍ବତ୍ସର)ର ବାରମାସରେ, ସେ ଏକ ଏକ ମାସର ଅଧିପତି ଭାବେ ପୂଜିତ ହୋଇଥାନ୍ତି। ଯେପରି ବୈଶାଖରେ ମଧୁସୂଦନ, ଜ୍ୟେଷ୍ଠରେ ତ୍ରିବିକ୍ରମ, ଆଷାଢ଼ରେ ବାମନ, ଶ୍ରାବଣରେ ଶ୍ରୀଧର, ଭାଦ୍ରବରେ ହୃଷିକେଶ, ଆଶ୍ୱିନରେ ପଦ୍ମନାଭ ,କାର୍ତ୍ତିକରେ ଦାମୋଦର, ମାର୍ଗଶୀରରେ କେଶବ, ପୌଷରେ ନାରାୟଣ, ମାଘରେ ମାଧବ, ଫାଲଗୁନରେ ଗୋବିନ୍ଦ ଓ ଚୈତ୍ରରେ ବିଷ୍ଣୁରୂପରେ। ପରନ୍ତୁ ପୂର୍ବରୁ କେହି ଅଧିମାସର ଅଧିପତି ନଥିଲେ। ଏହି କାରଣରୁ ଏହାକୁ ନିନ୍ଦିତ କରାଯାଉଥିଲା। କାରଣ ଉକ୍ତ ମାସରେ ସଂକ୍ରାନ୍ତି ନଥାଏ କିମ୍ବା ମାଙ୍ଗଳିକ ଉତ୍ସବ ପାଳନ ହୁଏନାହିଁ।

ପୌରାଣିକ ଓ ଆଧ୍ୟାତ୍ମିକ ମତ ଅନୁଯାୟୀ ଏହି ପୁରୁଷୋତ୍ତମ ମାସର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯା'ର ଦୃଷ୍ଟାନ୍ତ ଆଧ୍ୟାତ୍ମିକ ଶାସ୍ତ୍ରାଦି ଓ ମଳମାସ ମାହାତ୍ମ୍ୟ ପୁରାଣରେ ବର୍ଣ୍ଣିତ ହୋଇଛି। ଦିନେ ମହାରାଜ ଯୁଧିଷ୍ଠିର, ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ ହେ ବାସୁଦେବ ! ଏହି ମାସର ମହତ୍ତ୍ୱ କ'ଣ ଏବଂ କାହିଁକି ଏ ମାସକୁ ପୁରୁଷୋତ୍ତମ ମାସ କୁହଯାଏ ? ଏହାର ଉତ୍ତରରେ ଭଗବାନ କହିଥିଲେ ହେ ଅଗ୍ରଜ ପାଣ୍ଡବ! ଏହି ମାସ ବିଷୟରେ ମୋ' ବ୍ୟତୀତ କେହି କହିପାରିବେ ନାହିଁ। ଯାହା ଏବେ ମୁଁ ତୁମକୁ ପ୍ରଥମେ କହୁଛି। ଦିନେ ଏହି ମଳମାସ ମୋ ଲୋକକୁ ଆସି ଅତି ଦୁଃଖରେ କହିଥିଲା ହେ ଭଗବାନ ବିଷ୍ଣୁ ! ତୁମେ ହିଁ ପ୍ରତ୍ୟେକ ମାସର ଅଧିପତି ରୂପେ ରହିଛ ଏଂ ତୁମ ପାଇଁ ବାର ଗୋଟି ମାସ ଗର୍ବ ଅନୁଭବ କରନ୍ତି କିନ୍ତୁ ମୁଁ ତୁମବିନା ସଭିଙ୍କ ପାଖରେ ଘୃଣୀତ। ଏଣୁ ମୋତେ ଦୟାକର, ଯାହା ଫଳରେ ମୁଁ ଏ ଅପବାଦରୁ ମୁକ୍ତି ପାଇ ପାରିବି। ତେଣୁ ମଳମାସର ଦୁଃଖ ହରଣ କରିବାକୁ ଯାଇ ମୁଁ (ବିଷ୍ଣୁ) ମୋର ସମସ୍ତ ଦିବ୍ୟ ଗୁଣ ପ୍ରଦାନ କରିବା ସହ କହିଥିଲି ହେ ଅଧିମାସ !, ମୁଁ ଆଜିଠାରୁ ହିଁ ତୁମର ଅଧିପତି ହେଉଛି ଏବଂ ଯିଏ ଏହି ମାସରେ ମୋର ଆରାଧନା କରିବ, ସେ ସମସ୍ତ ପାପରୁ ମୁକ୍ତି ପାଇବା ସହ ଅକ୍ଷୟ ପୁଣ୍ୟ ପ୍ରାପ୍ତ ହେବ। ସେହି ଦିନଠାରୁ ଏହା ଶ୍ରେଷ୍ଠମାସ ବା ପୁରୁଷୋତ୍ତମ ମାସ ନାମରେ ପ୍ରସିଦ୍ଧି ଲାଭ କରିଲା। ସେଭଳି ଅନ୍ୟ ଏକ ପ୍ରମୁଖ ପୌରାଣିକ କଥାବସ୍ତୁ ମଧ୍ୟ ରହିଛି। ଦୈତ୍ୟରାଜ ହିରଣ୍ୟକଶିପୁ ବ୍ରହ୍ମାଙ୍କ ଠାରୁ ବର ପାଇଥିଲା ଯେ, ବର୍ଷର ୧୨ଟି ମାସ ମଧ୍ୟରୁ କୌଣସି ମାସରେ ତା'ର ମୃତ୍ୟୁ ହେବନାହିଁ। ତେଣୁ ଭଗବାନ ବିଷ୍ଣୁ ନୃସିଂହ ଅବତାର ଧାରଣ କରି ଏହି ୧୩ତମ ମାସ ବା ଅଧିମାସରେ ହିରଣ୍ୟକଶିପୁକୁ ବଧ କରିଥିଲେ। ଯାହାଫଳରେ ବ୍ରହ୍ମାଙ୍କ ବର ରକ୍ଷା ହେବା ସହ ଅଧର୍ମର ବିନାଶ ମଧ୍ୟ ହୋଇଥିଲା। ସେ'ପରି ଏ ମାସର ମହିମା ସର୍ବୋପରି ବୋଲି ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଦେଖିବାକୁ ମିଳେ। ଯାହା ପବିତ୍ର ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ମାସ ମାନଙ୍କର ପୁଣ୍ୟ ଅପେକ୍ଷା ପୁରୁଷୋତ୍ତମ ମାସରେ କରାଯାଉଥିବା ଧର୍ମକୃତ୍ୟର ଫଳ କୋଟି ଗୁଣ ଅଧିକ ହୋଇଥାଏ। ଏହି ମାସରେ ସ୍ୱଳ୍ପ ସାଧନା କଲେ ମଧ୍ୟ ଭଗବାନ ବିଷ୍ଣୁ ଅତିଶୀଘ୍ର ପ୍ରସନ୍ନ ହୋଇଥାନ୍ତି । ଯେଉଁମାନେ ଏହି ମାସରେ ଶ୍ରୀକ୍ଷେତ୍ର ଧାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ମହୋଦଧିରେ ସ୍ନାନ କରନ୍ତି, ସେହିମାନେ ସମସ୍ତ ପ୍ରକାରର ପାପ, ତାପ ଓ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ପାଇ ମୋକ୍ଷ ଲାଭ କରିଥାନ୍ତି।

ଆମ ଓଡ଼ିଆ ସଂସ୍କୃତିର ପରମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ହେଉଛନ୍ତି ସାକ୍ଷାତ ପୁରୁଷୋତ୍ତମ। ତେଣୁ ଏହି ପୁରୁଷୋତ୍ତମ ମାସର ଗୁରୁତ୍ୱ ସମଗ୍ର ଭାରତ ଅପେକ୍ଷା ଏଠାରେ ଅଧିକ ପରିଲକ୍ଷିତ ହୁଏ। ଉକ୍ତ ମାସରେ ଶ୍ରୀମନ୍ଦିର ମଧ୍ୟରେ ମହାପ୍ରଭୁଙ୍କର ବିଶେଷ ପୂଜାର୍ଚ୍ଚନା ଏବଂ ଭୋଗ ଲାଗି ହୋଇଥାଏ। ତା'ସହିତ ଦକ୍ଷିଣ ଦ୍ୱାର ଭିତର ବେଢ଼ାର କଳ୍ପବଟ ମୂଳଠାରେ ଅବସ୍ଥିତ ମା' ମଙ୍ଗଳାଙ୍କର ସମ୍ମୁଖ ଭାଗରେ ମଳମାସ ବା ପୁରୁଷୋତ୍ତମ ଠାକୁରଙ୍କ ମନ୍ଦିର ରହିଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ଏହାକୁ 'ବରାହନାରାୟଣ ମନ୍ଦିର' କୁହାଯାଏ। କିନ୍ତୁ ଲୋକଙ୍କ ମୁଖରେ ଏହାକୁ ଶ୍ରୀପୁରୁଷୋତ୍ତମ ମନ୍ଦିର ବା ଶ୍ରୀମଳମାସ ନାରାୟଣ ମନ୍ଦିର ଭାବରେ ପରିଚିତ। ଏଠାରେ ଏକମାସ ବ୍ୟାପୀ ଅନେକ ଶ୍ରଦ୍ଧାଳୁ ପୂଜା ଓ ଏକବେଳା ସାତ୍ତ୍ୱିକ ହବିଷାନ୍ନ ଭୋଜନ କରି ବ୍ରତ ପାଳନ କରିଥାନ୍ତି।

ଆମେ ଆଧୁନିକ ଜୀବନଶୈଳୀ ପାଇଁ ଏବଂ ନିଜର କାର୍ଯ୍ୟବ୍ୟସ୍ତତା ଯୋଗୁଁ ଏତେ ଲିପ୍ତ ରହୁ ଯେ, ଈଶ୍ୱରଙ୍କୁ ସ୍ମରଣ କରିବାଲାଗି ଆମ ପାଖରେ ସମୟ ନଥାଏ। କିନ୍ତୁ ଏ ମଳମାସ ଆମକୁ ସେହି ସୁଯୋଗ ଦେଇଥାଏ। ଏହି ମାସର ବିଶେଷତ୍ୱ କେବଳ ଧାର୍ମିକ ଦୃଷ୍ଟିକୋଣରୁ ନୁହେଁ, ବରଂ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଶ୍ରେୟସ୍କର। କାରଣ ଆମେ ଉପବାସ କରିବା ଦ୍ୱାରା ଶରୀରର ପାଚନତନ୍ତ୍ର ବିଶ୍ରାମ ପାଇଥାଏ, ଯାହା ଶାରୀରିକ ଶୁଦ୍ଧିରେ ସହାୟକ ହୋଇଥାଏ। ଏହା ସହିତ ମନ୍ତ୍ର ଜପ ଏବଂ ଧ୍ୟାନ କରିବା ଦ୍ୱାରା ମାନସିକ ଚାପ ମଧ୍ୟ ଦୂରେଇଯାଏ। ସଂକ୍ଷେପରେ କହିବାକୁ ଗଲେ,ଏହି ମାସର ମହତ୍ତ୍ୱ କେବଳ ପୂଜା ପାଠ କିମ୍ବା ବ୍ରତରେ ସୀମିତ ନୁହେଁ, ବରଂ ମାନବିକ ଗୁଣ ଯଥା: ଦୟା, କ୍ଷମା, ପରୋପକାର ଏବଂ ସତ୍ୟ ମାର୍ଗରେ ଚାଲିବାର ଏକ ମହାନ ବାର୍ତ୍ତା। ମଳମାସ ହେଉଛି ଆଧ୍ୟାତ୍ମିକ ଉନ୍ନତି ଏବଂ ମନୋବାଞ୍ଛିତ ଫଳ ପ୍ରାପ୍ତିର ଏକ ସୁବର୍ଣ୍ଣ ସୁଯୋଗ। ଯଦିଓ ଏହି ମାସରେ କୌଣସି ଭୌତିକ ବା ସାଂସାରିକ ଶୁଭ କାର୍ଯ୍ୟ କରାଯାଏ ନାହିଁ, ତଥାପି ଆଧ୍ୟାତ୍ମିକ ଦୃଷ୍ଟିରୁ ଏହାକୁ ବର୍ଷର ସର୍ବଶ୍ରେଷ୍ଠ ଶୁଭ ଏବଂ ପବିତ୍ର ମାସ ଭାବରେ ଗ୍ରହଣ କରାଯାଇଛି। ତେଣୁ ପ୍ରତ୍ୟେକ ମନୁଷ୍ୟ ଏହି ପବିତ୍ର ମାସର ସଦ୍ ବ୍ୟବହାର କରି ନିଜର ଜୀବନକୁ ସାର୍ଥକ କରିବା ଉଚିତ।

# ଯୁଗ ପ୍ରବର୍ତ୍ତକ ରାଧାନାଥ



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍- ୦୫; ଭୁବନେଶ୍ୱର
ଫୋନ୍- ୮୨୪୯୬୫୦୪୧୪

ପ୍ରାଚୀନ ଉତ୍କଳରେ ବହୁ ସାରସ୍ୱତ ସାଧକଙ୍କର ଆବିର୍ଭାବ ଘଟି ଉତ୍କଳ ସାହିତ୍ୟାକାଶର କମନୀୟ ପରିବେଶକୁ ଆହୁରି ଋଦ୍ଧିମନ୍ତ କରିବାର ପ୍ରୟାସ କରିଛନ୍ତି। ଦେଶରେ ବ୍ରିଟିଶ ସଭ୍ୟତା ଏବଂ ଇଂରାଜୀ ଶିକ୍ଷାର ପ୍ରଚାର ପ୍ରସାର ସହିତ ପଡୋଶୀ ବଙ୍ଗୀୟମାନଙ୍କର ଯେତିକି ପ୍ରଭାବ ଦୃଷ୍ଟିଗୋଚର ହେଉଥିଲା ସେତିକି ପ୍ରାଦୁର୍ଭାବ ମଧ୍ୟ ସାହିତ୍ୟରେ ଲକ୍ଷ୍ୟ କରାଯାଇଥିଲା । ଏହାକୁ ସେତେବେଳେ ଫକୀରମୋହନ ଓ ରାଧାନାଥ ରାୟ ନିଜ ସାହିତ୍ୟ ସୃଷ୍ଟି ବଳରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ପ୍ରବଳ ବିରୋଧ କରିଥିଲେ । ପଦ୍ୟ ସାହିତ୍ୟରେ ରାଧାନାଥ ଏଭଳି ଏକ ସୃଜନଶକ୍ତି ପ୍ରୟୋଗ କରିଛନ୍ତି ଯାହା ହୋଇନଥିଲେ ବୋଧହୁଏ ଓଡ଼ିଆ ସାହିତ୍ୟ ଜଗତର ଗତି ଆହୁରି ପଚାଶ ଷାଠିଏ ବର୍ଷ ପଛକୁ ଠେଲିହୋଇ ଯାଇଥା'ନ୍ତା । ସେ ଦୃଷ୍ଟିରୁ ସମସ୍ତଙ୍କର ବ୍ୟତିକ୍ରମ, ସମକାଳର ବିସ୍ମୟ ରାଧାନାଥ ଆଧୁନିକ ସ୍ରଷ୍ଟାର ନମସ୍ୟ। ଏହି ଯୁଗ ପ୍ରବର୍ତ୍ତକ ସାରସ୍ୱତ ସାଧକ ଓଡିଶାର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସୋର ସ୍ଥିତ କେଦାରପୁର ଗ୍ରାମରେ ୨୮ ସେପ୍ଟେମ୍ବର ୧୮୪୮ ଖ୍ରୀଷ୍ଟାବ୍ଦରେ ପିତା ସୁନ୍ଦର ନାରାୟଣ ରାୟ ଓ ମାତା ତାରିଣୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ସୁନ୍ଦର ନାରାୟଣ ଥିଲେ ଦକ୍ଷିଣ ଭାରତୀୟ ଓ ତାଙ୍କର ପୂର୍ବପୁରୁଷ ମେଦିନିପୁର ଅନ୍ତର୍ଗତ ରାଧାନାଥ ନଗର ଗ୍ରାମରୁ ଓଡିଶାକୁ ଆସିଥିଲେ । ତାଙ୍କର ବଂଶଗତ ଉପାଧିଥିଲା ଦତ୍ତ । ପିତା ସୁନ୍ଦର ନାରାୟଣ ବାଲେଶ୍ୱର କଲେକ୍ଟୋରେଟରେ ସଦର କାନୁନଗୋ ଭାବେ କାର୍ଯ୍ୟରତ ଥିଲେ । ଅତି ଶୈଶବରୁ ରାଧାନାଥଙ୍କ ମାତୃବିୟୋଗ ଘଟିଥିଲା । ପିଲାବେଳୁ ଅତ୍ୟନ୍ତ ରୋଗାକ୍ରାନ୍ତ ହୋଇପଡିଥିବାରୁ ପାଠପଢାରେ ଅନେକ ବାଧା ସୃଷ୍ଟି ହୋଇଥିଲା । ମାଟିବଂଶ ଅବଧାନଙ୍କ ପାଖରୁ ଶିକ୍ଷା ସମାପ୍ତକରି ସୋରଠାରେ ଥିବା ଭର୍ଣ୍ଣାକୁଲାର ସ୍କୁଲରେ ଅଧ୍ୟୟନ କରିଥିଲେ । ୧୮୬୩ ଖ୍ରୀଷ୍ଟାବ୍ଦରେ ପ୍ରଥମ ଶ୍ରେଣୀରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ପରେ କଲିକତାର ପ୍ରେସିଡ଼େନସି କଲେଜରେ ଏଫ୍ .ଏ.ପଢିବାପାଇଁ ଯାତ୍ରାକଲେ । ମାତ୍ର ସେଠାରେ ତାଙ୍କର ସ୍ୱାସ୍ଥ୍ୟରେ ଅବନତି ଓ ଆର୍ଥିକ ଦୁର୍ଗତିପାଇଁ ଉଚ୍ଚଶିକ୍ଷାର ଆଶା ପରିତ୍ୟାଗକରି ବାଲେଶ୍ୱରକୁ ଫେରିଆସିଥିଲେ। ଏହାପରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ସେ ମାସିକ ଟ. ୩୦ /- ଦରମାରେ ତୃତୀୟ ଶିକ୍ଷକ ଭାବରେ ନିଯୋଜିତ ହେଲେ । ୧୮୬୮ ମସିହାରେ ପୁରୀ ଜିଲ୍ଲା ସ୍କୁଲରେ ଦ୍ୱିତୀୟ ଶିକ୍ଷକ ଭାବରେ ଯୋଗଦାନ କଲେ । ଭକ୍ତକବି ମଧୁସୂଦନ ରାଓ ଏହି ସ୍କୁଲରେ ରାଧାନାଥଙ୍କ ଛାତ୍ର ଥିଲେ। ୧୮୭୦ ମସିହାରେ ବାଲେଶ୍ୱର ଜିଲ୍ଲା ରେମୁଣା ଗ୍ରାମର ଆଦିତ୍ୟ ବଂଶର ଚନ୍ଦ୍ରମୋହନ ଆଦିତ୍ୟଙ୍କ କନ୍ୟା ପରଶମଣିଙ୍କ ସହିତ ରାଧାନାଥଙ୍କ ବିବାହ ସଂପନ୍ନ ହୋଇଥିଲା। ପୁରୀରୁ ବଙ୍ଗ ପ୍ରଦେଶ ଅନ୍ତର୍ଗତ ବାଙ୍କୁଡା ସ୍କୁଲ୍ ଏବଂ ସେଠାରୁ ୧୮୭୬ ରେ ବାଲେଶ୍ୱର ଜିଲ୍ଲାର ଡେପୁଟି ସ୍କୁଲ ଇନ୍ସପେକ୍ଟର ପଦରେ ନିଯୁକ୍ତ ହୋଇ ଓଡିଶା ପ୍ରତ୍ୟାବର୍ତ୍ତନ କରିଥିଲେ । ମଧୁସୂଦନ ରାଓ ସେତେବେଳେ ବାଲେଶ୍ୱର ଜିଲ୍ଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ଏବଂ ଫକୀରମୋହନ ସେନାପତି ଥିଲେ ବାଲେଶ୍ୱର ବାସିନ୍ଦା । ଏହି ତିନିଜଣ ମନସ୍ୱୀଙ୍କ ଚିନ୍ତାଧାରାର ମଧୁର ସମନ୍ୱୟରେ ଆଧୁନିକ ଓଡ଼ିଆ ସାହିତ୍ୟରେ ନବକଳେବର ହୋଇଥିଲା । ମଧୁସୂଦନ ଓ ରାଧାନାଥଙ୍କ ମିଳିତ ଉଦ୍ୟମରେ ଏହି ସମୟରେ ଆତ୍ମପ୍ରକାଶ କଲା ପ୍ରଥମ କବିତା ସଙ୍କଳନ 'କବିତାବଳୀ' । ଏହିଠାରୁ ହିଁ ରାଧାନାଥଙ୍କ ବାସ୍ତବ ସାହିତ୍ୟିକ ଜୀବନର ଅୟମାରମ୍ଭ ହେଲା । ବାଲେଶ୍ୱର ଜିଲ୍ଲାରେ ପ୍ରାୟ ପାଞ୍ଚବର୍ଷ ପର୍ଯ୍ୟନ୍ତ ଡେପୁଟୀ ଇନ୍ସପେକ୍ଟର ରହିବାପରେ ଓଡିଶାର ଜଏଣ୍ଟ ଇନ୍ସପେକ୍ଟର ପଦକୁ ଉନ୍ନୀତ ହୋଇଥିଲେ। ଏହି ସମୟରେ ସେ ବଙ୍ଗଳା ଭାଷାରେ ମଧ୍ୟ ଲେଖାଲେଖି ଆରମ୍ଭକରି ଭୂଦେବ ମୁଖୋପାଧ୍ୟାୟଙ୍କୁ ଭେଟି ଦେଇଥିଲେ 'ଲେଖାବଳୀ' ନାମକ ଏକ କବିତା । ଭୂଦେବଙ୍କ ପ୍ରେରଣାରେ ହିଁ ସେ ଓଡିଆ ଭାଷାରେ ଲେଖାଲେଖି କରିବାପାଇଁ ଉତ୍ସାହିତ ହୋଇଥିଲେ । ଜଏଣ୍ଟ ଇନ୍ସପେକ୍ଟର ଭାବରେ ଓଡିଶାର ବିଭିନ୍ନ ଅଞ୍ଚଳ ବୁଲିବାର ସୁଯୋଗପାଇ ଓଡିଶାର ପ୍ରକୃତି ଓ ପରିବେଶ ସହିତ ପରିଚିତ ହୋଇଥିଲେ । ଏହି ସାରସ୍ୱତ ସାଧକ ସର୍ବଦା ମଶିଣାରେ ବସି ଏକ କାଠବାକ୍ସ ଉପରେ ଲେଖାଲେଖି କରୁଥିଲେ । ତାଙ୍କର ରଚନା ମଧ୍ୟରେ ସେ ଦର୍ଶନୀୟ ସ୍ଥାନ, ନଦୀ, ପୁଷ୍କରିଣୀ, ବୃକ୍ଷଲତା ଆଦି ପ୍ରାକୃତିକ ଦୃଶ୍ୟ ଓ ଐତିହାସିକ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଉଥିଲେ। ୧୮୮୨ ଖ୍ରୀଷ୍ଟାବ୍ଦରେ ରାଧାନାଥ ଇନ୍ସପେକ୍ଟର ପଦବୀକୁ ଉନ୍ନୀତ ହୋଇଥିଲେ। ୧୮୯୬ ମସିହାରେ ରାଧାନାଥଙ୍କ ସାହିତ୍ୟ ସେବା ଓ ଉତ୍କଳରେ ଶିକ୍ଷାର ବିସ୍ତାର ପ୍ରତି ଥିବା ସ୍ପୃହାର ପୁରସ୍କାର ସ୍ୱରୂପ ବ୍ରିଟିଶ ସରକାର ତାଙ୍କୁ 'ରାୟ ବାହାଦୂର' ଉପାଧିରେ ଭୂଷିତ କରିଥିଲେ। ପରିଶେଷରେ ୧୯୦୩ ମସିହାରେ ଅବସର ନେଇଥିଲେ ସରକାରୀ ଚାକିରି ଜୀବନରୁ ୧୯୦୮ ମସିହା ବେଳକୁ କଟକରୁ ଫେରିଆସିଲା ପରେ ସାମାନ୍ୟ ଜ୍ୱରରେ ଆକ୍ରାନ୍ତ ହୋଇ ସେହିବର୍ଷ ଅପ୍ରେଲ ୦୭ ତାରିଖରେ ମାତ୍ର ୫୯ ବର୍ଷ ବୟସରେ ସ୍ୱର୍ଗ ପଥର ଯାତ୍ରୀ ହୋଇଥିଲେ ରାଧାନାଥ । ଉତ୍କଳର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ତାଙ୍କୁ ଅମରକରି ତାଙ୍କ ରଚନାର ମାଧୁର୍ଯ୍ୟ, ପଦଲାଳିତ୍ୟ, ସାରଲ୍ୟ ଓ ସୁରୁଚି ପାଠକମାନଙ୍କୁ ବିମୁଗ୍ଧ କରିପକାଏ । ଚରିତ୍ର ଚିତ୍ରଣରେ ସେ କୃତିତ୍ୱ ଲାଭ କରିଥିଲେ। ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ତାଙ୍କର ପାଣ୍ଡିତ୍ୟ ଥିଲା । ପୁତ୍ର ଶଶିଭୂଷଣ ରାୟ ନିଜ ପିତାଙ୍କ ଗ୍ରନ୍ଥାବଳୀ ପ୍ରକାଶିତ କରିଛନ୍ତି । ପ୍ରାଥମିକ ଜୀବନରେ ବଙ୍ଗଳାରେ ଲେଖାଲେଖି କରି ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷାରେ ଏକାଧିକ କାବ୍ୟ କବିତା ରଚନାକରି ଓଡ଼ିଆ ସାହିତ୍ୟରେ ଏକ ନୂତନ ଯୁଗର ପ୍ରବର୍ତ୍ତନ କରିଥିଲେ । ସେଥିପାଇଁ ତାଙ୍କୁ ଯୁଗ ପ୍ରବର୍ତ୍ତକ ଭାବରେ ଅଭିହିତ କରାଯାଏ। ଓଡ଼ିଆ ସାହିତ୍ୟରେ ଉନବିଂଶ ଶତାବ୍ଦୀର ଅର୍ଦ୍ଧାଧିକ କାଳ ପର୍ଯ୍ୟନ୍ତ କାବ୍ୟଯୁଗ ଓ ସଙ୍ଗୀତ ଯୁଗର ପ୍ରଭାବ ଅପ୍ରତିହତ ଥିଲା; କିନ୍ତୁ ଏହି ସମୟରେ ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା, ଶାସନ ଓ ସଂସ୍କୃତିର ସଂସର୍ଗ ଚିନ୍ତନ ରାଜ୍ୟରେ ନୂତନ ମାର୍ଗ ଉନ୍ମୋଚନ କରିଥିଲା। ପ୍ରଚଳିତ ସାହିତ୍ୟିକ ସ୍ରୋତରେ ନୂତନ ଆଲୋଡନ ସୃଷ୍ଟି ହୋଇଥିଲା । ଓଡିଶାର ଦୀର୍ଘକାଳର ସାହିତ୍ୟିକ ପରମ୍ପରାରେ ଅବସାନ ଘଟାଇ ରାଧାନାଥ ରାୟ ଏକ ଭିନ୍ନ ଏବଂ ନୂତନ ଧାରାର ପ୍ରବର୍ତ୍ତନ କରିଥିଲେ। ଏହି ଦୃଷ୍ଟିରୁ ରାଧାନାଥଙ୍କୁ ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗର ବାର୍ତ୍ତାବହ ବୋଲି କୁହାଯାଏ। ତାଙ୍କର ଖଣ୍ଡିଏ ଗଦ୍ୟ ଉପନ୍ୟାସ ଓ 'ବିବେକୀ' ନାମରେ ପ୍ରବନ୍ଧ ଏବଂ କେତେଗୁଡିଏ ପାଠ୍ୟପୁସ୍ତକ ଛଡା ଆଉ ସବୁ ରଚନା ପଦ୍ୟରେ କରିଛନ୍ତି । ୧୮୭୩ ମସିହାରେ ପ୍ରକାଶିତ 'ବିବେକୀ' ତାଙ୍କର ପ୍ରଥମ ଓଡ଼ିଆ ସୃଷ୍ଟି । ଏହା ତାଙ୍କର ପ୍ରକୃଷ୍ଟ ଗଦ୍ୟ ରଚନାର ଶକ୍ତିଶାଳୀ ଉଦାହରଣ ଅଟେ। ଏହି ପ୍ରବନ୍ଧରେ ଅତି ନିଖୁଣ ଭାବରେ କବିଙ୍କର ମୌଳିକ ଭାବ ଓ ଦାର୍ଶନିକ ଚିନ୍ତାଧାରାର ପରିପ୍ରକାଶ ଘଟିଛି। ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଏହା ଏକ ଗୌରବମୟ ସୃଷ୍ଟି ଭାବରେ ପରିଚିତ। 'ଇଟାଲୀୟ ଯୁବା' କବିବରଙ୍କ ଏକ ବିଦେଶୀ ଗଳ୍ପର ରୂପାନ୍ତର । ରାଧାନାଥଙ୍କ ଗଦ୍ୟ ରଚନା କ୍ଷେତ୍ରରେ ଏହାଏକ ଅମଳିନ କୃତି । ଏହା ୧୮୭୩ ମସିହାରେ ପ୍ରଥମେ 'ଉତ୍କଳ ଦର୍ପଣ' ପତ୍ରିକାରେ ପ୍ରକାଶ ପାଇଥିଲା । ଏହା ଏକ ପ୍ରେମ ମୂଳକ ଗଳ୍ପ। ଏଥିରେ ପାଶ୍ଚାତ୍ୟ ପ୍ରଣୟ କାହାଣୀ ରୂପ ନେଇଛି। ରାଧାନାଥଙ୍କ ପ୍ରାଚ୍ୟ ପାଶ୍ଚାତ୍ୟ ସମନ୍ୱୟ ମୂଳକ ଯେଉଁ ଛଅଗୋଟି କାବ୍ୟ ରଚନା କରିଥିଲେ , ତନ୍ମଧ୍ୟରୁ 'କେଦାରଗୌରୀ' ଅନ୍ୟତମ । ପ୍ରାଚ୍ୟ ପାଶ୍ଚାତ୍ୟ ସାହିତ୍ୟର କଳଗତ ସୁଷମାରେ ଏହା ମହିମା ମଣ୍ଡିତ ହୋଇଛି। ରାଧାନାଥ ଗ୍ରୀକ କବି ଓଭିଡଙ୍କ ଗୋଟିଏ ଗଳ୍ପ 'The legend of thise of Babylon' ଅବଲମ୍ବନରେ ରଚିତ ସେକ୍ସପିଅରଙ୍କ Mid Summer Nights Dream ନାଟକ P Vramus And thisbe ଅବଲମ୍ବନରେ ଏହା ରଚିତ । ଭୁବନେଶ୍ୱରର କେଦାରଗୌରୀ ଉପାଖ୍ୟାନ ଏଥିରେ ପ୍ରକାଶ ପାଇଛି। ତାଙ୍କର ଅନ୍ୟାନ୍ୟ କବିତାଗୁଡ଼ିକ ମଧ୍ୟରେ ତୁଳସୀ ସ୍ତବକ, ଯଯାତି କେଶରୀ, ଉର୍ବଶୀ, ଦଶରଥ ବିୟୋଗ, ଭାରତ ଗୀତିକା, ଧବଳେଶ୍ୱର ସ୍ତୋତ୍ରମ, ସାବିତ୍ରୀ ଚରିତ୍ର, ତିନିବନ୍ଧୁ, ବନ୍ଦନା ନିବେଦନ , ପ୍ରତାପରୁଦ୍ର, ଶ୍ମଶାନ ଦୃଶ୍ୟ ,ଏକାଗ୍ରତା, ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ ଓ ଚିଲିକାରେ ଶୟନର ଦୃଶ୍ୟ ଇତ୍ୟାଦି ଅନ୍ୟତମ । ଗ୍ରନ୍ଥାବଳୀ ମଧ୍ୟରେ ସଂସ୍କୃତ ମେଘଦୂତର ପଦାନୁବାଦ, ସ୍କୁଲପାଠ, କବିତାବଳୀ, ପାର୍ବତୀ, ମହାଯାତ୍ରା, ଦରବାର, ଚିଲିକା, ରାମାୟଣ, ଗେଲୁ ଟକିଂ ଓ ଗେଲୁ ଇଟିଂ ଇତ୍ୟାଦି ଉଲ୍ଲେଖଯୋଗ୍ୟ। କବି ରାଧାନାଥ ରୀତିଯୁଗୀୟ କାବ୍ୟ ଧାରାରୁ ଓଡ଼ିଆ ସାହିତ୍ୟକୁ ବନ୍ଧନମୁକ୍ତ କରି ପାଶ୍ଚାତ୍ୟ କାବ୍ୟଧାରା ଅନୁସରଣରେ ଏକ ନବ କାବ୍ୟଧାରା ସୃଷ୍ଟି କରିଥିଲେ। ପାଶ୍ଚାତ୍ୟ ଶିକ୍ଷା, ଭାଷା ସଙ୍କଟ, ନଅଙ୍କ ଦୁର୍ଭିକ୍ଷ, ସଂସ୍କାର ଆନ୍ଦୋଳନ ଓ ଜାତୀୟ ଜୀବନର ଆତ୍ମ-ଜାଗରଣ ମଧ୍ୟରୁ ଆଧୁନିକ ଓଡ଼ିଆ ସାହିତ୍ୟର ହେଲା ନବ ଜନ୍ମ, ଯାହାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ରାଧାନାଥ ରାୟ । ରାଜ ଦରବାରର ସାହିତ୍ୟ ବଦଳରେ ଧୂଳିଧୂସରିତ ଜନପଦକୁ ସାହିତ୍ୟ ଭାବରେ ବନ୍ଦନା କରିଥିଲେ ରାଧାନାଥ । ତେଣୁ ତାଙ୍କ ନାମ ଅନୁସାରେ ଆଧୁନିକ ଓଡ଼ିଆ ସାହିତ୍ୟର ଆଦ୍ୟ ପର୍ଯ୍ୟାୟକୁ ମଧ୍ୟ ନାମିତ କରାଯାଇଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୮୬

## ବୃତ୍ରାସୁରର କାହାଣୀ-୧



ଦେବତାମାନଙ୍କର ରାଜା ଇନ୍ଦ୍ର ଥରେ ଏକ ମସ୍ତ ଭୁଲ୍ କରିବସିଲେ । କ୍ଷମତାରେ ଅନ୍ଧ ହୋଇ ଠିକ୍ ଭୁଲ୍ ଜାଣିପାରିଲେ ନାହିଁ ।

ଦିନେ ଇନ୍ଦ୍ର ଦରବାରରେ ବସିଥାନ୍ତି । ପ୍ରମୁଖ ଦେବତାଗଣ ଉପସ୍ଥିତ ଥାଆନ୍ତି । ଏହି ସମୟରେ ଦେବଗୁରୁ ବୃହସ୍ପତି ସଭାସ୍ଥଳକୁ ପ୍ରବେଶକଲେ । ଇନ୍ଦ୍ର ଭୁଲିଗଲେ ଉଦ୍ରାମି । ଆସନ ଗ୍ରହଣ କରିବାକୁ କହିବେ କ'ଣ, ସେ ତାଙ୍କ ଆଡେ ଚାହିଁଲେ ନାହିଁ । ଓଲଟି ପାଖରେ ବସିଥିବା ରାଣୀଙ୍କ ସହ ଫିସ୍ ଫିସ୍ କଥାହେଲେ । ଏକଥା ଲକ୍ଷ୍ୟକଲେ ବୃହସ୍ପତି । ସେ ଅପମାନିତ ଅନୁଭବ କଲେ । ଏବଂ କ୍ରୋଧରେ ସଭାସ୍ଥଳ ଛାଡ଼ିଲେ ।

ବୃହସ୍ପତିଙ୍କ ବିନା ଇନ୍ଦ୍ର ଯେ ଶକ୍ତିହୀନ ! ଖୁବ୍‌ଶୀଘ୍ର ଇନ୍ଦ୍ର ଜାଣିଗଲେ ସେ ଭୁଲ୍‌ଟିଏ କରିପକେଇଛନ୍ତି । ସେ ଠିକ୍ କଲେ, ବୃହସ୍ପତିଙ୍କ ପାଦଧରି କ୍ଷମାମାଗିବେ ଓ ତାଙ୍କୁ ଫେରେଇ ଆଣିବେ । କିନ୍ତୁ ବୃହସ୍ପତି କେଉଁଠି ମିଳିଲେନାହିଁ । ଗୋପ୍ୟ ହୋଇଗଲେ । ବୃହସ୍ପତିଙ୍କ ବିନା ଦେବତା ନିର୍ବଳ ହୋଇଗଲେ । ଶକ୍ତିଶାଳୀ ହୋଇଉଠିଲେ ଅସୁର । ସେମାନେ ଦେବତା ମାନଙ୍କୁ ଆକ୍ରମଣ କଲେ ।

ଏହି ସଙ୍କଟରୁ ରକ୍ଷା ପାଇବା ପାଇଁ ଦେବତାଗଣ ବ୍ରହ୍ମାଙ୍କର ପରାମର୍ଶ ଚାହିଁଲେ ।

ବ୍ରହ୍ମା କହିଲେ- କ୍ଷମତାରେ ଅନ୍ଧ ହୋଇ ତୁମେ ଅକ୍ଷମଣୀୟ ଅପରାଧ କରିଛ । ସେ ଯାହାହେଉ, ବିନା ଗୁରୁରେ ତୁମେ ତିଷ୍ଠି ପାରିବନାହିଁ । ଗୋଟେ କାମ କର ! ତ୍ୱଷ୍ଟାଙ୍କର ପୁତ୍ର ବିଶ୍ୱରୂପଙ୍କୁ ଗୁରୁ ରୂପେ ବରଣକର । ସେ ଦେବଗୁରୁ ହେବାପାଇଁ ଯୋଗ୍ୟ । କନିଷ୍ଠ ହେଲେ ମଧ୍ୟ

ଇନ୍ଦ୍ର ପହଞ୍ଚିଲେ ବିଶ୍ୱରୂପଙ୍କ ପାଖରେ । ତାଙ୍କୁ ଅନୁରୋଧ କଲେ ଦେବତାଙ୍କ ଗୁରୁ ହେବାକୁ ।

"ବୃହସ୍ପତିଙ୍କ ପରି ତୁମେ ହିଁ ଜ୍ଞାନୀ"- କହିଲେ ଇନ୍ଦ୍ର ।

- ବୃହସ୍ପତି କେଉଁଆଡେ ଗଲେ କି ?

ଇନ୍ଦ୍ର ମିଛ କହିଲେ- ସେ ଆମକୁ ଛାଡ଼ି ପଳେଇଯାଇଛନ୍ତି । କାରଣ କହିନାହାଁନ୍ତି ।

ବିଶ୍ୱରୂପ ରାଜିହେଲେ, ତାଙ୍କର ଉପଦେଶ ଅନୁସାରେ କାର୍ଯ୍ୟ କଲାରୁ ଦେବତାମାନେ ଜିତିଲେ । ଇନ୍ଦ୍ର ଖୁସି । ମାତ୍ର ତାଙ୍କର ଖୁସି ଖୁବ୍‌ଶୀଘ୍ର ଆଶଙ୍କାରେ ପରିଣତ ହେଲା ।

ବିଶ୍ୱରୂପଙ୍କ ପିତା ତ୍ୱଷ୍ଟା, କିନ୍ତୁ ମାଆ ଅସୁର ବଂଶଜ । ଇନ୍ଦ୍ରଙ୍କର ଆଶଙ୍କା ହେଲା; ହୁଏତ ବିଶ୍ୱରୂପ ଅସୁରକୁଳକୁ ସାହାଯ୍ୟ କରିପାରନ୍ତି । ଏବଂ ଖୁବ୍‌ଶୀଘ୍ର ତାଙ୍କ ଆଶଙ୍କା ସତ୍ୟରେ ପରିଣତ ହେଲା । ସେ ଶୁଣିଲେ, ବିଶ୍ୱରୂପ ଯଜ୍ଞର ହବିର୍ଭାଗ ଅସୁରମାନଙ୍କୁ ଗୋପନରେ ଅର୍ପଣ କରୁଛନ୍ତି । ସେ କ୍ରୋଧବଶତଃ ଦିନେ ବିଶ୍ୱରୂପଙ୍କୁ ବଜ୍ର ଦ୍ୱାରା ହତ୍ୟା କଲେ ।

ବାସ୍ ! ବ୍ରହ୍ମହତ୍ୟା ଦୋଷ ଲାଗିଲା ଇନ୍ଦ୍ରଙ୍କୁ ।

ଅନ୍ୟପକ୍ଷରେ ତ୍ୱଷ୍ଟା ପୁଅର ମୃତ୍ୟୁ ସଂପର୍କରେ ଯଥା ସମୟରେ ଶୁଣିଲେ । ଇନ୍ଦ୍ର ଉପରେ ପ୍ରତିଶୋଧ ନେବାପାଇଁ ସେ ଏକ ବିରାଟ ଯଜ୍ଞାନୁଷ୍ଠାନ କଲେ । - ଯଜ୍ଞରୁ ଜନ୍ମହେଲା ଏକ ଶକ୍ତିଶାଳୀ ଭୟଙ୍କର ଦର୍ଶନ ଅସୁର, ଯାହାର ନାମ ବୃତ୍ର । ସେ ବୃତ୍ରକୁ ଆଦେଶ ଦେଲେ, ଦେବତାମାନଙ୍କ ରାଜା ଇନ୍ଦ୍ରକୁ ବଧକର ! (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଗଣ ପରବ ରଜ ...

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ଆମ ଗରବ ଆମ ଗୌରବ
ଗଣ ପରବ ରଜ
ଝିଅ ବୋହୂଙ୍କ ମନ ଉଚ୍ଛନ୍ନ
ହେବାକୁ ସଜବାଜ ।।

ନାନା ରକମ ପିଠାର ବାସ
ଚହଟେ ଚଉଦିଗ
ରଜପାନର ମହକ ଛୁଟେ
ରାଇଜ ସାରା ଆଗ ।।

ସମତା ଭାବ ଭାଇଚାରାର
ମନ୍ତର ଦିଏ କହି
ଭେଦଭାବକୁ ମନରୁ ତଡେ
ଏକତା ଗୀତ ଗାଇ ।।

ରଜରେ ସଜା ଦୋଳିର ମଜା
ସବୁଠି ପୁଚିଖେଳ
ତାସଖେଳେ ମାତନ୍ତି ପିଲେ
ହୋଇକି ଏକମେଳ ।।

ଲହରା ସୁରେ କୁଆଁରୀ ଝିଅ
ବୋଲନ୍ତି ଗୀତ ରଜ
ବରଷେ ଥରେ ଆସିଛି ରଜ
ଡାକିଲା ବନେ ଗଜ ।।

ମାଟିକି ଛୁଏଁ ପହିଲି ବର୍ଷା
ଉଲୁସି ଉଠେ ଧରା
ବାସ ତା'ର ଯାଏ ଚହଟି
ଏଇ ପରବେ ପରା ।।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ, ଭୁବନେଶ୍ୱର*
*ମୋ-୯୪୩୮୩୩୨୧୩୮*

# କହିଲ ଦେଖି

*ପ୍ରଶାନ୍ତ କୁମାର ନାଥ*

୧) କୁଆଁରୀ ଝିଅ ହୋଇକି ମେଳି
ଗାଆଁ ମୁଣ୍ଡରେ ଖେଳନ୍ତି ଦୋଳି
ପାନ ଖାଇ ଓଠ କରନ୍ତି ନାଲି
ସାଥି ହୋଇ ସବୁ ଯାଆନ୍ତି ବୁଲି
ପିଠାପଣାରେ ବାସଇ ଘର
ପରବ ଭିତରେ ଅଟେ ସେ ସାର
ସମସ୍ତଙ୍କର ପ୍ରିୟ ପରବଟିଏ
ନାମଟି ତାହାର କହିବ କିଏ ?

୨) ତ୍ରିଭଙ୍ଗି ଚଉଭଙ୍ଗି ଆକୃତି ତାର
ପତର ଉପରେ ଚୂନ ଖଇର
ଭଜା ଧଣିଆକୁ ଖଣ୍ଡ ନଡିଆ
ଚେରି ଗୁଜୁରାତି ଲାଗେ ବଢିଆ
ତା ସାଥିରେ ପୁଣି ପାନମହୁରୀ
ଅନ୍ୟ ମସଲା ବି ରୁହଇ ଭରି
ଦିଆ ନିଆ ହୁଏ ରଜ ଆସିଲେ
ନାମ ତାର ଦେଖି କହିଲ ପିଲେ ?

୩) ଶିଳପୁଆ ରଖି ପିଢା ଉପରେ
ସ୍ନାନ କରାନ୍ତି କଞ୍ଚା କ୍ଷୀରରେ
ଧରଣୀ ମାତାର ରୂପକୁ ଦେଇ
ହଳଦୀ ପାଟ ପିନ୍ଧାନ୍ତି ନେଇ
ପବିତ୍ର ହୁଅନ୍ତି ଧରଣୀମାତା
ରଜ ପର୍ବର ଏ ସୁନ୍ଦର ଗାଥା
ରଜ ଶେଷରେ ଏହା ପାଳିତ ହୁଏ
ନାମଟି ତାହାର କହିବ କିଏ ?

୪) କଡେଇ ଉପରେ ପତର ଦେଇ
ପିଠଉ ଜନ୍ତଣୀ ସେଥିରେ ଥୋଇ
ଉପରରେ ପୁଣି ପତ୍ର ଘୋଡେଇ
ଜଳନ୍ତା ଅଙ୍ଗାର ଦିଅନ୍ତି ଥୋଇ
ରଜ ଆସିଲେ ତାହା ତିଆରି ହୁଏ
ସେ ପିଠା ନାମଟି କହିବ କିଏ ?

*ସୁନ୍ଦରପୁର, ଉତ୍ତରକୂଳ ହାଟ୍,*
*ପ୍ରୀତିପୁର, ଯାଜପୁର*
*ମୋ- ୮୩୧୦୩୨୮୩୪୫*

[illegible]



# ରଜ ପରବଟି ଆସିଛି

*କୁଞ୍ଜବିହାରୀ ସାହୁ*

ନିଗିଡ଼ି ପଡ଼ିଲା ଆକାଶରୁ ମେଘ ପାଣି
ଶୁଖିଲା ମାଟିର ଚହଟି ଉଠିଲା ଠାଣି
ରଜ ପରବଟି ଆସିଲା
ଗଛଲତା ଏବେ ଫୁଲରେ ଫୁଲରେ ବାସିଲା ।

କୁଆଁରି କନିଆ ନୂଆ ବୋହୂମାନେ ବସିଲେ
ଘରକାମ ନାହିଁ ମନେମନେ କେତେ ହସିଲେ
ସଜବାଜ ହେଲେ ଏକାଠି
ଏତେ ଖୁସି ସତେ ଭୂଇଁରେ ଲାଗୁନି ଗୋଇଠି ।

ଗହଳ ତୋଟାରେ ଝୁଲୁଛି ଦୋଳି ଯେ ସରସେ
ସଜେଇ ହୋଇଛି ରଙ୍ଗିନ ଫୁଲର ପରଶେ
ଦୋଳିରେ ବସିଲେ ଝୁଲିକି
ପାନଟେ ଖାଇଲେ ଅନେଇଲେ ବୁଲିବୁଲିକି ।

ଗାଁ ଟୋକାମାନେ କବାଡ଼ି ଖେଳିଲେ ବାଲିରେ
ହାରଜିତ ନାହିଁ ଖୁସି ମନାଇଲେ ତାଳିରେ
କହିଲେ ବଢ଼ିଆ ପରବ
ଆମେ ତ ଓଡ଼ିଆ ଓଡ଼ିଶାର ଇଏ ଗରବ ।

*ପାତ୍ରପଡା, ଭୁବନେଶ୍ୱର*
*ମୋ-୭୦୦୮୧ ୪୨୦୪୦*



# ପାଖେଇ ଆସୁଛି ରଜ

*ନିରଞ୍ଜନ ସାହୁ*



ଆସିବ ଆସିବ କହି
ପାଖେଇ ଆସିଲା ରଜ
ଦିନ କେଇଟାର ବ୍ୟବଧାନ ଅଛି
ମନ ହୁଏ ଖଜଖଜ
ରଜ ପାଇଁ ସଜବାଜ
ଝିଅଙ୍କ ଆଖିରୁ ନିଦ ହଜିଲାଣି
ହୋଇଲେଣି ଲାଜଲାଜ ।
ଛନଛନ ହୁଏ ମନ
କିଣା ହେବ ପ୍ରସାଧନ
କାହାର ପୋଷାକ କେତେ ନାମୀଦାମୀ
କିଣିଦେବେ ପରିଜନ
ଚାଲିଲାଣି ଆଲୋଚନା
ଝିଏ ମେଳି ବାନ୍ଧି ଟୁପୁରୁଟାପର
କରନାହିଁ ତାଙ୍କୁ ମନା ।
ଝିଅମାନେ ହେବେ ମେଳ
ରଜେ ହେବ ଦୋଳି ଖେଳ
ରଜ ତିନିଦିନ ଦୋଳିରେ ଝୁଲିବେ
ନିଅଣ୍ଟ ପଡ଼ିବ ବେଳ
ଗାଇବେ ଦୋଳିରେ ଗୀତ
ଗୀତର ଅଭ୍ୟାସ ଆଜିଠୁଁ କରନ୍ତି
ପାଳି ଧରୁଅଛି ମିତ ।
ସାହିସାହି ଝିଏ ବୁଲି
ଦୋଳିରେ ପଡ଼ିବେ ଝୁଲି
ସାହିପଡିଶାରେ ପିଠାପଣା ଖାଇ
ଘର କଥା ଯିବେ ଭୁଲି
ରଜ ପାନ ଖାଇଖାଇ
ପାଟିକୁ ନାଲିଆ କରି ବୁଲୁଥିବେ
ସାଙ୍ଗସାଥି ମେଳେ ଥାଇ ।
ରଜ ମଉଛବ ହେବ
ଅପାର ଆନନ୍ଦ ଦେବ
ବୈଦ୍ୟୁତିକ ଦୋଳି ସେଠାରେ ପଡ଼ିବ
ଝିଅଙ୍କୁ ବୁଲାଇ ନେବ
ଲାଗିବ ଗହଳି ଭାରି
ପୋଡ଼ପିଠା, ପାନ ବଣ୍ଟା ଯାଉଥିବ
ରଜ ପାଇଁ ଦରକାରୀ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ଆମରି ଗାଆଁରେ ରଜ

*ପ୍ରଫୁଲ୍ଲ କୁମାର ସାହୁ*

ଗାଆଁ ଶେଷ ମୁଣ୍ଡେ ବୁଢ଼ା ବରଗଛ
କାହିଁ କେଉଁ କାଳୁ ହୋଇଛି ଛିଡ଼ା,
ଛାଇରେ ତାହାର ପିଲାଏ ଖେଳନ୍ତି
ଦେଖିଥାନ୍ତି ବସି ପିଲାଠୁ ବୁଢା ।୧।

କିଚିରି ମିଚିରି ଶବଦ ଶୁଭଇ
ରାତି ପାହି ଯେବେ ସକାଳ ହୁଏ,
ଗଛ ଡାଳ ଛାଡ଼ି ପକ୍ଷୀ ଦଳ ଦଳ
ଆହାର ପାଇଁ କେ କୁଆଡେ ଯାଏ ।୨।

ଆସିଗଲେ ରଜ ବରଗଛ ମୂଳେ
ଗାଆଁ ପିଲା ଆସି ବାନ୍ଧନ୍ତି ମେଳି,
ଖେଳିବା ପାଇଁ କି ଗଛ ଡାଳ ଦେହେ
ଚଢ଼ି ବାନ୍ଧିଥାନ୍ତି ବାଉଁଶ ଦୋଳି ।୩।

ଗାଆଁ ଝିଅ ଯେତେ ହୋଇ ସଜବାଜ
ଡକାଡକି ହୋଇ ସାଥିଙ୍କ ମେଳେ,
ରଜ ତିନି ଦିନ ଖେଳିଥାନ୍ତି ଦୋଳି
ହୋଇ ହସ ଖୁସି ଗଛର ତଳେ ।୪।

ବାଗୁଡ଼ି ଖେଳନ୍ତି ଗାଆଁର ପିଲାଏ
ଖେଳର ତାଳରେ ବାଜଇ ବାଜା,
ବାଜା ତାଳେ ତାଳେ ହୁଏ ତାଳି ମାଡ଼
ଦେଖଣାହାରୀ ଏ କରନ୍ତି ମଜା ।୫।

ଜେଜେ ଅଜା ମିଶି ଖେଳନ୍ତି ତାଆସ
ବରଗଛ ତଳ ଛାଇରେ ବସି,
କେ ଖେଳନ୍ତି ପଶା ସେ ତାଙ୍କର ନିଶା
ପାଳିଥାନ୍ତି ରଜ ସେ ମିଳି ମିଶି ।୬।





ଘରେ ଘରେ ହୋଇଥାଏ ପୋଡ଼ ପିଠା
ସୁଆଦ ତାହାର ବଡ଼ ନିଆରା,
ମାଆ ବାଣ୍ଟିଥାନ୍ତି ସାଇ ପଡ଼ିଶାରେ
ଭାବ ବନ୍ଧନର ପ୍ରୀତି ପସରା ।୭।

ଆମ ପରମ୍ପରା ଆମରି ସଂସ୍କୃତି
ଦେଖରେ ଦେଖରେ କେତେ ମହାନ,
ଏହି ରଜ ପର୍ବ ତାହାର ପ୍ରତୀକ
ଘରେ ଘରେ ହୋଇଥାଏ ପାଳନ ।୮।

*ପ୍ରଧାନ ଶିକ୍ଷକ, ଶକ୍ତି ବିହାର, ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# ରଜରେ ଦୋଳି

*ଦୀନବନ୍ଧୁ ପୋଇ*

ପାଳିବେ ରଜ ହୋଇ କି ସଜ
ଆମ ସଂସ୍କୃତି ଇଏ
ସରାଗେ ଅଜା ଡାକିଲେ ଆସ
ଦୋଳି ଖେଳିବ କିଏ ?
ତିନି ଦିନର ରଜ ପରବ
ପହିଲି ମଝି ଶେଷ
ଆଇ ପାଟିରେ ରଜର ପାନ
ଖାଇ ବିତରେ ବାସ ।
ସଜବାଜରେ ସବୁରି ଘରେ
ଗଢଇ ପିଠା ମାଆ
ପୋଡ଼ପିଠାର ମହତ୍ୱ ବେଶି
ସୁଆଦିଆଟି ଆହା ।
ଭଳି କି ଭଳି ଦୋଳି ଝୁଲଇ
ବରଗଛର ଡ଼ାଳେ
ଗାଇ ଗାଇକା ରଜର ଗୀତ
ଖେଳନ୍ତି ତାଳେ ତାଳେ ।
ଧରଣୀ ମାଆ ରଜରେ ପୁଣି
ହୁଅଇ ରଜବତୀ
ଚଷା ପୁଅଟି କରଇ ଚାଷ
ପବିତ୍ର ହେଲେ ମାଟି ।



କହନ୍ତି କେହି କୃଷି ପରବ
ଆଉ ବି ଗଣପର୍ବ
ନାରୀଙ୍କୁ ଆସ ସମ୍ମାନ ଦେବା
ସିଏ ଆମର ଗର୍ବ ।

*ଗୋରଡ଼ାପାଳ, କରମୁଳ, ଢେଙ୍କାନାଳ*
*ଦୂରଭାଷ-୯୯୩୮୮୦୨୪୧୨*



# ଆସୁଛି ରଜ

*ସୁଧାକର ରାଉତ*

ବରଷକ ପରେ ଆସିକରି ରଜ
ଖୁସିର ପସରା ଧରି
ଦୁଆର ପାରୁଶେ ଡାକୁଛି ସଭିଙ୍କୁ
ପକାଇଣ ସିଏ ହୁରି ।

ଢ଼ହ ଢ଼ହ ଖରାର କଷଣ ଭୁଲି
ପାଳିବା ଏହାକୁ ଆସ
ମନୁଭୁଲି ସବୁ ରାଗ ହିଂସା ଦ୍ୱେଷ
ମୁହଁରେ ଫୁଟାଇ ହସ ।

ନୂଆ ପୋଷାକରେ ସଜବାଜ ହୋଇ
ଖେଳିବା ହୋଇଣ ମେଳି
ଝୁଲିବାକୁ ପରା ଡ଼ାକଇ ଆମକୁ
ସଜା ହୋଇଥିବ ଦୋଳି ।

ବାଉଁଶ ଦୋଳି ଆଉ ଚକ୍ରି ଦୋଳିର
ନେବାକୁ ନିଆରା ମଜା
ପଡ଼ିଆରେ ଯାଇ ଭିଡ କରିଲେଣି
ପୂଜା ମିତା ଆଉ ରାଜା ।

ବାଗୁଡି, କବାଡି, ବୋହୂଚୋରି ସଙ୍ଗେ
ଲୁଡୁ ଓ ତାଆସ ଖେଳ
ଆନନ୍ଦ ଉଲ୍ଲାସ ଭରିବ ହୃଦରେ
ଜଣା ପଡ଼ିବନି ବେଳ ।

ସୁଆଦିଆ ପୋଡ୍ ପିଠା ସହିତରେ
ଆରିସା ଚକୁଳି ବାସ
ମହକାଇ ଦିଏ ସାରା ପରିବେଶ
ଭରି ଆନନ୍ଦ ଅଶେଷ ।

ଆମ ସଂସ୍କୃତି ପରମ୍ପରା ବାହକ
ଅଟେ ଏ ନିଆରା ପର୍ବ
କୃଷିଭିତ୍ତିକ ପରବଟି ଗାଏ
ଗଉରବ ଆଉ ଗର୍ବ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ରଜ ଲାଗେ ଭାରି ଭଲ

*ପ୍ରଶାନ୍ତ କୁମାର ଦାଶ*

ରଜ ଲାଗେ ଭାରି ଭଲ
ଚାଲେ ଦୋଳି ଖେଳ
ହସ ଖୁସୀ ମଉଜରେ
କଟିଯାଏ ବେଳ ।।

ବୋଉ କରେ ପୋଡପିଠା
ଖୋଇଦିଏ ବସି
ସୋନୁ ଖାଏ ପିଠା ମିଠା
ଗୀତଗାଇ ହସି ।।

ଗାଆଁ ସହରରେ ଶୁଭେ
ରଜଦୋଳି ଗୀତ
ପିଲାଏ କରନ୍ତି ଭୋଜି
ହୋଇ ସାଥୀ ମିତ ।।

କାମଧନ୍ଦା ଛାଡ଼ି ସବୁ
ଚାଷୀ ପାଳେ ରଜ
ଟିପି ଟିପି ଚନ୍ଦନରେ
ପିଲାଙ୍କର ସଜ ।।

ବରଷକେ ଥରେ ଆସି
ଖୁସୀ ଦିଏ ବାଣ୍ଟି
ଫୁଟାଏ ହସର ଫୁଲ
ଦୁଃଖୀ ଓଠେ ଖାଣ୍ଟି ।।

ରଜତ ପରବ ରାଜା
ଚାଲେ ତିନି ଦିନ
ମନରୁ ଲିଭେନି ଜମା
ସେ ଅଭୁଲା ଚିହ୍ନ ।।

ନୂଆ ଜାମା ପୋଷାକରେ
ପିଲାଙ୍କର ଖୁସି
ଶୁଣନ୍ତି ଗପ ଓ ଗୀତ
ଆଇ ପାଖେ ବସି ।।

ଘରକୁ ଆସନ୍ତି ମାମୁ
ମାଇଁ ଆଣି ଭାର
ଚାଲି ଗଲେ ବୋଉ ଡାକେ
ଆଖିଲୁହ ଧାର ।।

*କୁଞ୍ଜର-ସଙ୍ଗଳାଇ, ପିପିଲି -ପୁରୀ*
*ମୋ-୯୬୬୮୮୨୨୧୯୦*

# ସଭିଏଁ କହିବେ ବାଃ ବାଃ ବାଃ

*ସୁରମା ମିଶ୍ର*



ଆସ ଆମେ ଖେଳିବା
ଡିଆଁ ଡେଇଁ କରିବା
ଖେଳକୁଦ କରି ଆମେ
ସ୍ୱାସ୍ଥ୍ୟ ଭଲ ରଖିବା ॥

ମନ ଦେଇ ପଢ଼ିବା
ଉଚ୍ଚ ସ୍ଥାନ ରଖିବା
ବାପା ମାଆଙ୍କୁ ଖୁସି ରଖି
ଆମେ ଖୁସି ରହିବା ॥

ଗୀତଟିଏ ଗାଇବା
ଶ୍ରୋତା ମନ ମୋହିବା
ତାଳିମାଡ଼ ଶୁଣି ଆମେ
ଉତ୍ସାହିତ ହୋଇବା ॥

ଗାଆଁ ସଫା କରିବା
ସଦା ସ୍ୱଚ୍ଛ ରଖିବା
ଅସହାୟ ମାନଙ୍କୁରେ
ଆମେ ସାହା ହୋଇବା ॥

ମାଆ ନାମେ ଗଛ ପୋତି
ରଖିବାରେ ତାର ସ୍ମୃତି
ବଢ଼ାଇବା ଯତ୍ନ ନେଇ
ଧ୍ୟାନ ଦେବା ତା ପ୍ରତି ॥

ଅମାନିଆଁ ହେବାନି
କରିବାନି ଦୁଷ୍ଟାମି
ଭଲ ପିଲା ନ ହୋଇଲେ
ଭଲ କେ ପାଇବେନି ॥

ଭଲ କାମ କରିବା
ଭଲ ପିଲା ହୋଇବା
ସଭିଏଁ କହିବେ ବାଃ ବାଃ
ବାଃ ବାଃ ବାଃ ବାଃରେ ବାଃ

*ବିଏଲ୍-୩୯, ଭିଏସ୍‌ଏସ୍ ନଗର,*
*ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*



ଡ. ଦ୍ୱିତୀ ଚନ୍ଦ୍ର ସାହୁ

# ବସା



ସକାଳୁ ସକାଳୁ ଜେଜେ ଭାରି ଜୋର୍‌ରେ ପାଟି କରୁଥିଲେ। ଆଖି ମଳି ମଳି କୁନା ଜେଜେଙ୍କ ପାଖକୁ ଗଲା ଓ ତାଙ୍କ କୋଳରେ ବସି ପଚାରିଲା- 'କଣ ହେଲା ଜେଜେ ? ତୁମେ କାହା ଉପରେ ଚିଲ୍ଲଉଛ ?'

ଜେଜେ କହିଲେ - 'ତୋ ବାପା ଉପରେ । ସକାଳୁ ସକାଳୁ ତୋ ବାପା ଗାଧୁଆଘର ଝରକା ପାଖରେ ପାରା ବସାକୁ ଭାଙ୍ଗି ଦେଇଛି । ମୁର୍ଖଙ୍କ ଭଳି କାମ କରିଛି ।'

କୁନା କହିଲା- 'ଜେଜେ ! ସେମାନେ ଭାରି ଅସନା କରୁଛନ୍ତି । ଝାଡା, ପର ଓ ବସାର କାଠିକୁଠା ସବୁ ଗାଧୁଆ ଘର ଭିତରେ ପଡୁଛି ।'

କୁନାର କଥା ଶୁଣି ଏଥର ଜେଜେ କହିଲେ । 'ଆଛା କହିଲୁ ଝଡ ତୋଫାନ୍‌ରେ ଆମ ଘର ପାଖରେ ଥିବା ସୁନାଦେଇର ଚାଳ ଛପର ଘର କେମିତି ଉଜୁଡି ଗଲା । ଗରିବ ଲୋକଟି କେତେ ହନ୍ତସନ୍ତ ହେଲା । ଘର ଅଭାବରୁ ଆମର ସେ ଗ୍ୟାରେଜ୍ ଘରେ ଆସି କେତେ ଦିନ ରହିଲା ଦେଖିଛୁ ତ । ଯାଚୁସ୍ୟାଚୁ ମାଗି ପୁଣି ତାର ନଡାଛପର ଘର ତିଆରି କରିବାକୁ କେତେ ଦିନ ଲାଗିଲା । ତାର ପୁଅ ଟୁନୁ ତୋ ସାଂଗ ସେତେବେଳେ ସତରେ ଖୁସି ଥିଲା ?'

କୁନା କହିଲା - 'ଠିକ୍ କହିଲ ଜେଜେ । ଭାରି ମନ ଦୁଃଖ କରୁଥିଲା । ତାର ଖେଳଣା ସବୁ ଭାଙ୍ଗି ଚୁର୍‌ମାର୍ ହୋଇଯାଇଥିଲା ।'

ଜେଜେ ପୁଣି କହିଲେ- 'ଖେଳଣା ଭାଙ୍ଗି ଯିବାରୁ ଟୁନୁ ଯଦି ଏତେ ଦୁଃଖ କଲା, ତେବେ ଘର ଭାଙ୍ଗି ଯିବାରୁ ସୁନାଦେଇ କେତେ ଦୁଃଖ ସହିନଥିବ । ସେମିତି ପାରାଟିକୁ ଦୁଃଖ ଲାଗିନଥିବ ।'

କୁନା ଦୌଡିଲା ଗାଧୁଆ ଘର ପଛ ପାଖକୁ । ଝରକା ପାଖରେ ଗୋଟେ ପାରା ବସି ଗୁଁ ଗୁଁ ହେଉଥିଲା । ଆଉ ଗୋଟେ ପାରା ତଳେ ପଡିଥିବା କାଠିକୁଟା ପାଖରେ ବସିଥିଲା । ଟିକିଏ ଅପେକ୍ଷା କରିବା ପରେ ଦେଖିଲା ତଳେ ଥିବା ପାରା ଥଣ୍ଟରେ କାଠିକୁଟା ଧରି ଝରକା ପାଖକୁ ଆସିଲା । ଉପରେ ଥିବା ପାରା ତାକୁ ସଜେଇଲା । ପୁଣି ପାରାଟି ତଳକୁ ଆସି କାଠିକୁଟା ନେଲା । ଏତିକି ଦେଖି କୁନା ଜେଜେ ପାଖକୁ ଦୌଡି ଆସିଲା ଓ କହିଲା-

'ଜେଜେ ! ଆମ ଝରକା ପାଖରେ ପାରା ଦୁଇଟା ପୁଣି ଘର ସଜଉଛନ୍ତି । ତଳେ ପଡିଥିବା କାଠିକୁଟାକୁ ନେଉଛନ୍ତି ।'

ନାତିକୁ ଧରି ଜେଜେ ଆଗ୍ରହର ସହ ପୁଣି ପଛ ପାଖକୁ ଗଲେ । ପାରା ଦୁଇଟି ପୁଣି ଘର ସଜାଡିବାକୁ ଲାଗିଛନ୍ତି । ଜେଜେ ଖୁସି ହୋଇଗଲେ । ନାତିକୁ ଧରି ସେଠୁ ଫେରିଲେ ।

ଘର ଭିତରେ ପଶୁ ପଶୁ କହିଲେ- 'ଶୁଣ ସମସ୍ତେ ! ପାରା ଦିଟା ପୁଣି ଝରକା ପାଖରେ ବସା ସଜାଡୁଛନ୍ତି । ବସାକୁ ଆଉ କିଏ ଭାଙ୍ଗିବ ନାହିଁ । ବହୁତ ପାପ । ଆମ ପରି ସେମାନଙ୍କ ବି ଘର ସଂସାର ଅଛି । କାହାରି ବସା ଭାଙ୍ଗିବା ଉଚିତ୍ ନୁହେଁ । ଟୁଟୁ ଆଜି ଘର ଭାଙ୍ଗିଦେଲା । ହେଲେ ବିଚରା ଦି'ଟା ପ୍ରାଣୀ ପୁଣି ବସା ସଜାଡୁଛନ୍ତି ।'

ପାଖରେ ଥିବା କୁନା କହିଲା- 'ଜେଜେ ! ଟୁନୁ ଘର ଯେମିତି ଝଡତୋଫାନରେ ଭାଙ୍ଗିଗଲା । ପୁଣି ତିଆରି କଲେ । ସେମାନେ ବି ଭାବୁଥିବେ ତାଙ୍କ ଘର ବି ଝଡତୋଫାନରେ ଭାଙ୍ଗିଯାଇଛି । ସେଥିପାଇଁ ତାକୁ ସଜାଉଛନ୍ତି ।'

କୁନାର ଏମିତି କଥା ଶୁଣି ସମସ୍ତେ ତାଟକା ହୋଇଗଲେ । ପିଲାଟି ମୁଣ୍ଡରେ ପାରା ବସାକୁ ନେଇ ଏତେ କଥା ପଶିଯାଇଥିବା ଜାଣି ତା ବାପା, ମାଆ ଓ ଜେଜେମାଆ ଦୁଃଖୀ ଲାଗିଲେ ।

ପରିସ୍ଥିତିକୁ ସ୍ୱାଭାବିକ କରିବା ଲାଗି ବାପା କହିଲେ- 'କୁନା ! ଚାଲ ଚାଲ ତୁମେ ଦା' ଘଷି ନାହିଁ ଏତେବେଳ ଯାଏଁ । ବହୁତ ଡେରି ହୋଇଗଲା ।'

ବାପା ଓ ପୁଅ ଘର ଭିତରକୁ ଚାଲିଲେ ଏବଂ ବାକି ଲୋକ ନିଜ ନିଜ ବାଟରେ ଚାଲିଲେ । ପାରା ଦି'ଟା ପୁଣି ବସା ସଜାଡୁଥିଲେ ।

*ଇନ୍ଦିରା ନଗର, ଚତୁର୍ଥ ଗଳି*
*ରାୟଗଡା-୭୬୫୦୦୧*
*ମୋ-୯୪୩୭୯୦୯୬୭୧*

## ଆଇସିସି ଟେଷ୍ଟ ର୍ୟାଙ୍କିଂ

# ଶତକ ପରେ ଟପ୍‌-୧୦ରେ ଗିଲ୍‌




**ନୂଆଦିଲ୍ଲୀ**

ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍ୟାଙ୍କିଂରେ ଉପରକୁ ଉଠିଛନ୍ତି ଶୁଭମନ ଗିଲ୍‌। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମୁକାବିଲାରେ ଦମ୍‌ଦାର ଶତକ ପରେ ଲମ୍ବା ଲମ୍ଫ ମାରିଛନ୍ତି ଟିମ୍ ଇଣ୍ଡିଆର ଅଧିନାୟକ। ଟପ୍‌-୧୦ରେ ପ୍ରବେଶ କରିଥିବାବେଳେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି। ଯେଉଁଥିରେ ତଳକୁ ଖସିଛନ୍ତି ଜଶସ୍ୱୀ ଜୟସ୍ୱାଲ। ସଦ୍ୟ ପ୍ରକାଶିତ ଆଇସିସି ର୍ୟାଙ୍କିଂରେ ଅଷ୍ଟମ ସ୍ଥାନକୁ ଉଠିଛନ୍ତି ଗିଲ୍‌। ସେ ୭୪୩ ପଏଣ୍ଟ ସହ ଏହି ସ୍ଥାନରେ ରହିଛନ୍ତି। ପୂର୍ବରୁ ଗିଲ୍ ଦଶମ ସ୍ଥାନରେ ରହିଥିଲେ। ଏବେ ଦୁଇଟି ସ୍ଥାନ ଉପରକୁ ଉଠିଛନ୍ତି। ତେବେ ଟେଷ୍ଟରେ ଟପ୍‌-୧୦ ମଧ୍ୟରେ ମାତ୍ର ୨ ଜଣ ବ୍ୟାଟ୍ସମ୍ୟାନ୍ ରହିଛନ୍ତି। ନବମ ସ୍ଥାନରେ ରହିଛନ୍ତି ଜୟସ୍ୱାଲ। ଆଫଗାନିସ୍ତାନ ବିପକ୍ଷ ଟେଷ୍ଟ ମୁକାବିଲାରେ ଗିଲ୍ ୧୭୭ ବଲରୁ ୧୨୬ ରନ୍ କରିଥିଲେ। ମାତ୍ର ଜୟସ୍ୱାଲ ୨୪ ରନ କରିବାରେ ସଫଳ ହୋଇଥିଲେ। ଏହି ଶତକ ବଳରେ ଉପରକୁ ଉଠିଛନ୍ତି ଗିଲ୍‌। ଯାହାକି ଜୟସ୍ୱାଲଙ୍କୁ କ୍ଷତି ପହଞ୍ଚାଇଛି। ସେ ଅଷ୍ଟମ ସ୍ଥାନରୁ ନବମ ସ୍ଥାନକୁ ଖସିଛନ୍ତି। ତେବେ ଆଫଗାନିସ୍ତାନ ବିପକ୍ଷ ମୁକାବିଲାରେ କେ.ଏଲ ରାହୁଲ ଶତକ ମାରିବା ପରେ ମଧ୍ୟ ସେ ୩୪ ନମ୍ବର ସ୍ଥାନରେ ରହିଛନ୍ତି।

ପୂର୍ବରୁ ରଚିନ ରବିନ୍ଦ୍ର ଦଶମ ସ୍ଥାନରେ ରହିଥିଲେ। ମାତ୍ର ଏବେ ସେ ୧୩ତମ ସ୍ଥାନକୁ ଖସିଛନ୍ତି। ଗିଲ୍ ଚାଣ୍ଡିମାଲ ଏବଂ ପନ୍ତଙ୍କୁ ପଛରେ ପକାଇ ଆଗକୁ ବଢ଼ିଛନ୍ତି। ପନ୍ତ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ୮୧ ରନର ପାଳି ଖେଳିଥିଲେ। ମାତ୍ର ସେ ଏବେ ୧୨ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

# ଆଫଗାନିସ୍ତାନ ସିରିଜ୍‌ରୁ ବାଦ୍ ପଡ଼ିଲେ ହାର୍ଦ୍ଦିକ ପାଣ୍ଡ୍ୟା



**ନୂଆଦିଲ୍ଲୀ**

ଆଫଗାନିସ୍ତାନ ସିରିଜ୍ ପୂର୍ବରୁ ଟିମ୍ ଇଣ୍ଡିଆକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି। ବିରାଟ କୋହଲିଙ୍କ ପରେ ଷ୍ଟାର୍ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଗାମୀ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ୩୨ ବର୍ଷୀୟ ହାର୍ଦ୍ଦିକଙ୍କ ପାଖେ ନୂଆ ଆଘାତ ଦେଖିବାକୁ ମିଳିଛି। ତାଙ୍କର ଏବେ ଜଙ୍ଘ ମାଂସପେଶୀରେ ଷ୍ଟ୍ରେନ୍ ସମସ୍ୟା ଦେଖାଦେଇଛି। ଗୋଟିଏ ସପ୍ତାହର ଡ୍ରିଲ୍ ଏବଂ ଫିଟ୍‌ନେସ୍ ଆକଳନ ପରେ ତାଙ୍କୁ ବିସିସିଆଇର ବେଙ୍ଗାଲୁରୁ ସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସରୁ କ୍ଲିୟରାନ୍ସ ମିଳିଯାଇଥିଲା, କିନ୍ତୁ ନୂଆ ସମସ୍ୟା ଯୋଗୁଁ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ସେ ଜୁନ୍ ଦୁଇ ତାରିଖରୁ ବେଙ୍ଗାଲୁରୁରେ ଟ୍ରେନିଂ କରୁଥିଲେ। ସେ ଆଉ କିଛି ସମୟ ଏଠାରେ ରହିବେ। ହାର୍ଦ୍ଦିକ ପିଠିରେ ଯନ୍ତ୍ରଣା (କ୍ରାମ୍ପ) ସମସ୍ୟା ଯୋଗୁଁ ଆଇପିଏଲ୍ ୨୦୨୬ରେ ଅନେକ ମ୍ୟାଚ୍ ଖେଳିପାରି ନଥିଲେ। ସେ ଏହି ଆହତ ସମସ୍ୟାରୁ ସୁସ୍ଥ ହେବା ପରେ ଖେଳିବା ପାଇଁ ଅନୁମତି ନେବାକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଯାଇଥିଲେ।

ପିଟିଆଇ ହାର୍ଦ୍ଦିକ ସିରିଜ୍‌ରୁ ବାଦ୍ ପଡ଼ିବା ଖବର ନିଶ୍ଚିତ କରିଛି। ରିପୋର୍ଟ ଅନୁଯାୟୀ ହାର୍ଦ୍ଦିକ ପ୍ରାରମ୍ଭରେ ସମସ୍ତ ଆବଶ୍ୟକୀୟ ଟେଷ୍ଟ ପାସ୍ କରିଥିଲେ ଏବଂ ତାଙ୍କୁ କ୍ଲିୟରାନ୍ସ ମଧ୍ୟ ମିଳିଯାଇଥିଲା। କିନ୍ତୁ ବିଳମ୍ବରେ ଦେଖାଦେଇଥିବା ଏକ ସମସ୍ୟା ଯୋଗୁଁ ସେ ଆଫଗାନିସ୍ତାନ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଜଙ୍ଘର ସମ୍ମୁଖ ମାଂସପେଶୀରେ ଷ୍ଟ୍ରେନ୍ ଆସିଛି ଏବଂ ତାଙ୍କୁ ପ୍ରାୟ ଦୁଇ ସପ୍ତାହ ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି। ସେ ନିଜର ସୁସ୍ଥ ପ୍ରକ୍ରିୟା ଜାରି ରଖିବା ପାଇଁ ସିଓଇରେ ହିଁ ରହିବେ। ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଶନିବାର (୧୩ ଜୁନ୍) ଠାରୁ ଧର୍ମଶାଳାରେ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବାକୁ ଯାଉଛି।

ବର୍ତ୍ତମାନ ସୁଦ୍ଧା ଟିମ୍ ମ୍ୟାନେଜମେଣ୍ଟ ଏବଂ ସିଲେକ୍ସନ କମିଟି ୩୨ ବର୍ଷୀୟ ଅଲରାଉଣ୍ଡରଙ୍କ ବଦଳ ଖେଳାଳି ଘୋଷଣା କରି ନାହିଁ। ଜୁଲାଇରେ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ହାର୍ଦ୍ଦିକଙ୍କ ଖେଳିବା ମଧ୍ୟ ଆଶଙ୍କା ଘେରରେ ରହିଛି। ହାର୍ଦ୍ଦିକ ଭାରତର ସୀମିତ ଓଭର ଦଳ ପାଇଁ ଜଣେ ଗୁରୁତ୍ୱପୂର୍ଣ୍ଣ ଖେଳାଳି, କାରଣ ସେ ନିଜର ଦ୍ରୁତ ବୋଲିଂ ଏବଂ ଡେଥ୍ ଓଭର ଗୁଡ଼ିକରେ ଆକ୍ରମଣାତ୍ମକ ବ୍ୟାଟିଂ ଦ୍ୱାରା ଦଳକୁ ସନ୍ତୁଳନ ପ୍ରଦାନ କରିଥାନ୍ତି।

ଅନ୍ୟପଟେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ରୋହିତ ଶର୍ମାଙ୍କୁ ଆଫଗାନିସ୍ତାନ ସିରିଜ୍‌ରେ ଖେଳିବା ପାଇଁ ଅନୁମତି ଦେଇଛି। ରୋହିତ ଗୋଡ଼ର ମାଂସପେଶୀରେ ଷ୍ଟ୍ରେନ୍ ସମସ୍ୟାର ଯାଞ୍ଚ ପାଇଁ ସିଓଇରେ ଥିଲେ। ଆଇପିଏଲ୍ ସମୟରେ ରୋହିତ ଏହି କାରଣରୁ ଅନେକ ମ୍ୟାଚ୍ ଖେଳିପାରି ନଥିଲେ। ଅନ୍ୟପଟେ ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଗୋଡ଼ର ମାଂସପେଶୀରେ ଷ୍ଟ୍ରେନ୍ ଯୋଗୁଁ ଆଫଗାନିସ୍ତାନ ସିରିଜ୍‌ରେ ଖେଳିବେ ନାହିଁ। ଟେଷ୍ଟ ଏବଂ ଟି-୨୦ରୁ ଅବସର ନେବା ପରେ କେବଳ ଗୋଟିଏ ଫର୍ମାଟ୍‌ରେ ଖେଳୁଥିବା କୋହଲିଙ୍କୁ ଆଇପିଏଲ୍ ୨୦୨୬ ଫାଇନାଲ୍ ସମୟରେ ଏହି ସମସ୍ୟା ହୋଇଥିଲା। କୋହଲି ଅପରାଜିତ ୭୫ ରନ୍ କରି ଆରସିବିକୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଆଇପିଏଲ୍ ଟାଇଟଲ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କୋହଲିଙ୍କ ସ୍ଥାନରେ ଦିନିକିଆ ସିରିଜ୍ ପାଇଁ ଯଶସ୍ୱୀ ଜୟସ୍ୱାଲଙ୍କୁ ଦଳରେ ସାମିଲ କରାଯାଇଛି।

# ଦୀର୍ଘ ସମୟ ପାଇଁ ଭାରତୀୟ କ୍ରିକେଟ୍ ସେବା କରିପାରିବେ ବୈଭବ : ଅଶ୍ୱିନୀ



**ନୂଆଦିଲ୍ଲୀ**

ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛନ୍ତି। ଚଳିତ ଆଇପିଏଲରେ ସେ ଯେଭଳି ବ୍ୟାଟିଂ କଲେ ସବୁଠି ତାଙ୍କୁ ପ୍ରଶଂସା କରାଯାଉଛି। ଏହାସହ ତାଙ୍କ ପ୍ରଦର୍ଶନକୁ ନେଇ ଟିମ୍ ଇଣ୍ଡିଆରେ ମିଳିଛି ସୁଯୋଗ। ତେବେ ଏହି ବିଧ୍ୱଂସୀଙ୍କୁ ନେଇ ଭବିଷ୍ୟବାଣୀ କରିଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନୀ।

ବୈଭବଙ୍କ ବ୍ୟାଟିଂକୁ ନେଇ ଅଶ୍ୱିନୀ କହିଛନ୍ତି କି, ସେ ଟିମ୍ ଇଣ୍ଡିଆର ଭବିଷ୍ୟତ। ପାଣିରେ ଯେଭଳି ମାଛ। ବୈଭବ ଠିକ୍ ସେଭଳି। ତାଙ୍କ ବୟସ ଅନୁସାରେ ଯେଭଳି ଦକ୍ଷତା ରହିଛି ଆଗାମୀ ଦିନରେ ଭଲ ପ୍ରଦର୍ଶନ କରିବେ। ଯେଉଁ ଗତିରେ ସେ ନିଜର ବ୍ୟାଟିଂକୁ ବିକଶିତ କରୁଛନ୍ତି ତାହା ଆଶ୍ଚର୍ଯ୍ୟର କଥା। ଆଗାମୀ ବର୍ଷଗୁଡ଼ିକରେ ବୈଭବ ଭାରତୀୟ କ୍ରିକେଟର ଏକ ପ୍ରମୁଖ ଚେହେରା ହୋଇପାରିବେ ବୋଲି ଅଶ୍ୱିନ ଦୃଢ଼ ବିଶ୍ୱାସ ରଖିଛନ୍ତି। ସେ କହିଛନ୍ତି ଯେ ଆଗାମୀ ଦୁଇ ଦଶନ୍ଧି ପାଇଁ ସେ ଦେଖିବା ପାଇଁ ଜଣେ ଖେଳାଳି। ତଥାପି, ସେ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯୋଡ଼ିଛନ୍ତି : ଏତେ କମ୍ ବୟସରେ ସେ ଯେଉଁ ଲୋକପ୍ରିୟତା ଏବଂ ଆଶା ହାସଲ କରିଛନ୍ତି, ତାହା ସହିତ ବୈଭବଙ୍କ ପାଇଁ ତାହା ସହିତ ବୈଭବଙ୍କ ପାଇଁ ଉପଯୁକ୍ତ ଯତ୍ନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଅଶ୍ୱିନ ଆଶା ପ୍ରକାଶ କରିଛନ୍ତି ଯେ ସଠିକ୍ ମାର୍ଗଦର୍ଶନ ଏବଂ ପରାମର୍ଶଦାତା ସହିତ, ଯୁବ ବ୍ୟାଟସମ୍ୟାନ୍ ଦୀର୍ଘ ସମୟ ପାଇଁ ଭାରତୀୟ କ୍ରିକେଟ୍ ସେବା କରିପାରିବେ। ସେ କହିଛନ୍ତି ଯେ ବୈଭବଙ୍କ ପାଖରେ କେବଳ ରନ କରିବାର କ୍ଷମତା ନାହିଁ ବରଂ ଭାରତୀୟ କ୍ରିକେଟ୍‌କୁ ନୂତନ ଉଚ୍ଚତାକୁ ନେଇଯିବାର ସମ୍ଭାବନା ମଧ୍ୟ ଅଛି।

# ସେରେନାଙ୍କ ଚମତ୍କାର ପ୍ରତ୍ୟାବର୍ତ୍ତନ ୧୯୩ କିମି ବେଗରେ କଲେ ସର୍ଭିସ




**ନୂଆଦିଲ୍ଲୀ**

ପ୍ରାୟ ୪ ବର୍ଷ ପରେ ପେସାଦାର ଟେନିସ୍ କୋର୍ଟକୁ ଓହ୍ଲାଇଛନ୍ତି ୨୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ସେରେନା ୱିଲିୟମ୍ସ। ଏହି ଆମେରିକା ଟେନିସ୍ ରାଣୀଙ୍କ ପ୍ରତ୍ୟାବର୍ତ୍ତନ ବି ପ୍ରଭାବଶାଳୀ ରହିଛି। ଲଣ୍ଡନର କୁଇନ୍ସ କ୍ଲବ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ୪୪ ବର୍ଷୀୟା ୱିଲିୟମ୍ସ ମହିଳା ଯୁଗଳରେ କାନାଡ଼ାର ୧୯ ବର୍ଷୀୟ ଉଦୀୟମାନ ତାରକା ଭିକ୍ଟୋରିଆ ଏମ୍‌ବୋକୋଙ୍କୁ ସାଥୀ କରି ଖେଳିଥିଲେ। ଏହି ମ୍ୟାଚ୍‌ରେ ୱିଲିୟମ୍ସଙ୍କ ଘଣ୍ଟାପ୍ରତି ୧୨୦ ମାଇଲ୍ (ପ୍ରାୟ ୧୯୩ କିମି) ବେଗ ସର୍ଭିସ ସମସ୍ତଙ୍କୁ ଚକିତ କରି ଦେଇଥିଲା। ସେ ଏବେ ବି ତାଙ୍କ ଟ୍ରେଡ୍‌ମାର୍କ ଶକ୍ତି ହରାଇ ନାହାନ୍ତି ବୋଲି ପ୍ରମାଣ କରି ଦେଇଛନ୍ତି।

# ଅଷ୍ଟ୍ରେଲିଆରେ କ୍ରିକେଟକୁ ନେଇ ଐତିହାସିକ ଘୋଷଣା କରିବେ ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ଆଗାମୀ ଅଷ୍ଟ୍ରେଲିଆ ଗସ୍ତ ସମୟରେ ଏକ ବଡ଼ ଘୋଷଣା କରିବାକୁ ପ୍ରସ୍ତୁତ ଥିବା ଜଣାପଡ଼ିଛି। ଭାରତରେ ଅଷ୍ଟ୍ରେଲିୟ ଟି-୨୦ ଲିଗ୍, ବିଗ୍ ବ୍ୟାଶ୍ ଲିଗ୍ ୨୦୨୬-୨୭ (ବିବିଏଲ୍ ୨୦୨୬-୨୭)ର ମ୍ୟାଚ୍ ଆୟୋଜନ କରିବା ନେଇ ଆଲୋଚନା ଜୋର ଧରିଛି। ପ୍ରଧାନମନ୍ତ୍ରୀ ମୋଦୀ ଅଷ୍ଟ୍ରେଲିଆରୁ ଏକ ଆନୁଷ୍ଠାନିକ ଘୋଷଣା କରି ପ୍ରଶଂସକମାନଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଉପହାର ଦେଇପାରନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଥମ ଥର ପାଇଁ ଭାରତ ମାଟିରେ କୌଣସି ଅଷ୍ଟ୍ରେଲିୟ ଟି-୨୦ ଲିଗ୍ ମ୍ୟାଚ୍ ଖେଳା ହେବାକୁ ଯାଉଛି। ଆଗାମୀ ବିବିଏଲ ସିଜିନର ପ୍ରଥମ ମ୍ୟାଚ୍ ଚେନ୍ନାଇର ଏମ.ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ବିଗ୍ ବ୍ୟାସ୍ ଲିଗ୍‌ର ଲୋକପ୍ରିୟତାକୁ ଆହୁରି ବୃଦ୍ଧି କରିବ। ଆଇପିଏଲ୍ ପରେ, ବିଗ୍ ବ୍ୟାସ୍ ଲିଗ୍‌କୁ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଟି-୨୦ ଲିଗ୍ ଭାବରେ ବିବେଚନା କରାଯାଏ। ଦୀର୍ଘ ଆଲୋଚନା ପରେ, ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଏବଂ ତାମିଲନାଡୁ କ୍ରିକେଟ୍ ସଂଘ ମ୍ୟାଚ୍ ପାଇଁ ଅନୁମତି ପ୍ରଦାନ କରିଥିଲେ। କ୍ରିକେଟ୍ ଅଷ୍ଟ୍ରେଲିଆର ଏକ ପ୍ରତିନିଧି ଦଳ ଆଇପିଏଲ୍ ୨୦୨୬ରେ ଚେନ୍ନାଇ ସୁପର କିଙ୍ଗସର ଅନ୍ତିମ ଘରୋଇ ମ୍ୟାଚ୍ ଦେଖିବା ପାଇଁ ଏମ.ଏ ଚିଦାମ୍ବରମ ଷ୍ଟାଡିୟମ୍ ପରିଦର୍ଶନ କରିଥିଲେ। ବିସିସିଆଇ ଅଧ୍ୟକ୍ଷ ମିଥୁନ୍ ମନ୍‌ହାସ୍ ମଧ୍ୟ ଉପସ୍ଥିତ ଥିଲେ।

ଏବେ ମଧ୍ୟ ଅନେକ ଲଜିଷ୍ଟିକ୍ ବାଧାର ସମାଧାନ କରିବାକୁ ବାକି ଅଛି। ମ୍ୟାଚ୍ ନିଶ୍ଚିତ ହେବା ପୂର୍ବରୁ ସରକାରୀ ଆଲୋଚନା ଚାଲିଛି। ୭ କ୍ରିକେଟର ସାମ୍ବାଦିକ ଟମ୍ ମୋରିସ୍ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ ଚେନ୍ନାଇରେ ପ୍ରଥମ ବିବିଏଲ ମ୍ୟାଚ୍ ଆନୁଷ୍ଠାନିକ ଭାବରେ ଘୋଷଣା କରିବାକୁ ଯାଉଛନ୍ତି। ଏହା ମଧ୍ୟ କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ମୋଦୀ ୮ ରୁ ୧୦ ଜୁଲାଇ ମଧ୍ୟରେ ଅଷ୍ଟ୍ରେଲିଆର ସିଡ୍‌ନୀରେ ରହିବେ। ଏହା ଦେଖିବା ଆକର୍ଷଣୀୟ ହେବ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିବିଏଲ ମ୍ୟାଚ୍ ସମ୍ପର୍କରେ କୌଣସି ଘୋଷଣା କରୁଛନ୍ତି କି ନାହିଁ।

## ଟେଷ୍ଟ ଡେବ୍ୟୁ ପରେ ବିଦେଶରୁ ଆସିଲା ଡାକରା

# ୱାରୱିକ୍‌ଶାୟାର କାଉଣ୍ଟିରେ ଖେଳିବାକୁ ଚୁକ୍ତି ସାଇନ୍ କଲେ ମାନବ ସୁଥାର

**ନୂଆଦିଲ୍ଲୀ**

ଭାରତ ପାଇଁ ନିକଟରେ ଡେବ୍ୟୁ କରିଥିବା ମାନବ ସୁଥାରଙ୍କୁ ବର୍ତ୍ତମାନ ଇଂଲଣ୍ଡରେ ଖେଳିବାର ସୁଯୋଗ ମିଳିବ। ମାନବ ସୁଥାରଙ୍କୁ ଇଂଲିଶ କାଉଣ୍ଟି ଦଳ ୱାରୱିକ୍‌ଶାୟାର କାଉଣ୍ଟି ଚାମ୍ପିୟନସିପ୍‌ରେ ନିଜ ସହ ଯୋଡ଼ିଛି। ମାନବ ସୁଥାର ଏହି ଦଳ ସହ ଆଗାମୀ ଦୁଇଟି ମ୍ୟାଚ୍ ଖେଳିବେ। ସୁଥାର ପ୍ରଥମ ଥର ପାଇଁ କାଉଣ୍ଟି ଖେଳିବାକୁ ଇଂଲଣ୍ଡ ଯିବେ।

ମାନବ ସୁଥାର ଗତ ସପ୍ତାହରେ ହିଁ ଭାରତ ଏବଂ ଆଫଗାନିସ୍ତାନ ଟେଷ୍ଟ ମାଧ୍ୟମରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ସେ ଏହି ମୁକାବିଲାର ପ୍ରଥମ ଇନିଂସରେ ୬ଟି ଏବଂ ଦ୍ୱିତୀୟ ଇନିଂସରେ ୧ଟି ୱିକେଟ୍ ନିଜ ନାମରେ କରିଥିଲେ। ସୁଥାରଙ୍କ ଏହି ଦମ୍‌ଦାର ପ୍ରଦର୍ଶନ ବଦଳରେ ତାଙ୍କୁ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା।

ମାନବ ସୁଥାର ୨୯ଟି ଫାଷ୍ଟ କ୍ଲାସ୍ ମ୍ୟାଚ୍‌ରେ ୧୨୯ଟି ୱିକେଟ୍ ହାସଲ କରିଛନ୍ତି। ଭାରତ ପାଇଁ ଖେଳିବା ପୂର୍ବରୁ ମାନବ ଘରୋଇ କ୍ରିକେଟ୍‌ରେ ରାଜସ୍ଥାନ ଏବଂ ଇଣ୍ଡିଆ 'ଏ' ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଡେବ୍ୟୁ ମ୍ୟାଚ୍‌ରେ ସୁନ୍ଦର ପ୍ରଦର୍ଶନ ପରେ ତାଙ୍କୁ ଭାରତୀୟ ଟେଷ୍ଟ ଦଳରେ ସ୍ପିନ ବୋଲିଂର ଭବିଷ୍ୟତ ଭାବେ ଦେଖାଯାଉଛି।



ୱାରୱିକ୍‌ଶାୟାର କ୍ଲବ ମାନବ ସୁଥାରଙ୍କୁ ମାତ୍ର ଦୁଇଟି ମୁକାବିଲା ପାଇଁ ସାଇନ୍ କରିଛି। କ୍ଲବର ଡିରେକ୍ଟର ଜେମ୍ସ ଥମାସ ଏହି ବିଷୟରେ କହିଛନ୍ତି, ଆମେ ମାନବଙ୍କୁ 'ବିୟର୍ସ' ପରିବାରରେ ସ୍ୱାଗତ କରି ବହୁତ ଉତ୍ସାହିତ ଅଛୁ। ଆମେ ଚଳିତ ସିଜନରେ ଏପର୍ଯ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିଛୁ। ମାନବ ଆମ ବୋଲିଂ ୟୁନିଟ୍‌ରେ ଏକ ନୂଆ ଦୃଷ୍ଟିକୋଣ ନେଇ ଆସିବେ। ଗତ ସପ୍ତାହରେ ଟେଷ୍ଟ ଦଳରେ ଚୟନ ହେବାରୁ ହିଁ ଜଣାପଡୁଛି ଯେ ଭାରତରେ ତାଙ୍କୁ କାହିଁକି ଏତେ ଉଚ୍ଚ ମାନ୍ୟତା ଦିଆଯାଏ। ତେଣୁ ଆମ ଦଳରେ ତାଙ୍କର ଉପସ୍ଥିତି ବହୁତ ଭଲ ସାବ୍ୟସ୍ତ ହେବ।

ମାନବ ସୁଥାର ଜୁନ୍ ୧୨ରୁ ଆରମ୍ଭ ହେବାକୁ ଥିବା ୟର୍କଶାୟାର ବିପକ୍ଷ ମ୍ୟାଚ୍‌ରେ ୱାରୱିକ୍‌ଶାୟାର ପକ୍ଷରୁ ଖେଳିବେ। ଏହାପରେ ସୁଥାର ଏହାର ଆଗାମୀ ମ୍ୟାଚ୍‌ରେ ସମରସେଟ୍ ବିପକ୍ଷରେ ଖେଳିବେ। କାଉଣ୍ଟି ଚାମ୍ପିୟନସିପ୍‌ରେ ୱାରୱିକ୍‌ଶାୟାର ୬ଟି ମ୍ୟାଚ୍ ଖେଳିଛି, ଯେଉଁଥିରେ ସେ ୨ଟି ବିଜୟ ଏବଂ ୩ଟି ଡ୍ର' ସହ ପଏଣ୍ଟ ଟେବୁଲ୍‌ର ଦ୍ୱିତୀୟ ସ୍ଥାନରେ ରହିଛି। ଏହି ଦଳରେ ବିୟୁ ୱେବଷ୍ଟର ଏବଂ କ୍ରିସ୍ ୱୋକ୍ସଙ୍କ ଭଳି ଖେଳାଳି ମଧ୍ୟ ସାମିଲ ଅଛନ୍ତି।

୨୩ ବର୍ଷୀୟ ସୁଥାର କାଉଣ୍ଟି ଚାମ୍ପିଅନସିପ୍‌ରେ ଖେଳିବାର ସୁଯୋଗକୁ ନେଇ କହିଛନ୍ତି, 'ଆଗାମୀ ଦୁଇଟି ମ୍ୟାଚ୍ ପାଇଁ ୱାରୱିକ୍‌ଶାୟାର ସହ ଯୋଡ଼ି ହେବାକୁ ନେଇ ମୁଁ ବହୁତ ଉତ୍ସାହିତ ଅଛି। ଦଳ ଚଳିତ ସିଜନର ଆରମ୍ଭ ବହୁତ ଭଲ ଭାବରେ କରିଛି, ତେଣୁ ମୁଁ ଆଶା କରୁଛି ଯେ ସେମାନଙ୍କୁ ଟାଇଟଲ୍ ଜିତିବାରେ ସାହାଯ୍ୟ କରିବି।'

# ବିକ୍ରି ହୋଇନି ୧,୮୦,୦୦୦ ଟିକେଟ୍ : ଚିନ୍ତାରେ ଫିଫା ଆୟୋଜକ

**ନ୍ୟୁୟର୍କ**

ଏଥର ଫିଫା ବିଶ୍ୱକପ୍‌କୁ ସର୍ବବୃହତ୍ ଟୁର୍ଣ୍ଣାମେଣ୍ଟର ଆଖ୍ୟା ମିଳିଛି। କାରଣ ପ୍ରଥମ ଥର ପାଇଁ ୪୮ଟି ଦେଶ ଭାଗ ନେଉଛନ୍ତି। ୟୁଏସଏ, କାନାଡ଼ା ଓ ମେକ୍ସିକୋ ମିଳିତ ଭାବେ ଏଥର ବିଶ୍ୱକପ୍ ଆୟୋଜନ କରୁଥିବାରୁ ସମଗ୍ର ଉତ୍ତର ଆମେରିକା ମହାଦେଶ ଏବେ ଉତ୍ସବ ମୁଖର। ୪୮ଟି ଦେଶର ୧୨୪୮ ଜଣ ଖେଳାଳି ଆଗାମୀ ୬ ସପ୍ତାହ ଧରି ୧୬ଟି ଷ୍ଟାଡ଼ିୟମରେ ଲଢ଼େଇ କରିବେ। ସମସ୍ତଙ୍କ ଲକ୍ଷ୍ୟ ରହିବ ଟ୍ରଫି ଉପରେ। ଲକ୍ଷ୍ୟ ଲକ୍ଷ୍ୟ ଫୁଟବଲ ପ୍ରେମୀ ଆକାଶ ଛୁଆଁ ଟିକେଟ୍ ମୂଲ୍ୟକୁ ଖାତିର ନକରି ଷ୍ଟାଡ଼ିୟମରେ ଭିଡ଼ ଜମାଇବେ। ତେବେ ଦିନକ ପରେ ବିଶ୍ୱକପ୍ ଆରମ୍ଭ ହେଉଥିଲେ ହେଁ ଟିକେଟ୍‌କୁ ନେଇ ଫିଫାର ଚିନ୍ତା ବଢ଼ି ଚାଲିଛି। ଏବେ ବି ଗ୍ରୁପ୍ ପର୍ଯ୍ୟାୟର ୧,୮୦,୦୦୦ ଟିକେଟ୍ ବିକ୍ରି ହୋଇ ନାହିଁ। ଫଳରେ ଫିଫା ବାଧ୍ୟ ହୋଇ ଅଫିସିଆଲ ୱେବସାଇଟ୍ ଜରିଆରେ ଏହି ସବୁ ଟିକେଟ୍‌ର ପୁନଃବିକ୍ରୟ ପାଇଁ ନିଷ୍ପତ୍ତି ନେଇଛି। କେବଳ ପର୍ତ୍ତୁଗାଲ୍ ସମସ୍ତ ଗ୍ରୁପ୍ ମ୍ୟାଚ୍ ଟିକେଟ୍ ବିକ୍ରି ହୋଇଛି। ବାକି ସବୁ ଗ୍ରୁପ୍ ମ୍ୟାଚ୍ ଗୁଡ଼ିକରେ କିଛି କିଛି ଟିକେଟ୍ ବାକି ରହିଛି। ବିଶେଷ କରି ଦୁର୍ବଳ ଦଳ ଗୁଡ଼ିକର ମ୍ୟାଚ୍ ଟିକେଟ୍ ବିକ୍ରି ହେଉ ନଥିବା ଜଣାପଡ଼ିଛି। ଆମେରିକାକୁ ଯାତ୍ରା କଟକଣା, ମାତ୍ରାଧିକ ମୂଲ୍ୟ ଆଦି କାରଣରୁ ଏତେ ସଂଖ୍ୟକ ଟିକେଟ୍ ବିକ୍ରି ହୋଇପାରି ନଥିବା ମଧ୍ୟ ଅନୁମାନ କରାଯାଉଛି।




# ଜୟ ଶ୍ରୀରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ମାରିଗୁଡ଼ା ବିଜୟୀ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି-୭୯ ହାଇସ୍କୁଲ ଖେଳ ପଡ଼ିଆରେ ଜୟ ଶ୍ରୀରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତାଣ୍ଡବାଇ ସରପଞ୍ଚ ସତ୍ୟ ମାଡକାମୀ, ପବିତ୍ର ରାୟ, ଗୌର ମଜୁମ୍‌ଦାର, ବିଧାୟକ ପ୍ରତିନିଧି ହରବିଳାଶ ମଣ୍ଡଳ, ଏସବିଆଇ ବ୍ୟାଙ୍କ ମ୍ୟାନେଜର ଏବଂ ସମାଜସେବୀ ନାରାୟଣ ସରକାର ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚ୍ ମାରୀଗୁଡ଼ା ଓ ଶିଖପଲ୍ଲୀ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶିଖପଲ୍ଲୀ ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୯୧ ରନ କରିଥିବା ବେଳେ ମାରୀଗୁଡ଼ା ଦଳ ୧୦ ଓଭରରେ ୯ ଉଇକେଟ ହରାଇ ୯୨ ରନ କରି ବିଜୟ ହାସଲ କରିଥିଲା। ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ଏମଭି-୭୯ ସାବେରୀ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ପ୍ରତିଯୋଗିତାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଶତାଧିକ କ୍ରୀଡ଼ାପ୍ରେମୀଙ୍କ ଭିଡ଼ ଜମିଥିଲା। ଆଗାମୀ ଦିନରେ ଅଧିକ ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆୟୋଜକ କମିଟି ସୂଚନା ଦେଇଛି।

13001/840/2627

**OFFICE OF THE NOTIFIED AREA COUNCIL:CHANDBALI**
Pin:-756133 (Odisha)
E.Mail: chandbali.nac@gmail.com

**E-Procurement Notice**

Tender Call Notice No- 4024 /CNB/01/2026-27/Date – 20.06.2026

1. Name of the Work : Individual Civil Construction works as published the website.
2. No of works put to tender : 1 Nos. individual works
3. Estimated cost : Rs. 793.02 Lakhs
4. Period of completion : 11 ( Eleven) Calender Month.
5. Date and time of availability of bid document in the portal : from 15.00 hours of Dt. 11/06/2026 to 17.00 hour of Dt. 30/06/2026.
6. Last date/Time for receipt of bids : 17.00 hours of Dt. 30/06/2026
7. Date and time of opening of bid : 11.00 hours of Dt. 01/07/2026
8. Name and address of the Officer Inviting Bid : Executive Officer, Chandbali NAC, Chandbali

Further details can be seen from the e-procurement portal https://tenderorissa.gov.in

Sd/- Executive Officer
OIPR-13001/13129/1/26-27/0002 Chandbali NAC

## ସିଏମ୍ ଟ୍ରଫି ଜୋନ୍‌ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍

# ବାଳକ ବିଭାଗରେ ଗଜପତି ଓ ବାଳିକା ବିଭାଗରେ କଳାହାଣ୍ଡି ଚାମ୍ପିଅନ





**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ସିଏମ୍ ଟ୍ରଫି ଜୋନ୍ ସ୍ତରୀୟ ଭଲିବଲ୍ ଚାମ୍ପିଅନସିପର ଦ୍ୱିତୀୟ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ସରକାର ଏବଂ ବୌଦ୍ଧ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହିଦୁଇଦିନିଆ ପ୍ରତିଯୋଗିତାରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଏବଂ ଗଜପତି ଜିଲ୍ଲାରୁ ପ୍ରାୟ ୨୪୦ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍‌ଗୁଡ଼ିକ ଦର୍ଶକମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ସୃଷ୍ଟି କରିଥିଲା। ବାଳକ ବିଭାଗର ଫାଇନାଲ୍‌ରେ ଗଜପତି ଦଳ ଉତ୍କୃଷ୍ଟ ପ୍ରଦର୍ଶନ କରି ମାଲକାନଗିରି ଦଳକୁ କ୍ରମାଗତ ଦୁଇଟି ସେଟ୍‌ରେ ୨୫-୧୮ ଓ ୨୫-୧୭ ସ୍କୋରରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ମାଲକାନଗିରି ଦଳ ରନର୍ସଅପ୍ ସ୍ଥାନ ଅଧିକାର କରିଥିଲା। ସେହିପରି ବାଳିକା ବିଭାଗର ଫାଇନାଲ୍ ମ୍ୟାଚ୍‌ରେ କଳାହାଣ୍ଡି ଦଳ ଚମତ୍କାର ଖେଳ ପ୍ରଦର୍ଶନ କରି ମାଲକାନଗିରି ଦଳକୁ ୨୫-୧୫ ଓ ୨୫-୦୩ ସ୍କୋରରେ ପରାଜିତ କରି ଚାମ୍ପିଅନ ମୁକୁଟ ହାସଲ କରିଥିଲା। ମାଲକାନଗିରି ଦଳ ବାଳିକା ବିଭାଗରେ ମଧ୍ୟ ରନର୍ସଅପ୍ ହୋଇଥିଲା। ଉଦ୍‌ଯାପନୀ ଓ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଏବଂ ରନର୍ସଅପ୍ ଦଳଗୁଡ଼ିକୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ଆରକ୍ଷୀ ଅଧିକାରୀ କୁଲଦୀପ ମୀନା, ବୌଦ୍ଧ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍‌ର ସମ୍ପାଦକ ଯୁଗଳକିଶୋର ସାମଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଜ୍ୟୋତି ରଞ୍ଜନ ଭୋଇ, ବିଶିଷ୍ଟ ଶିକ୍ଷାବିତ୍ ଶ୍ୟାମସୁନ୍ଦର ମହାପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଅତିଥି ରୂପେ ଯୋଗ ଦେଇଥିଲେ। ମ୍ୟାଚ୍ କମିଶନର ତଥା ଚିଫ୍‌ରେଫରୀ ମଳୟ କୁମାର ବିଶ୍ୱାଳଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାରୁ ଆସିଥିବା ମ୍ୟାନେଜର ତଥା କୋଚ୍ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୌଦ୍ଧ ଜିଲ୍ଲାର କ୍ରୀଡ଼ା ପ୍ରଶିକ୍ଷକ ଦଶରଥ ଭୋଇ, ମନୋଜ କୁମାର ଗାଇଗରୀଆ, ଅମ୍ବରିଶ ପ୍ରଧାନ, ସୁରେନ୍ଦ୍ରନାଥ ସାହୁ, ସୁଧୀର କୁମାର ଭୋଇ, ଶଶାଙ୍କ ଶେଖର ଶାସନୀ, ଦିପାଂଶୁ ପରିଡ଼ା ପ୍ରମୁଖଙ୍କୁ ଉତ୍ତମ ମ୍ୟାଚ୍ ପରିଚାଳନା ପାଇଁ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତା ଅବସରରେ ଖେଳାଳିମାନଙ୍କ ମଧ୍ୟରେ ଉଚ୍ଚମାନର କ୍ରୀଡ଼ା ସୁଲଭ ମନୋଭାବ, ଦକ୍ଷତା ଓ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଜୋନ୍ ସ୍ତରର ଏହି ପ୍ରତିଯୋଗିତା ରାଜ୍ୟର ଉଦୀୟମାନ ଭଲିବଲ୍ ପ୍ରତିଭାମାନଙ୍କ ପାଇଁ ନିଜନିଜର ଓ ଦଳଗତ ଦକ୍ଷତା ପ୍ରଦର୍ଶନର ଏକ ଉତ୍କୃଷ୍ଟତମ ସାବ୍ୟସ୍ତ ହୋଇଛି। ଆୟୋଜକମାନେ ସମସ୍ତ ବିଜେତା ଓ ଅଂଶଗ୍ରହଣକାରୀ ଦଳଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ରାଜ୍ୟରେ ଭଲିବଲ୍ କ୍ରୀଡ଼ାର ବିକାଶରେ ଏପରି ପ୍ରତିଯୋଗିତା ଅଧିକ ପ୍ରତିଭା ସୃଷ୍ଟି କରିବାରେ ସହାୟକ ହେବ ବୋଲି ଆଶାପ୍ରକାଶ କରିଥିଲେ।

# କେନ୍ଦୁଝରରେ ଶ୍ରୀଜୀଉଙ୍କ ପବିତ୍ର ରଥଯାତ୍ରା ଶୃଙ୍ଖଳାର ସହ ସମ୍ପନ୍ନ ପାଇଁ ଜିଲ୍ଲାପାଳଙ୍କ ନିବେଦନ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଦରବାର ହଲ୍‌ଠାରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ସିଂହ ଉଦ୍‌ବୋଧନ ଦେଇ ସମସ୍ତେ ଆଗାମୀ ରଥଯାତ୍ରାକୁ ଆନନ୍ଦ ଉଲ୍ଲାସର ସହ ଶୃଙ୍ଖଳିତ ଭାବେ ପାଳନ କରିବାକୁ ନିବେଦନ କରିଥିଲେ। ରଥ ନିର୍ମାଣ ସହିତ ରଥଯାତ୍ରା ସହିତ ଜଡ଼ିତ ସମସ୍ତ ଆନୁସଙ୍ଗିକ କାର୍ଯ୍ୟକ୍ରମ ଯେପରି ସଠିକ୍ ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସହଯୋଗ କାମନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମ୍ମାନନୀୟ ଅତିଥିଭାବେ ଉପସ୍ଥିତ ସାଂସଦ ଅନନ୍ତ ନାୟକ ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଙ୍କ ପବିତ୍ର ରଥଯାତ୍ରା



ଜିଲ୍ଲାବାସୀଙ୍କର ଏକ ପ୍ରମୁଖ ପର୍ବ ବୋଲି କହିବା ସହିତ ଏହାର ସୁପରିଚାଳନାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ଅନୁଷ୍ଠିତ ହେବ ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ବିଶେଷ କରି ଭିଡ ନିୟନ୍ତ୍ରଣ, ଟ୍ରାଫିକ୍ ନିୟନ୍ତ୍ରଣ, ଆଇନ ଶୃଙ୍ଖଳା, ଶୃଙ୍ଖଳିତ ଭାବେ ରଥଟଣା ପାଇଁ ସୁବ୍ୟବସ୍ଥିତ ପଦକ୍ଷେପ ପାଇଁ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ସୁକାନ୍ତ କୁମାର ମାଝୀ, ଆଇଏଏସ ପ୍ରୋବେସନର ଜିତେନ୍ଦ୍ର କୁମାର, କେନ୍ଦୁଝରଗଡ଼ର ବରିଷ୍ଠ ବୁଦ୍ଧିଜୀବି, ସେବାୟତ, ଜନସାଧାରଣ ବୈଠକରେ ଉପସ୍ଥିତ ଥିଲେ। ବୈଠକର ଆବାହକ କେନ୍ଦୁଝର ଉପଜିଲ୍ଲାପାଳ-ତଥା-ନିର୍ବାହୀ ଅଧିକାରୀ ଦେବୋତ୍ତର ଉମାଶଙ୍କର ଦଳାଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ଆରମ୍ଭ କରି ଚଳିତ ବର୍ଷର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ୨୯ ଜୁନରେ ଦେବସ୍ନାନ ପୂର୍ଣ୍ଣିମା, ୧୪ ଜୁଲାଇରେ ନେତ୍ରୋତ୍ସବ, ନବ ଯୌବନ ଦର୍ଶନ, ଜୁଲାଇ ୧୫ ଉଭା ଯାତ୍ରା ଓ ରଥ ଆଜ୍ଞାମାଳ ବିଜେ, ୧୬ ଜୁଲାଇ ଶ୍ରୀଗୁଣ୍ଡିଚା ଯାତ୍ରା, ୧୭ ଜୁଲାଇ ଶ୍ରୀଗୁଣ୍ଡିଚା ମନ୍ଦିର ବିଜେ, ୨୦ ଜୁଲାଇରେ ହେରା ପଞ୍ଚମୀ, ୨୩ ଜୁଲାଇରେ ନବମୀର ସନ୍ଧ୍ୟା ଦର୍ଶନ, ୨୪ ଜୁଲାଇରେ ବାହୁଡ଼ା ଯାତ୍ରା, ୨୫ ଜୁଲାଇରେ ଠାକୁରଙ୍କ ସୁନାବେଶ, ୨୬ ଜୁଲାଇରେ ଶ୍ରୀମନ୍ଦିର ବିଜେ ସଂପର୍କରେ ସୂଚନା ଦେବା ସହ ବିଭିନ୍ନ ଦିବସରେ ଶ୍ରୀଶ୍ରୀ ବଳଦେବ ଜୀଉଙ୍କର ବିଭିନ୍ନ ବେଶ ଆଦି କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ କମିଟି ଗଠନ, ରଥ ନିର୍ମାଣ, ରଥ ଦଉଡି ଯୋଗାଣ, ପୂଜା ବ୍ୟବସ୍ଥା ଓ ପହଣ୍ଡି ସେବା, ଆଇନଶୃଙ୍ଖଳା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ଓ ପରିମଳ ସେବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ସରବରାହ, ଅବକାରୀ ପଦକ୍ଷେପ, ଅଗ୍ନିଶମ ବ୍ୟବସ୍ଥା, ଉଠାଦୋକାନ ଓ ସରକାରୀ ଷ୍ଟଲ୍ ନିମନ୍ତେ ଭୂମି ଚିହ୍ନଟ ଓ ଆବଣ୍ଟନ, ବଡ଼ଦାଣ୍ଡର ପରିଷ୍କାର ଓ ପରିଚ୍ଛନ୍ନତା, ସାଜସଜ୍ଜା ଓ ଆଲୋକ ବ୍ୟବସ୍ଥା, ଶ୍ରୀଗୁଣ୍ଡିଚା ଭଜନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରୀମାନଙ୍କର ଗମନାଗମନ ବ୍ୟବସ୍ଥା, ପ୍ରସାଦ ବଣ୍ଟନ, ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ରାସ୍ତାର ମରାମତି ଓ ଉନ୍ନତିକରଣ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କର ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଅର୍ଥ କମିଟି, ରଥନିର୍ମାଣ ଓ ରଥ ସରଞ୍ଜାମ ତଦାରଖ କମିଟି, ସ୍ୱାସ୍ଥ୍ୟ ଓ ପରିମଳ କମିଟି, ପାନୀୟ ଜଳ ଯୋଗାଣ କମିଟି, ଆଇନଶୃଙ୍ଖଳା/ପାସ୍ ପ୍ରଦାନ କମିଟି, ପୂଜା ନୀତି ତଥା ପହଣ୍ଡି ସେବା କମିଟି, ଆଲୋକ ଓ ସାଜସଜ୍ଜା କମିଟି, ସାଂସ୍କୃତିକ କାର୍ଯ୍ୟକ୍ରମ କମିଟି, ସୁନାବେଶ କମିଟି ଏବଂ ଶାନ୍ତିଶୃଙ୍ଖଳା କମିଟି ଗଠନ ପ୍ରସ୍ତାବ ଗୃହୀତ ହୋଇଥିଲା। ଏତଦ୍‌ବ୍ୟତୀତ ରଥଯାତ୍ରା ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ, ପୁରୁଣା ସହର ପାରିପାର୍ଶ୍ୱର ଉନ୍ନତିକରଣ ସଂପର୍କରେ ବୈଠକରେ ଆଲୋଚନା ହୋଇଥିଲା।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋଦୀ ସରକାରଙ୍କ ୧୨ ବର୍ଷ...

କୋଟି ଟଙ୍କା ଖର୍ଚ୍ଚରେ ସେଣ୍ଟ୍ରାଲ୍ ଗଭର୍ଣ୍ଣମେଣ୍ଟ ଜେନେରାଲ୍ ପୁଲ୍ ଅଫିସ ଅକୋମଡେସନ ସାମିଲ ରହିଛି।

ଅହମ୍ମଦାବାଦ ମେଟ୍ରୋ ରେଳ ପ୍ରକଳ୍ପ ସମ୍ପ୍ରସାରଣ ପାଇଁ ପ୍ରାୟ ୨,୧୬୯ କୋଟି ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଏହା ପ୍ରାୟ ୨୫୦୦ ଲୋକଙ୍କ ପାଇଁ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ। ପ୍ରକଳ୍ପ ଶେଷ ହେବା ପରେ, ଅହମ୍ମଦାବାଦ-ଗାନ୍ଧୀନଗର ମେଟ୍ରୋ ରୁଟ୍ ୭୭.୬୩ କିଲୋମିଟର ଲମ୍ବ ହେବ। ଅହମ୍ମଦାବାଦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ପ୍ରସ୍ତୁତ କରୁଛି। ମେଟ୍ରୋର ଏହି ବିସ୍ତାର ପ୍ରସ୍ତାବିତ କମନୱେଲ୍‌ଥ ଏନକ୍ଲେଭକୁ ଏୟାରପୋର୍ଟ ସହ ଯୋଡ଼ିବ। ଏହାଦ୍ୱାରା ଖେଳାଳି, ଅଧିକାରୀ, ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକଙ୍କୁ ଉନ୍ନତ ଯାତ୍ରା ସୁବିଧା ମିଳିବ। ସରକାରଙ୍କ ସୂଚନା ଅନୁସାରେ, ନୂଆ ମେଟ୍ରୋ କରିଡୋର ଅହମଦାବାଦ, ଗାନ୍ଧୀନଗର, ଗିଫ୍ଟ ସିଟି ଏବଂ ଏୟାରପୋର୍ଟ ମଧ୍ୟରେ ଉନ୍ନତ ଯୋଗାଯୋଗ ସ୍ଥାପନ ହୋଇପାରିବ।

କ୍ୟାବିନେଟ୍ ବୈଠକ ଉପରେ ସୂଚନା ଦେଇ ରେଳମନ୍ତ୍ରୀ କହିଛନ୍ତି, 'ଆଜି, ପ୍ରଧାନମନ୍ତ୍ରୀ ମୋଦୀ ଜଣେ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ଦେଶ ପ୍ରତି ସର୍ବାଧିକ ନିରନ୍ତର ସେବା ପାଇଁ ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ଏହି ଅବସରକୁ ପାଳନ କରିବା ପାଇଁ କେନ୍ଦ୍ର କ୍ୟାବିନେଟ ଏକ ସଂକଳ୍ପ ପାରିତ କରିଛି। ଏହି ସଂକଳ୍ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ଦେଶ ପ୍ରତି ନିରନ୍ତର ସେବାର ଏହି ଐତିହାସିକ ମାଇଲଖୁଣ୍ଟ ବିଷୟରେ ଆଲୋଚନା କରାଯାଇଛି ଏବଂ ଅନେକ ପ୍ରତିଶ୍ରୁତି ଓ ସଂକଳ୍ପକୁ ରୂପରେଖା ଦିଆଯାଇଛି। ଜୁନ୍ ୧୦, ୨୦୨୬, ଭାରତୀୟ ଗଣତନ୍ତ୍ରର ଯାତ୍ରାରେ ଏକ ଐତିହାସିକ ମୁହୂର୍ତ୍ତ। ଆଜି, ନରେନ୍ଦ୍ର ମୋଦୀ ଦେଶର ସର୍ବାଧିକ ନିରନ୍ତର ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ଏବଂ ଲଗାତାର ୪,୩୯୯ ଦିନ ପ୍ରଧାନମନ୍ତ୍ରୀ ଭାବରେ ସେବା କରିବାର ରେକର୍ଡ ସ୍ଥାପନ କରିଛନ୍ତି।' ଏନ୍‌ଡିଏ ନେତାମାନେ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ବାର୍ତ୍ତା ଜଣାଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିନନ୍ଦନ ବାର୍ତ୍ତାରେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ୧୨ ବର୍ଷର ଶାସନ ଭାରତର ଗୌରବ, ସାଂସ୍କୃତିକ ନବଜାଗରଣ ଓ ଦେଶକୁ ଦାସତ୍ୱ ମାନସିକତାରୁ ମୁକ୍ତ କରିବା ପାଇଁ ଉଦ୍ଦିଷ୍ଟ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଲେଖିଥିବା ଏକ ସମ୍ପାଦକୀୟ ନିବନ୍ଧରେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଲୋକଙ୍କୁ କେବଳ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଦାନ କରିନାହାନ୍ତି ବରଂ ଏକ ସ୍ପଷ୍ଟ ଲକ୍ଷ୍ୟ, ଏକ ବ୍ୟାପକ ଦୃଷ୍ଟିକୋଣ ଓ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଏକ ଜାତୀୟ ସଂକଳ୍ପ ମଧ୍ୟ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ 'ରାଷ୍ଟ୍ର ପ୍ରଥମ' ନୀତି ଦ୍ୱାରା ପରିଚାଳିତ ଜଣେ 'ଅକ୍ଳାନ୍ତ କର୍ମଯୋଗୀ' ଭାବରେ ପ୍ରଶଂସା କରି କହିଛନ୍ତି ଯେ ତାଙ୍କ କାର୍ଯ୍ୟକାଳ ଭାରତର ପ୍ରଗତି ପାଇଁ ଅତୁଟ ସମର୍ପଣ, ଲୋକଙ୍କ କଲ୍ୟାଣ ପାଇଁ ସ୍ଥିର ପ୍ରତିବଦ୍ଧତା ଏବଂ ଦେଶର ସେବାରେ ପରିବର୍ତ୍ତନଶୀଳ ନେତୃତ୍ୱ ଦ୍ୱାରା ଚିହ୍ନିତ ହୋଇଛି।

ଇତିମଧ୍ୟରେ ବିଶ୍ୱସ୍ତରୀୟ ନେତାମାନେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ...

ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ଦେଶର ସର୍ବାଧିକ ସମୟ ପର୍ଯ୍ୟନ୍ତ ନିରନ୍ତର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଜନସେବାର ଏକ ସର୍ବକାଳୀନ କୀର୍ତ୍ତିମାନ ସ୍ଥାପନ କରିଥିବା, କୋଟି କୋଟି ଭାରତବାସୀଙ୍କ ଆସ୍ଥା, ଅସ୍ମିତା ଓ ଅଭ୍ୟୁଦୟର ମହାସାରଥୀ, ଆଧୁନିକ ଭାରତର ଅନନ୍ୟ ଶିଳ୍ପୀ, ଆଦରଣୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଜୀଙ୍କୁ ଓଡ଼ିଶାର ସାଢ଼େ ଚାରି କୋଟି ଭାଇଭଉଣୀଙ୍କ ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ଆପଣଙ୍କର ଏହି କାଳଜୟୀ ସଫଳତା କେବଳ ଶାସନକାଳର ଏକ କାଳଖଣ୍ଡ ମାତ୍ର ନୁହେଁ, ବରଂ ଏହା ଆପଣଙ୍କ ହିମାଳୟ ସଦୃଶ ଅଟଳ ସଂକଳ୍ପ, ତ୍ୟାଗପୂତ ଜୀବନ, ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଏବଂ ରାଷ୍ଟ୍ରନିର୍ମାଣର ଅତୁଳନୀୟ ତପସ୍ୟାର ସ୍ୱୀକୃତି, ଯାହା ପ୍ରତିଟି ଭାରତୀୟଙ୍କ ହୃଦୟକୁ ଜୟ କରିବା ସହ ଆମମାନଙ୍କ ମଧ୍ୟରେ ନୂତନ ଆତ୍ମବିଶ୍ୱାସ ଭରିଦେଇଛି।

## ପାଇଲଟଙ୍କ ସହ ୨୦ଯବାନଙ୍କ...

ସମଗ୍ର ପାକିସ୍ତାନ ଏବଂ ପିଓକେରେ ଉପୁଜିଥିବା ଆଭ୍ୟନ୍ତରୀଣ ସୁରକ୍ଷା ସଙ୍କଟ ଓ ସାମରିକ ଗତିବିଧି ମଧ୍ୟରେ ସେନାର ଏଭଳି ଦୁର୍ଘଟଣା ପାକିସ୍ତାନ ପ୍ରତିରକ୍ଷା ବିଭାଗ ପାଇଁ ଏକ ବଡ଼ ଶକ୍ତ ଧକ୍କା ସାବ୍ୟସ୍ତ ହୋଇଛି।

## ପତିତପାବନ ଓ ଆନନ୍ଦବଜାରକୁ...

ନାମଗୁଡ଼ିକର ଟ୍ରେଡମାର୍କ ପଞ୍ଜୀକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏହାଦ୍ୱାରା ଏହିସବୁ ନାମଗୁଡ଼ିକର ଅପବ୍ୟବହାର ଏବଂ ବ୍ୟବସାୟକରଣ ରୋକାଯାଇ ପାରିବ। ଏଥିପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା। ପରିଚାଳନା କମିଟି ବୈଠକରେ ଅନୁମୋଦନ ପରେ ସେଗୁଡ଼ିକର ଟ୍ରେଡମାର୍କ ପଞ୍ଜୀକରଣ ପାଇଁ ଉଦ୍ୟମ ଅବ୍ୟାହତ ରହିଛି।

## ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତ...

ଥିବାରୁ ସମସ୍ତ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯିବ। ହେଲିପ୍ୟାଡ୍, ସଭାସ୍ଥଳ ଏବଂ ଭିଭିଆଇପିଙ୍କ ଯାତାୟାତ ମାର୍ଗରେ ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯିବା ସହ ବୈଷୟିକ ଯାଞ୍ଚ ଓ ଆଣ୍ଟି-ସାବୋଟାଜ୍ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାଧାରଣ ଜନତାଙ୍କ ଯାତାୟାତରେ ଯେପରି ସର୍ବନିମ୍ନ ବାଧା ସୃଷ୍ଟି ହୁଏ, ସେଥିପାଇଁ ମୟୂରଭଞ୍ଜର ପ୍ରମୁଖ ସଡ଼କଗୁଡ଼ିକରେ ଆବଶ୍ୟକ ଟ୍ରାଫିକ ଡାଇଭର୍ସନ ବ୍ୟବସ୍ଥା କରାଯିବ ଏବଂ କାର୍ଯ୍ୟକ୍ରମ ସ୍ଥଳ ନିକଟରେ ଅତିରିକ୍ତ ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି। ଭିଡ଼ ନିୟନ୍ତ୍ରଣ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏସଓଜି, ଷ୍ଟ୍ରାଇକିଂ ଫୋର୍ସ ଓ କେ-୯ ସ୍ପେଶାଲ ସ୍କ୍ୱାଡ୍ ନିୟୋଜିତ କରାଯିବ। ସେହିପରି ସମଗ୍ର ଅଞ୍ଚଳର ନିରୀକ୍ଷଣ ପାଇଁ ଅତିରିକ୍ତ ସିସିଟିଭି କ୍ୟାମେରା ଏବଂ ଡ୍ରୋନ୍ ସର୍ଭେଲାନ୍ସର ବ୍ୟବସ୍ଥା କରାଯିବ।

ମୟୂରଭଞ୍ଜ ଏକ ସୀମାନ୍ତ ଜିଲ୍ଲା ହୋଇଥିବାରୁ ପଡ଼ୋଶୀ ରାଜ୍ୟ ସୀମାନ୍ତରେ ନାକାବନ୍ଦୀ ଓ ପାଟ୍ରୋଲିଂକୁ ଅଧିକ କଡ଼ାକଡ଼ି କରାଯିବ। ଏଥିସହ ସ୍ଥାନୀୟ ହୋଟେଲ, ଲଜ୍ ଓ ଅନ୍ୟାନ୍ୟ ଆବାସିକ ସ୍ଥାନଗୁଡ଼ିକରେ ନିୟମିତ ଯାଞ୍ଚ ଓ ତଦାରଖ ଜାରି ରଖିବାକୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଆପାତକାଳୀନ ଚିକିତ୍ସା ସେବା, ଅଗ୍ନିଶମ ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ଏବଂ ଜିଲ୍ଲା ପ୍ରଶାସନ ସହ ତ୍ୱରିତ ସମନ୍ୱୟ ରକ୍ଷା କରି ଯେକୌଣସି ପରିସ୍ଥିତିର ତତ୍କାଳ ମୁକାବିଲା କରିବା ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

## ଓଇଆରସିର ସଦସ୍ୟ ଭାବେ...

(ଟାରିଫ୍) ନିର୍ଦ୍ଧାରଣ, ଲାଇସେନ୍ସ ପ୍ରଦାନ, ଗ୍ରାହକ ସୁରକ୍ଷା ଏବଂ ବିଦ୍ୟୁତ କ୍ଷେତ୍ରରେ ଦକ୍ଷତା, ପ୍ରତିଯୋଗିତା ତଥା ଅକ୍ଷୟ ଶକ୍ତିର ସମନ୍ୱୟକୁ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ। ନିଜର ବ୍ୟାପକ ପ୍ରଶାସନିକ ଅଭିଜ୍ଞତା ଯୋଗୁଁ, ଶ୍ରୀ ବଡ଼ପଣ୍ଡାଙ୍କ ସଦସ୍ୟ ଭାବେ ଯୋଗଦାନ ଆୟୋଗର କାର୍ଯ୍ୟଧାରାକୁ ଅଧିକ ଶକ୍ତିଶାଳୀ କରିବ ଏବଂ 'ବିକଶିତ ଓଡ଼ିଶା'ର ପରିକଳ୍ପନା ଅନୁଯାୟୀ ଓଡ଼ିଶାର ବିଦ୍ୟୁତ କ୍ଷେତ୍ରର ସଂସ୍କାର, ଶକ୍ତି ସୁରକ୍ଷା ଏବଂ ଗ୍ରାହକ-କେନ୍ଦ୍ରିତ ଶାସନରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ଶପଥ ଗ୍ରହଣ ସମାରୋହରେ ଶକ୍ତି ବିଭାଗ, ଓଏଚପିସି, ଗ୍ରୀଡ୍‌କୋ, ଓପିଟିସିଏଲ, ଓଇଆରସିର ବରିଷ୍ଠ ଅଧିକାରୀ ଏବଂ ବିଦ୍ୟୁତ କ୍ଷେତ୍ରର ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ୧୫ ଆଇପିଏସ୍‌ଙ୍କୁ...

ଆଇପିଏସ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ନିରୀକ୍ଷଣ ଶେଷର ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ ବାଧ୍ୟତାମୂଳକ ବୋଲି ମଧ୍ୟ କୁହାଯାଇଛି।

## ସ୍ନାତକ ପାଠ୍ୟକ୍ରମରେ ନାମଲେଖା...

କ୍ରମକୁ ଆସନ୍ତା ଜୁଲାଇ ମାସ ୧୦ ତାରିଖ (୧୦ ଜୁଲାଇ,୨୦୨୬ ରିଖ) ସୁଦ୍ଧା ଆରମ୍ଭ କରାଯିବାପାଇଁ ଲକ୍ଷ୍ୟ ରଖାଯାଇଛି।

## ବାହାରିନ୍‌ରେ ପହଞ୍ଚିଲା...

କରିଛନ୍ତି ଯେ ଆମେରିକାର କେତେକ ଲକ୍ଷ୍ୟ ଉପରେ ଆକ୍ରମଣ କରାଯାଇଛି। ଉଭୟ କେବଳ ଗୋଟିଏ ସ୍ଥାନ ଉଲ୍ଲେଖ କରିଛନ୍ତି। ତାହା ହେଉଛି ବାହାରିନର ରାଜଧାନୀ ମାନାମାରେ ଥିବା ୟୁ.ଏସ୍. ନାଭାଲ ସେଣ୍ଟ୍ରାଲ୍ କମାଣ୍ଡ ମୁଖ୍ୟାଳୟ। ଉଲ୍ଲେଖନୀୟ କଥା ହେଉଛି, ଖତମ୍ ଅଲ୍-ଅନବିଆ ହେଉଛି ଇରାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମରିକ କମାଣ୍ଡ। ଆଇଆରଜିସି ଅଧୀନରେ ଦେଶର ସଶସ୍ତ୍ର ବାହିନୀ, ପାରମ୍ପରିକ ସାମରିକ ଏବଂ ଗୁଇନ୍ଦା ଏଜେନ୍ସି ମଧ୍ୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ରଣନୈତିକ ପ୍ରତିରକ୍ଷା ଏବଂ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନର ସମନ୍ୱୟ ପାଇଁ ଖତମ୍ ଅଲ୍-ଅନବିଆ ସର୍ବୋଚ୍ଚ କେନ୍ଦ୍ର ବୋଲି କୁହାଯାଏ।

## ଏସ୍‌ଆଇଆର : ୧୨ ଦିନରେ...

ସମୟ ମଧ୍ୟରେ ଫର୍ମ ଦାଖଲ ନ କଲେ ଭୋଟର ତାଲିକାରୁ ନାମ ବାଦ୍ ପଡ଼ିବାର ସମ୍ଭାବନା ଥିବାରୁ ଏହାକୁ ଗୁରୁତ୍ୱର ସହ ନେବାକୁ ଭୋଟରମାନଙ୍କୁ ପରାମର୍ଶ ଦିଆଯାଇଛି।

# ପ୍ରଧାନମନ୍ତ୍ରୀଙ୍କ ପାଇଁ ରାଜ୍ୟ ବିଜେପି ପକ୍ଷରୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ସମୂହ ଦୀପଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ବୁଧବାର ଭାରତ ଇତିହାସରେ ଏକ ଗୌରବମୟ ଅଧ୍ୟାୟ ରଚନା କରିଛନ୍ତି । ୨୬ ମେ' ୨୦୧୪ ରୁ ଅଦ୍ୟାବଧି ଲଗାତାର ୧୨ବର୍ଷ ଅର୍ଥାତ୍ ୪୩୯୯ ଦିନ ଧରି ଲଗାତାର ଭାବେ ଦେଶ ସେବାରେ ସମର୍ପିତ ହୋଇ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ସର୍ବୋଚ୍ଚ ୪୩୯୮ ଦିନର ରେକର୍ଡ ଅତିକ୍ରମ କରି ଦେଶର ସବୁଠୁ ଅଧିକ ସମୟ ସେବା ଦେଇଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଇତିହାସ ସୃଷ୍ଟି କରିଛନ୍ତି । ଏହି ଗୌରବମୟ ଓ ଐତିହାସିକ ଉପଲବ୍ଧି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ହୃଦୟରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟ ସଭାପତି ମନମୋହନ ସାମଲ। ଏହି ଅବସରରେ ଓଡିଶା ପ୍ରଦେଶ ଭାରତୀୟ ଜନତାପାର୍ଟି ଓ ଭୁବନେଶ୍ୱର ଜିଲ୍ଲା ତରଫରୁ ଆଜି ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା ଓ ଦୀପଦାନ କରାଯାଇଛି । ଏଥି ସହ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ କରି ଶ୍ରୀ ଲିଙ୍ଗରାଜ ମନ୍ଦିର ନିକଟରେ ବୃକ୍ଷରୋପଣ କରିବା ସହିତ ଜନସାଧାରଣଙ୍କୁ ପଣା ବଂଟନ କରାଯାଇଥିଲା । ଏହା କେବଳ ଜଣେ ମହାନ ନେତାର ବ୍ୟକ୍ତିଗତ ଉପଲବ୍ଧି ନୁହେଁ ବରଂ ଏହା ୧୪୦କୋଟି ଦେଶବାସୀଙ୍କ ଅଦମ୍ୟ ବିଶ୍ୱାସ, ଅଫୁରନ୍ତ ସମର୍ଥନ ଓ ଆକାଂକ୍ଷାର ମହାବିଜୟ । ଏହି ଐତିହାସିକ ମୁହୂର୍ତ୍ତ ଆଗାମୀ ପିଢି ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିବ । ବିଗତ ୪,୩୯୮ ଦିନର ଏହି ଅତୁଳନୀୟ ଯାତ୍ରା 'ସେବା, ସୁଶାସନ, ସଂକଳ୍ପ ଓ ସମ୍ପୂର୍ଣ୍ଣ ସମର୍ପଣ'ର ଜୀବନ୍ତ ଉଦାହରଣ । ପ୍ରଧାନମନ୍ତ୍ରୀଜୀଙ୍କ ଦୂରଦ୍ରଷ୍ଟା ନେତୃତ୍ୱରେ କୋଟିକୋଟି ଗରିବ ପରିବାର ଆବାସ, ଶୌଚାଳୟ, ବିଦ୍ୟୁତ୍, ରନ୍ଧନ ଗ୍ୟାସ, ସ୍ୱାସ୍ଥ୍ୟ ସୁରକ୍ଷା ଓ ମାଗଣା ରାଶନ ଭଳି ଜୀବନ ଆଧାର ସୁବିଧା ପାଇ ଲାଭାନ୍ୱିତ ହୋଇଛନ୍ତି । ମହିଳା ସଶକ୍ତିକରଣ, ଯୁବ ଉନ୍ନୟନ, କୃଷକ ସମୃଦ୍ଧି, ଡିଜିଟାଲ ବିପ୍ଳବ, ଦ୍ରୁତ ଭିତିଭୂମି ବିକାଶ, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଓ ମହାକାଶ ବିଜ୍ଞାନରେ ଅଭୂତପୂର୍ବ ସଫଳତା ହାସଲ କରି ଭାରତ ବର୍ଷ ବିଶ୍ୱ ମଂଚରେ ଆତ୍ମବିଶ୍ୱାସ ଓ ସମ୍ମାନର ସହ ନୂତନ ଉଚ୍ଚତାରେ ଉଭା ହୋଇଛି । ବିକାଶ ଓ ବିରାସତ, ଆଧୁନିକତା ଓ ସଂସ୍କୃତି ମଧ୍ୟରେ ଏକ ଅଦ୍ଭୁତ ସନ୍ତୁଳନ ବଜାୟ ରଖି ମୋଦିଜୀ ଭାରତକୁ ଏକ ନୂତନ ପରିଚୟ ଦେଇଛନ୍ତି ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ'ର ପବିତ୍ର ଭାବନାକୁ ଚରିତାର୍ଥ କରି ବିକଶିତ ଭାରତ-୨୦୪୭ର ସ୍ୱର୍ଣ୍ଣିମ ସ୍ୱପ୍ନ ପୂରଣ ଦିଗରେ ମୋଦିଜୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଦୃଢ ସଂକଳ୍ପ ଭାରତକୁ ନିରନ୍ତର ଅଗ୍ରଗତି, ସମୃଦ୍ଧି ଓ ଅନ୍ତର୍ଜାତୀୟ ଗୌରବର ନୂତନ ଶିଖରରେ ପ୍ରତିଷ୍ଠିତ କରୁଥାଉ, ଏହା ମୋର କାମନା ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ରାଜ୍ୟ ସାଧାରଣ ସମ୍ପାଦିକା ଶ୍ରୀମତୀ ପୂର୍ଣ୍ଣିମା ପ୍ରିୟଦର୍ଶନୀ ନାୟକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ଜଗନ୍ନାଥ ପ୍ରଧାନ, ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଓ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବପିଢ଼ି କୃଷିକୁ ନବସୃଜନ, ଉଦ୍ୟୋଗ ଓ ରାଷ୍ଟ୍ର ଗଠନର କ୍ଷେତ୍ର ଭାବେ ଗ୍ରହଣ କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯୁବପିଢି କୃଷିକୁ କେବଳ ଏକ ପାରମ୍ପରିକ ବୃତ୍ତି ନ ଭାବି ନବସୃଜନ, ଉଦ୍ୟୋଗ ଓ ରାଷ୍ଟ୍ର ଗଠନର ଏକ ଗତିଶୀଳ କ୍ଷେତ୍ର ଭାବେ ଗ୍ରହଣ କରିବାକୁ ଓଡ଼ିଶାର ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି।

ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍ଚର୍ ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି) ପରିସରରେ ଇଣ୍ଡିଆନ ଚେମ୍ବର ଅଫ କମର୍ସ (ଆଇସିସି) ଓ ଓୟୁଏଟି ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଫୁଡ୍, ଏଗ୍ରି ଆଣ୍ଡ ବାୟୋଟେକ (ଓଇଇ) ସମ୍ମିଟ ୨୦୨୬ କୁ ଉଦଘାଟନ କରି ରାଜ୍ୟପାଳ ଉଦବୋଧନ ଦେଇ କହିଥିଲେ ଯେ, କୃଷିର ଭବିଷ୍ୟତ ଉଦ୍ଭାବକ, ଉଦ୍ୟୋଗୀ ଓ ସମସ୍ୟା ସମାଧାନକାରୀଙ୍କ ହାତରେ ଅଛି।

ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଆଜିର କୃଷି ପାରମ୍ପରିକ ଚାଷବାସରେ ସୀମିତ ନୁହେଁ। ଏଥିରେ ଏଗ୍ରିବିଜନେସ୍, ଖାଦ୍ୟ ପ୍ରକ୍ରିୟାକରଣ, ବାୟୋଟେକ୍ନୋଲୋଜି, ଫାର୍ମ ମେକାନାଇଜେସନ୍, ଡିଜିଟାଲ୍ ଏଗ୍ରିକଲ୍ଚର୍, ଏଗ୍ରି-ଷ୍ଟାର୍ଟଅପ୍, ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ ଓ ଭାଲ୍ୟୁ ଏଡେଡ୍ ଉଦ୍ୟୋଗ ଭଳି ଅନେକ ଉତ୍ସାହଜନକ ସୁଯୋଗ ରହିଛି ଓ ଏ ଦିଗରେ ଯୁବକ-ଯୁବତୀମାନଙ୍କୁ ଏହି ନୂତନ କ୍ଷେତ୍ରଗୁଡ଼ିକୁ ବ୍ୟବହାର କରି ରୋଜଗାର ସୃଷ୍ଟି ଓ ସମ୍ପଦ ନିର୍ମାଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ପୂର୍ବତନ ଉପରାଷ୍ଟ୍ରପତି ଶ୍ରୀ ଏମ୍. ଭେଙ୍କୟା ନାଇଡୁଙ୍କ ଉକ୍ତିକୁ ଉଦ୍ଧୃତ କରି ରାଜ୍ୟପାଳ କହିଥିଲେ ଯେ, କୃଷି ହେଉଛି ଆମ ଦେଶର ପ୍ରକୃତ ସଂସ୍କୃତି ଓ ଏହା ଦେଶର ଆର୍ଥିକ ଓ ସାମାଜିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ରାଜ୍ୟପାଳ କହିଥିଲେ।

ସଠିକ ଫାର୍ମିଂ, ଜଳବାୟୁ ସହିଷ୍ଣୁ କୃଷି, ବାୟୋଟେକ୍ନୋଲୋଜି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଡିଜିଟାଲ୍ ପ୍ଲାଟଫର୍ମ ଓ ଦକ୍ଷ ସପ୍ଲାଏ ଚେନ୍ ଭଳି ବୈଜ୍ଞାନିକ ଉଦ୍ଭାବନଗୁଡ଼ିକୁ କୃଷି ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ କରିବା ଉପରେ ରାଜ୍ୟପାଳ ଜୋର ଦେଇଥିଲେ। ଏହା ଦ୍ୱାରା ଉତ୍ପାଦନ, ସ୍ଥାୟୀତ୍ୱ ଓ କୃଷକଙ୍କ ଆୟ ବୃଦ୍ଧି ହେବ ବୋଲି ରାଜ୍ୟପାଳ କହିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ବିଶେଷକରି ମୁଦ୍ରା ଯୋଜନା ସମ୍ବନ୍ଧରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଷ୍ଟାର୍ଟଅପ୍, ଫାର୍ମର୍ ପ୍ରଡ୍ୟୁସର ଅର୍ଗାନାଇଜେସନ , ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ବାୟୋଟେକ ଉଦ୍ୟୋଗ ଓ ଗ୍ରାମୀଣ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେଉଥିବା କାର୍ଯ୍ୟକ୍ରମଗୁଡ଼ିକ କୃଷି ଉଦ୍ୟମିତା ଓ ଗ୍ରାମୀଣ ସମୃଦ୍ଧି ପାଇଁ ସହାୟକ ପରିବେଶ ସୃଷ୍ଟି କରୁଛି। ଆୟୋଜକମାନଙ୍କୁ ପ୍ରଶଂସା କରି ଏହି ସମ୍ମିଟ ର ଥିମ "ଫୁଡ୍, ଏଗ୍ରି-ଟେକ୍ ଓ ବାୟୋଟେକ୍ ଉଦ୍ଭାବନରେ ଜାତୀୟ ହବ ଭାବେ ଓଡ଼ିଶାର ଉତଥାନକୁ ତ୍ୱରାନ୍ୱିତ କରିବ" ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ। ଓୟୁଏଟି ଦ୍ୱାରା ପ୍ରକାଶିତ 'ହ୍ୟାଣ୍ଡବୁକ୍ ଅଫ୍ ଏଗ୍ରିବିଜନେସ୍ ଇନ୍ ଓଡ଼ିଶା'ର ପ୍ରକାଶନକୁ ପ୍ରଶଂସା କରି ଏହାକୁ କୃଷକ, ଷ୍ଟାର୍ଟଅପ, ଏଗ୍ରିପ୍ରେନର୍ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମୂଲ୍ୟବାନ ସମ୍ବଳ ହେବ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ୧୯୯୨ ପୁରୁଣା ପେନସନ ପାଇବାକୁ କର୍ମଚାରୀ ହକଦାର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସରକାରୀ ଇଞ୍ଜିନିୟରିଙ୍ଗ ବିଭାଗରେ ଡିଏଲଆର ଚାକିରୀରୁ ୱାର୍କଚାର୍ଜଡ ଓ ୱାର୍କଚାର୍ଜଡ଼ ରୁ ନିୟମିତ ଚାକିରୀ ନିର୍ବାହ କରି ଅବସର ନେଇଥିବା କର୍ମଚାରୀ ୧୯୯୨ ପ୍ରଚଳିତ ପେନସନ ଆଇନ ଅନୁସାରେ ପେନସନ ପାଇବାକୁ ହକଦାର ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ବିଭିନ୍ନ ଆଦେଶ ଆଧାରରେ ମାନ୍ୟବର ଓଡିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଶୁଣାଣି କରିଛନ୍ତି । ସୂଚନାନୁଯାୟୀ, ପୂର୍ତ୍ତ ବିଭାଗ ଅଧିନରେ ଜମିଲୁର ରହମନ ଓ ଅନ୍ୟ ଦୁଇ ଜଣ ଚାରି ଦଶନ୍ଧିରୁ ଊର୍ଦ୍ଧ ବର୍ଷ ଧରି ଡିଏଲ ଆର, ୱାର୍କଚାର୍ଜଡ଼ ଓ ନିୟମିତ ଭାବରେ ଚାକିରୀ ନିର୍ବାହ କରି ୨୦୨୪-୨୫ ମସିହାରେ ଯଥାକ୍ରମେ ଅବସର ଗ୍ରହଣ କରିଥିଲେ । ହେଲେ ସରକାର ଏମାନଙ୍କୁ ପେନସନ ପ୍ରଦାନରୁ ବଞ୍ଚିତ କରିଥିଲେ । ପେନସନ ପାଇବା ପାଇ ଜମିଲୁର ରହମନ ଓ ଅନ୍ୟ ଦୁଇ ଜଣ ମାନ୍ୟବର ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ । ଉକ୍ତ ମାମଲାକୁ ମାନ୍ୟବର ହାଇକୋର୍ଟ ବିଚାର କରି ସରକାରଙ୍କୁ ପ୍ରଦାନ କରିଥିବା ଆଦେଶ ଅନୁଯାୟୀ ଆବେଦନକାରିମାନେ ପେନସନ ପାଇବା ପାଇଁ ପୂର୍ତ୍ତ ବିଭାଗର କର୍ତ୍ତୃପକ୍ଷମାନଙ୍କୁ ଅବଗତ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିଭିନ୍ନ ନକାରାତ୍ମକ ମନ୍ତବ୍ୟ ଦେଇ ହାଇକୋର୍ଟଙ୍କ ଆଦେଶକୁ ଅଗ୍ରାହ୍ୟ କରିଦେଇଥିଲେ ଓ ଆବେଦନକାରୀଙ୍କୁ ଜଣାଇଥିଲେ । ତେବେ ଆବେଦନକାରୀମାନେ ଏହି ନିଷ୍ପତ୍ତିକୁ ଚାଲେଞ୍ଜ କରି ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ତ ହେବା ପରେ ମାନ୍ୟବର ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଜଣିଖିଆ ଖଣ୍ଡପୀଠ ଉକ୍ତ ମାମଲାକୁ ବିଚାର କରି ପେନସନ ପ୍ରଦାନ ବାବଦରେ ମାନ୍ୟବର ସୁପ୍ରିମକୋର୍ଟ ବିଭିନ୍ନ ସମୟରେ ଆଦେଶ ପ୍ରଦାନ କରିଥିବା ଆଦେଶ ଆଧାରରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଣୀ କରି ତିନି ମାସ ମଧ୍ୟରେ ପେନସନ ଓ ଅନ୍ୟାନ୍ୟ ସୁବିଧା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଆବେଦନକାରୀଙ୍କ ସହିତ ସମତୁଲ୍ୟ ଏହି ବର୍ଗର କର୍ମଚାରୀଙ୍କୁ ପେନସନ ପ୍ରଦାନରୁ ବଞ୍ଚିତ ନକରିବା ପାଇଁ ଉକ୍ତ ରାୟରେ ମଧ୍ୟ ଉଲ୍ଲେଖ କରିଛନ୍ତି । ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଅଧିବକ୍ତା ମନୋଜ କୁମାର ମିଶ୍ର ଓ ସହଯୋଗୀ ଅଧିବକ୍ତା ଦିଲ୍ଲୀପ ପଟନାୟକ ମାମଲା ପରିଚାଳନା କରୁଥିଲେ । ସଂଘ ନେତା ଗଗନ ଭଞ୍ଜ, ଜମିଲୁର ରହମନ ଓ କାର୍ଯ୍ୟ ନିର୍ବାହୀ କର୍ମକର୍ତ୍ତାମାନେ ଶ୍ରୀ ମିଶ୍ରଙ୍କୁ କୃତଜ୍ଞତା ଜଣାଇବା ସହ ଓଡ଼ିଶାର ଲୋକପ୍ରିୟ ସରକାର ବିଚାରଶୀଳ ହୋଇ ଟାଳଟୁଳ ନୀତି ଅବଲମ୍ବନ ନକରି ଅବିଳମ୍ବେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ କରି ପରିଣତ ବୟସରେ ବଞ୍ଚିବା ପାଇ ଗରିବ ବର୍ଗର ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ପ୍ରଦାନ କରିବା ପାଇଁ ସଂଘ ଆଶା କରେ ।

# ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗା ପକ୍ଷରୁ ଗ୍ରାମାଞ୍ଚଳର ପ୍ରତିଯୋଗୀ ପରୀକ୍ଷାର୍ଥୀଙ୍କୁ ପ୍ରସ୍ତୁତି ପୁସ୍ତକ ବିତରଣ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**




ଯୁବ ସଶକ୍ତିକରଣ ଓ ଶିକ୍ଷା କ୍ଷେତ୍ରରେ ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ଆଦିତ୍ୟ ଆଲୁମିନିୟମ୍ ଲାପଙ୍ଗା ପକ୍ଷରୁ 'ଜ୍ଞାନ ଅର୍ଜନ ପ୍ରକଳ୍ପ' ଅଧୀନରେ ସରକାରୀ ପ୍ରତିଯୋଗୀ ପରୀକ୍ଷା ପାଇଁ ନିଶୁଳ୍କ କୋଚିଂ ନେଉଥିବା ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତିମୂଳକ ପୁସ୍ତକ ବିତରଣ କରାଯାଇଛି। ଏହି କାର୍ଯ୍ୟକ୍ରମଟି ରେଙ୍ଗାଲି ଭିଏସଏସ୍ ଆଇଟିଆଇରେ ଚାଲୁଥିବା କୋଚିଂ କେନ୍ଦ୍ରରେ ଆୟୋଜିତ ହୋଇଥିଲା, ଯାହା ସମ୍ବଲପୁରସ୍ଥିତ ଭିରାଟ୍ ଇନଷ୍ଟିଚ୍ୟୁଟ୍‌ର ସହଯୋଗରେ ପରିଚାଳିତ ହେଉଛି। ବର୍ତ୍ତମାନ ରେଙ୍ଗାଲି ବ୍ଲକର ୪୧ ଜଣ ଗ୍ରାମୀଣ ଛାତ୍ରଛାତ୍ରୀ ଏହି ପ୍ରକଳ୍ପ ଅଧୀନରେ କୋଚିଂ ସୁବିଧା ପାଉଛନ୍ତି।

ଛାତ୍ରଛାତ୍ରୀମାନଙ୍କୁ ଗଣିତ, ଇଂରାଜୀ, ରିଜନିଂ ଏବଂ ସାଧାରଣ ଅଧ୍ୟୟନ ଭଳି ପ୍ରମୁଖ ବିଷୟ ଉପରେ ଆଧାରିତ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା, ଯାହା ସେମାନଙ୍କୁ ବିଭିନ୍ନ ସରକାରୀ ନିଯୁକ୍ତି ପରୀକ୍ଷା ପାଇଁ ନିଜ ପ୍ରସ୍ତୁତିକୁ ଆହୁରି ମଜବୁତ କରିବାରେ ସହାୟତା କରିବ। ଏହାସହିତ, ଲପଙ୍ଗା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆଉ ଏକ ବ୍ୟାଚର ୩୦ ଜଣ ଛାତ୍ରଛାତ୍ରୀ ମଧ୍ୟ ଜ୍ଞାନାର୍ଜନ ପ୍ରକଳ୍ପ ଅଧୀନରେ ନିଶୁଳ୍କ କୋଚିଂ ସୁବିଧାର ଲାଭ ଉଠାଉଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗା ଗ୍ରାମାଞ୍ଚଳର ଯୁବପିଢ଼ିଙ୍କ ପାଇଁ ଉତ୍ତମ ଶିକ୍ଷା ସୁଯୋଗ ସୃଷ୍ଟି, ନିଯୁକ୍ତିଯୋଗ୍ୟ କୌଶଳର ବିକାଶ ଏବଂ ସରକାରୀ ସେବା କ୍ଷେତ୍ରରେ ସଫଳ କ୍ୟାରିୟର ଗଠନର ସ୍ୱପ୍ନକୁ ସାକାର କରିବା ଦିଗରେ ନିଜର ନିରନ୍ତର ପ୍ରୟାସ ଜାରି ରଖିଛି। ଉକ୍ତ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନିୟମର ସିଏସଆର୍ ମୁଖ୍ୟ ରବି ନିୱାସ, ଓ ରେଙ୍ଗାଲି ଆଇଟିଆଇ ର ପ୍ରିନ୍ସିପାଲ୍ ଶ୍ରୀଯୁକ୍ତ ପଦ୍ମନାଭ ଭୋଇ ଉପସ୍ଥିତ ରହି ବିଦ୍ୟାର୍ଥୀ ମାନଙ୍କୁ ପୁସ୍ତକ ବିତର କରିବା ସହିତ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତରେ ଜଣେ ଭଲ ମଣିଷ ହେବେ ପାଇଁ ଉପଦେଶ ଦେଇ ଥିଲେ। ଏଭଳି ସାମାଜିକ ହସ୍ତକ୍ଷେପ ମାଧ୍ୟମରେ ଆଦିତ୍ୟ ଆଲୁମିନିୟମ୍ ଲାପଙ୍ଗା ନିଜ କାର୍ଯ୍ୟକ୍ଷେତ୍ର ଅଞ୍ଚଳରେ ସମାବେଶୀ ବିକାଶକୁ ପ୍ରୋତ୍ସାହନ ଦେବା ସହ ସମୁଦାୟମାନଙ୍କର ସାମାଜିକ-ଆର୍ଥିକ ଉନ୍ନତି ପାଇଁ ନୂତନ ସମ୍ଭାବନାର ଦ୍ୱାର ଉନ୍ମୁକ୍ତ କରୁଛି।

# ପୂର୍ବତଟ ରେଳପଥ ଦ୍ୱାରା ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ପାଳିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ନିଜ ସୀମା ମଧ୍ୟରେ ରେଳବାଇ ଲେଭଲ୍ କ୍ରସିଂ ଗୁଡ଼ିକରେ ନିରାପଦ ଆଚରଣକୁ ପ୍ରୋତ୍ସାହିତ କରିବା ଏବଂ ସଡ଼କ ବ୍ୟବହାରକାରୀଙ୍କ ଅସୁରକ୍ଷିତ ଅଭ୍ୟାସ ଯୋଗୁଁ ହେଉଥିବା ଦୁର୍ଘଟଣାକୁ ରୋକିବା ଉଦ୍ଦେଶ୍ୟରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ସହିତ ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ଗତକାଲି ପାଳନ କରିଛି। ଆନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ ଅଭିଯାନର ସ୍ଲୋଗାନ 'ଆଜି ସତର୍କ, କାଲି ସୁରକ୍ଷିତ', ସହିତ ଏହି ଦିବସ ପାଳନ କରାଯାଇଥିଲା, ଯେଉଁଥିରେ ରେଳ କ୍ରସିଂ ଗୁଡ଼ିକରେ ସତର୍କତା, ଧୈର୍ଯ୍ୟ ଏବଂ ଦାୟିତ୍ୱବାନ ଆଚରଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଦିବସ ପାଳନର ଏକ ଅଂଶ ସ୍ୱରୂପ, ସମଗ୍ର ଜୋନରେ ଥିବା ଲେଭଲ୍ କ୍ରସିଂ ଗେଟ୍, ରେଳ ଷ୍ଟେସନ, ଶିକ୍ଷାନୁଷ୍ଠାନ ଏବଂ ନିକଟବର୍ତ୍ତୀ ଜନବସତି ଗୁଡ଼ିକରେ ବ୍ୟାପକ ସୁରକ୍ଷା ସଚେତନତା ଅଭିଯାନ ଚଳାଯାଇଥିଲା। ରେଳବାଇ ଟ୍ରାକ୍ ଏବଂ ଲେଭଲ୍ କ୍ରସିଂ ପାର ହେବା ସମୟରେ ସୁରକ୍ଷିତ ଅଭ୍ୟାସ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ରେଳବାଇ ଅଧିକାରୀ, ସୁରକ୍ଷା ପରାମର୍ଶଦାତା, ସିଭିଲ୍ ଡିଫେନ୍ସ ସ୍ୱେଚ୍ଛାସେବୀ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଗାଡ଼ି ଚାଳକ, ପଦଯାତ୍ରୀ, ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ।

ସାର୍ବଜନୀନ ଘୋଷଣା, ସୁରକ୍ଷା ପୁସ୍ତିକା (ପାମ୍ଫଲେଟ୍) ବଣ୍ଟନ, ପୋଷ୍ଟର ପ୍ରଦର୍ଶନ, ପରାମର୍ଶ ଶିବିର, ସଚେତନତା ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଡ଼କ ବ୍ୟବହାରକାରୀଙ୍କୁ ଚେତାବନୀ ସଙ୍କେତ ଏବଂ ଗେଟ୍ ବ୍ୟାରିୟର ମାନିବା, ରେଳ ଧାରଣା ପାର ହେବା ପୂର୍ବରୁ ଅଟକିବା, ବେଆଇନ ଭାବେ ଟ୍ରାକ୍ ପାର ନହେବା ଏବଂ ରେଳ କ୍ରସିଂ ନିକଟକୁ ଆସିବା ସମୟରେ ମୋବାଇଲ୍ ଫୋନ୍ କିମ୍ବା ଇୟରଫୋନ୍ ବ୍ୟବହାର ନକରିବା ପାଇଁ ଶିକ୍ଷା ଦିଆଯାଇଥିଲା।

# ଉତ୍କଳିକା ପକ୍ଷରୁ ଡିଏନ୍ ରେଗାଲିଆ ମଲ୍‌ରେ ଏକ ନୂତନ ପ୍ରଦର୍ଶନୀ ଷ୍ଟଲ୍ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ 'ଉତ୍କଳିକା' ପକ୍ଷରୁ ଭୁବନେଶ୍ୱରସ୍ଥିତ ଡିଏନ୍ ରେଗାଲିଆ ମଲ୍ ରେ ଏକ ନୂତନ ପ୍ରଦର୍ଶନୀ ଷ୍ଟଲ୍ ର ଶୁଭ ଉଦ୍ ଘାଟନ ଅନୁଷ୍ଠିତ ହୋଇଯାଇଛି। ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ଏବଂ ଉପସଭାପତି ଦ୍ୱାରା ଏହି ପ୍ରଦର୍ଶନୀ ଷ୍ଟଲ୍ ର ଉଦ୍‌ଘାଟନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ କାରିଗରମାନଙ୍କ ଅନନ୍ୟ କଳାକୌଶଳର ପରିଚୟ ବହନ କରୁଥିବା ପ୍ରାମାଣିକ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ସଂଗ୍ରହ ପ୍ରଦର୍ଶିତ ହେଉଛି।

ଏହି ପ୍ରଦର୍ଶନୀ ଆସନ୍ତା ୧୬ ଜୁଲାଇ ୨୦୨୬ (ରଥଯାତ୍ରା) ପର୍ଯ୍ୟନ୍ତ ଚାଲିବ। ରଜ ଓ ରଥଯାତ୍ରା ଅବସରରେ ଗ୍ରାହକମାନଙ୍କ ପାଇଁ ହସ୍ତତନ୍ତ ସାମଗ୍ରୀ ଉପରେ ୨୦% + ୧୦% ଏବଂ ହସ୍ତଶିଳ୍ପ ସାମଗ୍ରୀ ଉପରେ ୧୦% ସ୍ୱତନ୍ତ୍ର ରିହାତି ସୁବିଧା ଉପଲବ୍ଧ କରାଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: EPC-CECONIIBBS 2026017, ତା.21.04.2026 ରିଖ ର

**ଶୁଦ୍ଧିପତ୍ର ସଂ.4**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାପ୍ରତି ଦୟାକରି ଧ୍ୟାନ ଦିଅନ୍ତୁ।

| ବିବରଣୀ | ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|---|
| ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ | 22.06.2026, 12:00 ଘଟିକା | 30.06.2026, 12:00 ଘଟିକା |

ଟେଣ୍ଡରଦାତାମାନେ ଅଧିକ ବିବରଣୀ ପାଇଁ ୱେବସାଇଟ: www.ireps.gov.in ପରିଦର୍ଶନ କରିପାରିବେ।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR - 88/CJ/26-27


# ସରକାରଙ୍କ ୧୨ ବିଫଳତା ବଖାଣିଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୪ ମାସରେ ରାଜ୍ୟ ସରକାରଙ୍କ ୧୨ ବିଫଳତା ବଖାଣିଲା ବିଜେଡି । ବିଜେଡିର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରେସ୍‌ମିଟ୍ କରି କହିଛନ୍ତି ଯେ, ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ଦେବାକୁ କହି ଭୁଲିଗଲେ ବୋଲି ବର୍ଷିଛନ୍ତି ରାଜା ସ୍ୱାଇଁ ।


**ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ**

**ଦୋକାନ ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ନୋଟିସ**

ଇ-ଟେଣ୍ଡର ନୋଟିସ ନମ୍ବର ଏନ୍‌ଆଇଟି/୧୪/୨୬/୨୨, ତାରିଖ: ଜୁନ୍ ୨, ୨୦୨୬

| କ୍ର. ସଂ. | ଇ-ଟେଣ୍ଡର ନମ୍ବର | ସଂକ୍ଷିପ୍ତ ବର୍ଣ୍ଣନା | ଟେଣ୍ଡର ବନ୍ଦ/ ଖୋଲିବା ତାରିଖ | କ୍ରୟ ପରିମାଣ |
|---|---|---|---|---|
| 1 | 03261106 | ଡବଲ ଆକ୍ଟିଂ ହାଇଡ୍ରୋଲିକ୍ ସକ୍ ଆବସରବର | 22.06.2026 | 2792 ନମ୍ବର |
| 2 | 08262029 | ଔଦ୍ୟୋଗିକ ଧାତୁ କଟିଂ ଗ୍ୟାସ୍ (ଏଲ୍‌ପିଜି) | 18.06.2026 | 153248 କେ.ଜି. |
| 3 | 01261441 | ଅନକପଲିଂ ଗିଅର ସହିତ ଉଚ୍ଚ ହାଇ ଟେନସାଇଲ୍ ଟ୍ରାଞ୍ଜିସନ୍ ସିବି କପଲର୍ | 25.06.2026 | 63 ଟି ସଂଖ୍ୟା |
| 4 | 03261373 | କନକଲ ଫର ସେଣ୍ଟର ବଫରକପଲର ଉପରେ ଆରଡିଏସ୍‌ଓ ଡ୍ରଇଂ | 24.06.2026 | 35630ନମ୍ବର |
| 5 | 03262440 | ପିଓଏଚ୍ କିଟ୍ ଫର କନ୍‌ଷ୍ଟାଣ୍ଟ କୋଣ୍ଟେକଟ୍ ପଲିୟୁରେଥ୍ରେନ ସାଇଡ୍ ବେୟରର ପ୍ୟାଡ୍ ଏ ସେମବ୍ଲି (ଡିଜାଇନ୍ ଏ) | 22.06.2026 | 29849ସେଟ୍ |
| 6 | 03261495 | ମଡିଫାଏଡ ଇଲାଷ୍ଟୋମୋରିକ ପ୍ୟାଡ୍ ଫର କସନାବ ବୋଗି | 23.06.2026 | 110735ନମ୍ବର |
| 7 | 04262388 | ସବମର୍ସିବଲ୍ କପର୍ କେବୁଲ୍ ଫ୍ଲାଟ୍ ୬ ବର୍ଗ ମିମି | 19.06.2026 | 20600 ମିଟର |
| 8 | 07263001 | ସଫ୍ଟ ବ୍ଲେଙ୍କେଟ୍ /ନେଭି ନୀଳ/ଗ୍ରେ ସେଡ୍ ଅଫ୍ ସୁପରିୟର କ୍ୱାଲିଟି ନରମ କମ୍ବଳ ଦୁଇଟି ଆକାରରେ ଟୁସାଇଜ୍ ୨୧୫ ସେମି x ୧୨୦ ସେମି | 29.06.2026 | 24839 ନମ୍ବର |
| 9 | 03262702 | ପ୍ରାଥମିକ ସ୍ପ୍ରିଂ | 30.06.2026 | 2792 ନମ୍ବର |
| 10 | 06265090 | ଲେଆଉଟ୍ ଆରଡିଏସ୍‌ଓ ଡିଆର୍‌ଜି.ନଂ.ଟି-4218 Alt.- 8 [ସଦ୍ୟତମ ପରିବର୍ତ୍ତନ ସହିତ] ଏବଂ 8.5 ଟର୍ଣ୍ଣଆଉଟ୍‌ରେ 1 ସହିତ ଅନୁରୂପ 60 କିଲୋଗ୍ରାମ 1 ରେ 12 ଟର୍ଣ୍ଣଆଉଟ୍ ପାଇଁ ପୃଥକ ସ୍ୱତନ୍ତ୍ର ପିଏସ୍‌ସି ସ୍ଲିପର ଉତ୍ପାଦନ ଏବଂ ଯୋଗାଣ। | 22.06.2026 | 37875 ମିଟର |
| 11 | 03262965 | ବିୟରପେଟ୍ ଫର ୟାକରପିନ୍ ସପୋର୍ଟ | 22.06.2026 | 16280 ସଂଖ୍ୟା |
| 12 | 05251315 | ଡିଜିଟାଲ୍ ମୋଡେମ୍ (ଏନ୍ x 64 କେବିପିଏସ୍) 2 ଏମ୍‌ବିପିଏସ୍ ପର୍ଯ୍ୟନ୍ତ (ଲାଇନ୍ ଡ୍ରାଇଭର) ଏବଂ ନିର୍ଦ୍ଦିଷ୍ଟକରଣ ସଂଖ୍ୟା ଆରଡିଏସଓ / ଏସ୍‌ପିଏନ୍/ ଟିସି/80 / 2020, ସଂଶୋଧନ 2.0। | 29.06.2026 | 295ଯୋଡ଼ା |
| 13 | 05261203A | ସେଲ 2ଭି 200ଏଏଚ୍ କ୍ଷମତା ଲିଡ୍ ଏସିଡ୍ | 25.06.2026 | 4876 ସଂଖ୍ୟା |
| 14 | 02264014 | ବ୍ରେକସୁ ମିଡିୟମ ଫସଫରସ ସୁ | 30.06.2026 | 39338 ସଂଖ୍ୟା |
| 15 | 06265039 | ନନ୍-ଲାଇନେୟର ଜଙ୍କସନ୍ ଡିଟେକ୍ଟର୍ | 23.06.2026 | 3 ସଂଖ୍ୟା |
| 16 | 03261003 | ସେଣ୍ଟରଲେସ୍ ଗ୍ରାଉଣ୍ଡ ପାଇଁ ହେଲିକାଲ୍ ସ୍ପ୍ରିଙ୍ଗ | 01.07.2026 | 581 ସଂଖ୍ୟା |
| 17 | 02263920A | ସେଟ୍ ଅଫ୍ ହାଇ କ୍ୟାପାସିଟି (୧୫୦୦ଏଏମ୍‌ପିଏସ୍) ଟ୍ରେକସନ ବ୍ରେକିଂ ସ୍କିଚ୍ ଡ୍ରମ୍ ଟାଇପ୍ (ସିଟିଏଫ୍ ୧.୨.୩.) ଫର ୬ପି ଅପରେସନ ଜି5/ ଜି7/ ଏମ୍4 ଲୋକୋ | 02.07.2026 | 11 ସେଟ୍ |

ଟେଣ୍ଡର ବନ୍ଦ / ଖୋଲିବା ସମୟ : ସକାଳ ୧୦:୩୦ ରେ ।

ଯେକୌଣସି ଟେଣ୍ଡର ପାଇଁ ସଂଶୋଧନ ଜାରି କରିବାର ଅଧିକାର ରେଳବାଇ ସଂରକ୍ଷଣ କରେ। ବିକ୍ରେତାମାନେ www.ireps.gov.in ରେ ସଂଶୋଧନ ଏବଂ ପ୍ରାସଙ୍ଗିକ ଇ-କ୍ରୟ ସୂଚନା ଦେଖିପାରିବେ।

ସହାୟକ ସାମଗ୍ରୀ ପରିଚାଳକ-III, ପ୍ରମୁଖ ମୁଖ୍ୟ ସାମଗ୍ରୀ ପରିଚାଳକ ପାଇଁ
ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ, ବିଳାସପୁର

CPR/10/175

ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ @secrail

ଉତ୍କଳ ଦୀପିକା

ଭୁବନେଶ୍ୱର, ୧୧ ଜୁନ୍, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ପ୍ରଧାନମନ୍ତ୍ରୀଙ୍କ ଶୁଭ ମନାସି ମହାପ୍ରଭୁଙ୍କ ଦର୍ଶନ ସହ କେନ୍ଦ୍ର ଆଇନ ମନ୍ତ୍ରୀ କଲେ ପୂଜାର୍ଚ୍ଚନା

**ପୁରୀ ୧୦।୬ ନ୍ୟୁଜ ବ୍ୟୁରୋ**

ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହିତ ସାନିଧ ଲାଭ କରିଛନ୍ତି କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ । ମହାପ୍ରଭୁଙ୍କ ଦର୍ଶନ ସାରି ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କେନ୍ଦ୍ର ଆଇନ ମନ୍ତ୍ରୀ କହିଛନ୍ତି, ବୁଧବାର ଭାରତ ବର୍ଷ ପାଇଁ ଏବଂ ଦେଶର ଗଣତନ୍ତ୍ର ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ଦିନ। ଭାରତ ବର୍ଷରେ ନିର୍ବାଚିତ ପ୍ରତିନିଧି ଭାବରେ ସର୍ବାଧିକ ଦିନ ପାଇଁ ପ୍ରଧାନମନ୍ତ୍ରୀ ରହିବାର ସୌଭାଗ୍ୟ ପାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏହି ସମୟରେ ଦେଶରେ ସୁଶାସନ ଓ ବିକାଶର ଧାରା ପ୍ରବାହ ହୋଇଛି । ତେଣୁ ଏଭଳି ଏକ ଦିନରେ ମହାପ୍ରଭୁଙ୍କ ପାଖରେ ଦେଶର ଓ



ପ୍ରଧାନମନ୍ତ୍ରୀଙ୍କର ଶୁଭ କାମନା କରିଛି ବୋଲି କହିଛନ୍ତି ମନ୍ତ୍ରୀ ।

ଦର୍ଶନ ପରେ ପ୍ରଧାନମନ୍ତ୍ରୀ ଶୁଭ କାମନା କରି ଅରୁଣ ସ୍ତମ୍ଭ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଏହାସହିତ କେନ୍ଦ୍ରମନ୍ତ୍ରୀ ଓ ସାଂସଦ ଏବଂ ବିଭିନ୍ନ ଶୁଭେଚ୍ଛୁମାନଙ୍କ ଜଗନ୍ନାଥ ତ୍ରାହିମାମ ଜଣାଣରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା ସିଂହଦ୍ୱାର। ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ସମେତ ବିଜେପି କର୍ମୀ ଓ ଶୁଭେଚ୍ଛୁ ମାନେ ଉପସ୍ଥିତ ରହିଥିଲେ।

# ରଥଖଳା ହାଲଚାଲ୍: ଚଉଦ ନାହାକା ବୁଲିବା ପାଇଁ ତିନିରଥ ଦଣ୍ଡାରେ ଖଦୀଓରା ସେଟିଂ ଶେଷ

**ପୁରୀ,୧୦/୦୬ ନ୍ୟୁଜ ବ୍ୟୁରୋ**

ଆଗେଇ ଚାଲିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ । ରଥ ନିର୍ମାଣରେ ଲାଗିଛନ୍ତି ମହାରଣା ସେବାୟତ । ଏହି କ୍ରମରେ ବୁଧବାର ଚଉଦ ନାହାକା ବୁଲିବା ପାଇଁ ତିନି ରଥ ଦଣ୍ଡାରେ ଖଦୀଓରା ସେଟିଂ ଶେଷ ହୋଇଛି । ଆଗେଇ ଚାଲିଛି ମହାପ୍ରଭୁ ରଥ ନିର୍ମାଣ କାର୍ଯ୍ୟ । ଚଉଦ ନାହାକା ବୁଲିବା ପାଇଁ ତିନିରଥ ଦଣ୍ଡାରେ ଖଦୀଓରା ସେଟିଂ ଶେଷ ହୋଇଛି । ଚାରି ନାହାକାରେ ତିନି ରଥର ପ୍ରଥମ ଭୂଇଁ ଚଉତା ବା ଛ'କାଠି ସଂଯୋଗ ଶେଷ ହୋଇଥିଲା । ପ୍ରଥମ ଭୂଇଁ ଫ୍ରେମ୍ ର ବାକି ଅଂଶ ଗୁଡ଼ିକ ଯଥା ଭୂଇଁ ଖାମ୍ବୀ ସଂଯୋଗ ହୋଇ ଚାରି ପାର୍ଶ୍ୱରେ ପାଖୁଡ଼ା ଗୁଡିକୁ ଧରି ରଖିବା ପାଇଁ ଚାରି ନାହାକା ଚତୁର୍ପାର୍ଶ୍ୱରେ ଚଉଦ ନାହାକା ଉଠିବା ପରେ ପ୍ରଥମ ଭୂଇଁ ଫ୍ରେମ୍ ଉଠିବା କାର୍ଯ୍ୟ ସମ୍ପନ୍ନ ହେବ । ବୁଧବାର ତିନି ରଥରେ ଚଉଦ ନାହାକା ବୁଲିବା କାର୍ଯ୍ୟକ୍ରମ ରହିଥିବାରୁ ତାର ପୂର୍ବ ପ୍ରସ୍ତୁତି ଶେଷ ହୋଇଛି । ଏଣୁ ଭୋଇ ସେବକ ମାନେ ତିନିରଥର ମହାରଣା ସେବକ ମାନଙ୍କୁ ଚାରି ଫୁଟ ଲମ୍ବର ନଡ଼ିଆ ଗର ବା ଖଦୀଓରା ଯୋଗାଇ ଦେବା ପରେ ମହାରଣା ସେବକ ମାନେ ସେହି ନଡ଼ିଆ ଗରର ଉଭୟ ପାର୍ଶ୍ୱକୁ ଚିତା କରି ପ୍ରତି ରଥରେ ୯ଟି ଲେଖାଏଁ ୨୭ ଗୋଟି ଖଦୀଓରା ବା ନଡ଼ିଆ ଗର ସେଟିଂ କାର୍ଯ୍ୟ ଶେଷ ହୋଇଛି । ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ସହଯୋଗୀ ମହାରଣା ଏବଂ ଭୋଇ ସେବକଙ୍କ ସହଯୋଗରେ ତିନି ରଥର ମଝି ଭୂଇଁ ବା ଦ୍ୱିତୀୟ ଭୂଇଁ ଫ୍ରେମ୍ ନିର୍ମାଣ ସହ ଶେଷ ହୋଇଛି । ଏଥିସହ ଦ୍ୱିତୀୟ ଭୂଇଁର ବିଭିନ୍ନ ଅଂଶ ଗୁଡ଼ିକର ନମ୍ବରିଂ କାର୍ଯ୍ୟ ତିନି ରଥର ମହାରଣାମାନେ ଶେଷ କରିଛନ୍ତି । ତାଳଧ୍ୱଜ ରଥ ମୁଖ୍ୟ ମହାରଣାଙ୍କ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କ ଅଣସର ତାଟି ଘର ପ୍ରସ୍ତୁତି ପାଇଁ ଆବଶ୍ୟକ



୩ଟି ୨୦ ଫୁଟିଆ ଅଣସର ଗୟଳ ନିର୍ମାଣ କାର୍ଯ୍ୟ ମଧ ଶେଷ କରିଛନ୍ତି। ରୂପକାର ସେବକମାନେ ତିନି ରଥ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ସହ ଚାରପରିଛାରେ ପାଞ୍ଚଟି ଲେଖାଏଁ ପଦ୍ମ ଫୁଲ ଚିତ୍ର ଖୋଦେଇ ସହ ପଦ୍ମ କଡ଼ି, ଡାଳି ଲତା ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି ।ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ଓଝା କମାର ସେବକମାନେ ତିନି ରଥର ଭୂଇଁ ବିଡ଼ିଆ କଣ୍ଟା ସହ ତେର ପରାସ୍ତ ପିତଳ ପାଇଁ ବାଗିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି । ଦୋଳବେଦୀ ଠାରେ ପାହି ମହାରଣା ମାନେ ଅଣସର ଏବଂ ରଥ ଯାତ୍ରା ସେବା ପୂଜା କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି । ରଥ ନିର୍ମାଣ ଅଗ୍ରଗତି ସମୀକ୍ଷା କରିଛନ୍ତି, ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ।

# ଦେବସ୍ନାନ ପୂର୍ଣ୍ଣିମା ପାଇଁ ମୁତୟନ ହେବେ ୭୨ ପ୍ଲାଟୁନ୍ ପୁଲିସ ବଳ



**ଭୁବନେଶ୍ୱର,୧୦।୬ ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଜୁନ୍ ୨୯ ତାରିଖରେ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀଜଗନ୍ନାଥଙ୍କ ପବିତ୍ର ଦେବାସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ମହାନ୍ ରଥଯାତ୍ରାର ଆଦ୍ୟ ସୋପାନ ଭାବେ ପରିଚିତ ଏହି ଉତ୍ସବକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବାକୁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ଯୋଜନା କରାଯାଇଛି । ଏନେଇ ବୁଧବାର କଟକ ସ୍ଥିତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକର ନିଷ୍ପତ୍ତି ଅନୁସାରେ, ସ୍ନାନପୂର୍ଣ୍ଣିମା ସମୟରେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଏଥର ମୋଟ ୭୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ।

ଏହି ବୈଠକରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତା କରିଥିଲେ। ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ, ଯାତାୟାତ ଏବଂ ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଶ୍ରୀମନ୍ଦିରର ରୀତିନୀତି ଅନୁଯାୟୀ ସ୍ନାନଯାତ୍ରା ସମେତ ଆଗାମୀ ରଥଯାତ୍ରା ସମୟରେ ଯେପରି କୌଣସି ତ୍ରୁଟିବିଚ୍ୟୁତି ନ ହୋଇ ସୁଚାରୁରୂପେ ସମ୍ପନ୍ନ ହେବ, ସେଥିପାଇଁ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଡିଜିପି ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଙ୍କ ଦ୍ୱାରା ସ୍ନାନଯାତ୍ରା ପରିଚାଳନା ସମ୍ପର୍କିତ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରାଯାଇଥିଲା।

ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବରିଷ୍ଠ ଅଧିକାରୀ ସ୍ତରରେ ୦୬ ଜଣ ଏସ୍‌ପି/କମାଣ୍ଡେଣ୍ଟ, ୧୭ ଜଣ ଅତିରିକ୍ତ ଏସ୍‌ପି, ୪୨ ଜଣ ଡିଏସ୍‌ପି ଏବଂ ୯୪ ଜଣ ଇନ୍‌ସପେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ୩୫୨ ଜଣ ଏସ୍‌ଆଇ/ଏଏସ୍‌ଆଇ, ୫୩ ଜଣ ହାବିଲଦାର, ୪୨୮ ଜଣ କନଷ୍ଟେବଳ ମୁତୟନ ହେବେ।

ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଏବଂ ସୁଦୃଢ଼ ବାରିକେଡ୍ ବ୍ୟବସ୍ଥା କରାଯାଇଛି। ଯାହା ଫଳରେ ଶ୍ରଦ୍ଧାଳୁମାନେ ଧାଡ଼ିରେ ଯାଇ ସହଜରେ ଦର୍ଶନ କରିପାରିବେ। ଶ୍ରୀମନ୍ଦିର ଭିତରେ, ଚାରିପାଖରେ ଏବଂ ସମସ୍ତ ବାରିକେଡ୍ ମଧ୍ୟରେ ଅତ୍ୟାଧୁନିକ ସିସିଟିଭି କ୍ୟାମେରା ସଂଯୋଗ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ତତ୍କାଳ ମୁକାବିଲା ପାଇଁ ବାରିକେଡ୍ ଏବଂ ମନ୍ଦିର ଭିତରେ ସ୍ୱତନ୍ତ୍ର କ୍ୱାକ୍ ଟିମ୍ ସଦାସର୍ବଦା ପ୍ରସ୍ତୁତ ରହିବେ। ପକେଟମାର୍ ଓ ଚେନ୍ ଲୁଟେରାଙ୍କୁ ରୋକିବା ପାଇଁ ସ୍ୱତନ୍ତ୍ର 'ଆଣ୍ଟି ସ୍ନାଚିଂ ସ୍କ୍ୱାଡ୍' ସହ ଆକସ୍ମିକ ସ୍ଥିତି ପାଇଁ 'ଷ୍ଟ୍ରାଇକିଂ ଫୋର୍ସ' ମୁତୟନ ରହିବେ। ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ଆର ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ପୁଲିସ କମିସନର (ଭୁବନେଶ୍ୱର-କଟକ) ଡ ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି) ରାଜେଶ କୁମାର, ଆଇଜିପି, ଟ୍ରେନିଂ, (ବିପିଏସପିଏ) ଅନୁପ କୁମାର ସାହୁ, ନିର୍ଦ୍ଦେଶକ (ଏସସିଆରବି) ଅବିନାଶ କୁମାର, ଆଇଜି (କେନ୍ଦ୍ରାଞ୍ଚଳ) ସତ୍ୟଜିତ ନାୟକ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିଆଇଜି (ଏସଟିଏଫ) ଡ କନୱର ବିଶାଳ ସିଂ, ଡିଆଇଜି (କାର୍ମିକ) ଯୁଗଳ କିଶୋର କୁମାର ବନୋଥ, ଡିଆଇଜି (କ୍ରାଇମବ୍ରାଞ୍ଚ) ବି ଗଙ୍ଗାଧରଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହାସହ ଆଭାସୀ ମାଧ୍ୟମରେ ଡିଆଇଜି (ପୂର୍ବାଞ୍ଚଳ) ପିନାକ ମିଶ୍ର, ଏସପି (ପୁରୀ) ପ୍ରତୀକ ସିଂ ପ୍ରମୁଖ ଯୋଗ ଦେଇଥିଲେ।

# ପିତୃତ୍ୱ ବିବାଦ ମାମଲା : ଡିଏନଏ ପରୀକ୍ଷା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



**ନୂଆଦିଲ୍ଲୀ, ୧୦/୦୬**

ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ଯେ, ପିତୃତ୍ୱ ବିବାଦରେ ଦୁଷ୍କର୍ମ ଅଭିଯୋଗ ମାମଲାରେ ଅଭିଯୁକ୍ତ ଦୋଷମୁକ୍ତ ହେବା ପରେ ମଧ ତାଙ୍କର ଡିଏନଏ ପରୀକ୍ଷା କରାଯାଇପାରିବ। କୋର୍ଟ କହିଛନ୍ତି, ପିତୃତ୍ୱ ବିବାଦ ମାମଲାରେ, କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇପାରିବେ। ଖଣ୍ଡପୀଠ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ, ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବା ପ୍ରମାଣିତ କରେ ନାହିଁ ଯେ ସମ୍ପୃକ୍ତ ବ୍ୟକ୍ତି ଜୈବିକ ପିତା ହୋଇପାରିବେ ନାହିଁ। ବିଚାରପତି ସଞ୍ଜୟ କାରୋଲ ଏବଂ ଏନ. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଆବେଦନକୁ ଖାରଜ କରି କହିଛନ୍ତି ଯେ, ଏକ ଫୌଜଦାରୀ ମାମଲାରେ ଦୋଷମୁକ୍ତ ହେବାର ଅର୍ଥ ଏହା ନୁହେଁ ଏହି ଯେ ଅଭିଯୋଗଗୁଡ଼ିକ ଯୁକ୍ତିଯୁକ୍ତ ଭାବେ ପ୍ରମାଣିତ ହୋଇପାରିବ ନାହିଁ। ଏହା ସୂଚିତ କରୁ ନାହିଁ ଯେ, ଦୁଇ ବୟସ୍କଙ୍କ ମଧ୍ୟରେ କୌଣସି ଜୈବିକ ସମ୍ପର୍କ ନଥିଲା। ତେଣୁ ପିତୃତ୍ୱର ପ୍ରଶ୍ନର ଉତ୍ତର ପାଇଁ ଯାଞ୍ଚ କରାଯାଇ ପାରିବ।

ପୁଅର ପିତା କିଏ ତାହା ଜାଣିବାର ଅଧିକାର ଅଛି। କୋର୍ଟ କହିଛନ୍ତି ଯେ ଏହି ମାମଲାରେ, ଗୋଟିଏ ପଟେ, ଆବେଦନକାରୀଙ୍କର ଗୋପନୀୟତାର ଅଧିକାର ଅଛି, ଅନ୍ୟପଟେ ଯୁବକଙ୍କର ତାଙ୍କ ଜୈବିକ ପିତାଙ୍କ ପରିଚୟ ଜାଣିବା ଏବଂ ଏହା ସହିତ ଜଡିତ ଆଇନଗତ ଅଧିକାର ଉପଭୋଗ କରିବାର ଅଧିକାର ଅଛି। ପିଲାଦିନରୁ ଯୁବକ ଜଣକ ତାଙ୍କ ମାଆଙ୍କୁ କହୁଥିବା ଶୁଣିଥିଲେ ଯେ ଆବେଦନକାରୀ ତାଙ୍କ ପିତା, ତଥାପି ଏହି ଦାବିକୁ ବିଭିନ୍ନ ସ୍ତରରେ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଯଦି ଏହି ପ୍ରଶ୍ନର ଉତ୍ତର ନମିଳିବ ତେବେ ସେ ପ୍ରକୃତରେ ଯେଉଁ ଅଧିକାର ପାଇବାକୁ ହକଦାର ସେଥିରୁ ବଞ୍ଚିତ ହୋଇପାରନ୍ତି।

ସୁପ୍ରିମକୋର୍ଟ କହିଛନ୍ତି, ଏହି ମାମଲାର ସମାଧାନ ପାଇଁ ଡିଏନଏ ପରୀକ୍ଷା ଜରୁରୀ, ତେଣୁ ଶୀର୍ଷକୋର୍ଟ ଆବେଦନକୁ ଖାରଜ କରି ଆବେଦନକାରୀଙ୍କୁ ଡିଏନଏ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପତ୍ତି, ଉତ୍ତରାଧିକାର ଏବଂ ପାରିବାରିକ ଅଧିକାର ସହିତ ଜଡିତ ମାମଲାରେ ଡିଏନଏ ପରୀକ୍ଷା ଗୁରୁତ୍ୱପୂର୍ଣ୍ଣ ପ୍ରମାଣ। ନିଷ୍ପତ୍ତି ନେବା ପୂର୍ବରୁ କୋର୍ଟଗୁଡ଼ିକୁ ଗୋପନୀୟତାର ଅଧିକାର ଏବଂ ବ୍ୟକ୍ତିଙ୍କର ପରିଚୟ ଜାଣିବାର ଅଧିକାର ମଧ୍ୟରେ ସନ୍ତୁଳନ ରଖିବାକୁ ପଡିବ।

ଏହି ବିବାଦ ୧୯୯୯ ମସିହାର। ଜଣେ ବ୍ୟକ୍ତି ନିଜକୁ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଦାବି କରିଥିଲେ, ଯିଏ ସେପ୍ଟେମ୍ବର ୧୯୯୯ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ମାଆ ଦାବି କରିଥିଲେ ଯେ ସେ ଆବେଦନକାରୀଙ୍କ ସହ ସମ୍ପର୍କରୁ ଜନ୍ମଗ୍ରହଣ କରିଛନ୍ତି। ତଥାପି, ଆବେଦନକାରୀ ପ୍ରଥମେ ପିତୃତ୍ୱକୁ ଅସ୍ୱୀକାର କରିଥିଲେ। ତାଙ୍କ ପକ୍ଷରେ, ଆବେଦନକାରୀ ଯୁକ୍ତି ଦେଇଥିଲେ ଯେ ମହିଳାଙ୍କ ଦ୍ୱାରା ଦାୟର କରାଯାଇଥିବା ଦୁଷ୍କର୍ମ ମାମଲାରେ ତାଙ୍କୁ ପୂର୍ବରୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ସେ ଏହା ମଧ ଯୁକ୍ତି ଦେଇଥିଲେ ଯେ, ପୂର୍ବର ଅନ୍ୟ ମାମଲା ଏବଂ କୋର୍ଟ ପର୍ଯ୍ୟବେକ୍ଷଣ ଯୋଗୁଁ ପିତୃତ୍ୱର ପ୍ରସଙ୍ଗ ପୁନର୍ବାର ଉଠାଯାଇପାରିବ ନାହିଁ।

ସାବାଳକ ହେବା ପରେ, ଯୁବକ ଜଣକ ସିଭିଲ୍ କୋର୍ଟରେ ଏକ ମାମଲା ଦାୟର କରିଥିଲେ, ଯେଉଁଥିରେ ସେ ଆବେଦନକାରୀଙ୍କ ଜୈବିକ ପୁତ୍ର ବୋଲି ଘୋଷଣା କରିବାକୁ ଅନୁରୋଧ କରାଯାଇଥିଲା ଏବଂ ତେଣୁ ତାଙ୍କ ସମ୍ପତ୍ତିରେ ଅଂଶ ପାଇବାକୁ ହକଦାର ଥିଲେ। ମାମଲାର ଶୁଣାଣି ସମୟରେ, ଟ୍ରାଏଲ୍ କୋର୍ଟ ଡିଏନଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଥିଲେ, ଯାହାକୁ ପରେ ଛତିଶଗଡ଼ ହାଇକୋର୍ଟ କାଏମ୍ ରଖିଥିଲେ। ତା'ପରେ ଆବେଦନକାରୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବିଜେଡିର ବିଧାୟକ ପ୍ରାର୍ଥୀଙ୍କ ସହ ସାଙ୍ଗଠନିକ ବୈଠକ

# ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କାମ ଆରମ୍ଭ କରିବାକୁ ନବୀନଙ୍କ ପରାମର୍ଶ

**ଭୁବନେଶ୍ୱର, ୧୦/୦୬ ନ୍ୟୁଜ ବ୍ୟୁରୋ**

ବୁଧବାର ଶଙ୍ଖ ଭବନଠାରେ ୨୦୨୪ ସାଧାରଣ ନିର୍ବାଚନରେ



ବିଧାୟକ ପ୍ରାର୍ଥୀ ମାନଙ୍କ ସହ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏକ ସାଙ୍ଗଠନିକ ବୈଠକରେ ଯୋଗ ଦେଇ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦଳର ସାଙ୍ଗଠନିକ ସ୍ଥିତି ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ମତ ବିନିମୟ କରିଥିଲେ । ଏହି ଅବସରରେ ବିଜୁ ଜନତା ଦଳ ସଭାପତି କହିଥିଲେ ଯେ ଗତ ଦୁଇ ବର୍ଷରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଷୁଡି ଯାଇଛି । ଜନ ସାଧାରଣ ଭୟରେ ରହିଛନ୍ତି । ହତ୍ୟା, ଧର୍ଷଣ, ଲୁଟ, ନାରୀ ନିର୍ଯାତନା ଆଦି ଅପରାଧ ସୀମା ଲଙ୍ଘି ସାରିଲାଣି । ଅର୍ଥନୈତିକ ଅବସ୍ଥା ଆହୁରି ଶୋଚନୀୟ ହୋଇ ପଡିଛି । ବିଜେଡି ସରକାର କ୍ଷମତାରୁ ଯିବା ସମୟରେ ୪୫ ହଜାର କୋଟି ଟଙ୍କାର ବଳକା ରାଜସ୍ୱ ଛାଡି ଯାଇଥିଲା ବେଳେ ଏବେ ରାଜ୍ୟର ଋଣ ଭାର ବଢି ଚାଲିଛି । ଦୁଃଖର କଥା ବୁଢାବୁଢୀ, ଭିନ୍ନକ୍ଷମ ମାନଙ୍କୁ ସାମାଜିକ ସୁରକ୍ଷା ପେନସନ୍ ମଧ ଏ ସରକାର ଅମଳରେ ମିଳୁନାହିଁ। ଓଡିଶା ଶାସନରେ ଏଭଳି ଅବ୍ୟବସ୍ଥା କୌଣସି ସରକାର ଅମଳରେ ଦେଖା ନଥିଲା ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେଡିର ୨୪ ବର୍ଷ ଶାସନ ସମୟରେ ଓଡିଶା ବିଭିନ୍ନ କ୍ଷେତ୍ରରେ ଭଲ କାମ କରି ସାରା ଦେଶରେ ନିଜର ଏକ ଉଜ୍ଜ୍ୱଳ ପରିଚୟ ସୃଷ୍ଟି କରିଥିଲା । ବିପର୍ଯ୍ୟୟ ପ୍ରଶମନ ଓ ଖାଦ୍ୟ ସୁରକ୍ଷା ଠାରୁ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡା, ଜଳସେଚନ, ଭିତ୍ତିଭୂମି ଆଦିର ବିକାଶ, ଚାଷୀ, ମହିଳା ଓ ଗରୀବ ଲୋକଙ୍କ କଲ୍ୟାଣ ପାଇଁ ଅନେକ ଭଲ କାମ କରିଥିଲା। ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଖେଇ ଆସିଲାଣି । ସେଥିପାଇଁ ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ପ୍ରସ୍ତୁତି ଆରମ୍ଭ କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ଏହା ସହିତ ସୋସିଆଲ ମିଡିଆ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ଚାଲିଥିବା ଏସଆଇଆର ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଏସଆଇଆର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ । ଅନ୍ୟ ରାଜ୍ୟରେ ଝଓଜ ସମୟରେ ଘଟିଥିବା ଘଟଣାବଳୀକୁ ଦୃଷ୍ଟିରେ ରଖି ଆମକୁ ସତର୍କ ଓ ସଜାଗ ରହି କାମ କରିବାକୁ ପଡିବ ବୋଲି କହିଥିଲେ । ସାମାନ୍ୟ ଟାଇପୋଗ୍ରାଫିକାଲ ଏରର ପାଇଁ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ୍ ନ ଯିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ସେ ପରାମର୍ଶ ଦେଇଥିଲେ । ସରକାରଙ୍କ ବିଫଳତା ବିଶେଷ କରି ମହିଳା ସଂରକ୍ଷଣ କ୍ଷେତ୍ରରେ ବିଜେପିର ଛଳନାପୂର୍ଣ୍ଣ ଆଚରଣର ବିରୋଧ କରି ବିଜୁ ଜନତା ଦଳ ପକ୍ଷରୁ ଚାଲିଥିବା ନାରୀ ଅଧିକାର ଅଭିଯାନର ବିପୁଳ ସଫଳତା ପରିବର୍ତ୍ତନର ସୂଚନା ଦେଉଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ଏବଂ ଏଥିପାଇଁ ଦଳୀୟ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଜେଡି ଡାକରାରେ ପ୍ରବଳ ଖରାରେ ହଜାର ହଜାର ମହିଳା ଘରୁ ବାହାରି ଯେପରି ନାରୀ ଅଧିକାର ଅଭିଯାନରେ ସାମିଲ ହୋଇଥିଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ମା' ମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସୂଚନାଯୋଗ୍ୟ ରାଜ୍ୟର ୧୨୦ ଟି ନିର୍ବାଚନ ମଣ୍ଡଳୀରେ ଏହି ଅଭିଯାନ ସଫଳତାର ସହ ଶେଷ ହୋଇଛି । ଦୀର୍ଘ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକକୁ ଦଳର ବରିଷ୍ଠ ଉପ-ସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର ସଞ୍ଚାଳନ କରିଥିଲେ ଏବଂ ବିଧାୟକ ପ୍ରାର୍ଥୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନଙ୍କ ମତାମତ ଦେଇଥିଲେ । ଏହି ବୈଠକରେ ବିଜେଡିର ସାଙ୍ଗଠନିକ କାର୍ଯ୍ୟକ୍ରମ, ବିଜେଡି ସରକାର ସମୟର ସଫଳତା ଓ ଏସ୍‌ଆଇଆର୍ ଉପରେ ଏକ ଉପସ୍ଥାପନା ମଧ କରାଯାଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୦/୦୬/୨୦୨୬
୬,୩୩,୩୯୩/- ଟଙ୍କା
ସୁନା:- ୦୦ ଗ୍ରାମ୍ ୬୦୦ ମିଲିଗ୍ରାମ
ରୂପା:- ୨୭ଗ୍ରାମ୍ ୦୦୦ ମିଲିଗ୍ରାମ


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Email : utkaldeepika2016@gmail.com
Vol-10 • Issue-49 • ୧୦-୧୬ June 2026 • Bhubaneswar • ମୂଲ୍ୟ ଟ ୨.୦୦
ସମୁଦ୍ରରେ ମିଶୁଛି କୁଢ଼ କୁଢ଼ ଆବର୍ଜନା, ନଷ୍ଟ ହେଉଛି ପ୍ରାକୃତିକ ପରିବେଶ
ଭାରତର ପ୍ରଜନନ ହାରକୁ ନେଇ ଚିନ୍ତା ପ୍ରକଟ କଲେ ଏଲନ ମସ୍କ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

